


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୩୦ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 MARCH 2025

Vol.No. 36 ■ No.84 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ମିଆଁମାରରେ ପୁଣି ଭୂମିକମ୍ପ


■ ୫.୧ ତୀବ୍ରତାରେ ଥରିଲା ରାଜଧାନୀ
■ ଭାରତ ପଠାଇଲା ରିଲିଫ୍ ସାମଗ୍ରୀ
■ ମୃତ୍ୟୁସଂଖ୍ୟା ୧୦୦୦କୁ ଉର୍ଦ୍ଧ୍ୱ





ନୂଆଦିଲ୍ଲୀ, ୨୯/୩ : ମିଆଁମାରରେ ପୁଣି ଭୂମିକମ୍ପ ଝଟକା। ୫.୧ ତୀବ୍ରତାରେ ଥରିଲା ରାଜଧାନୀ ସମେତ ଅନେକ ଅଞ୍ଚଳ। ଏହାର କେନ୍ଦ୍ରସ୍ଥଳ ନାପିଡୋ ସହରରେ ରହିଛି । ଲଗାତାର ଭୂମିକମ୍ପ ଅନୁଭୂତ ହେଉଥିବାରୁ ଭୟଭୀତ ହୋଇଛନ୍ତି ଲୋକେ । ଘରଦ୍ୱାର ଛାଡ଼ି ରାସ୍ତାକୁ ବାହାରି ଆସିଛନ୍ତି । ଶୁକ୍ରବାର ମିଆଁମାର ଓ ଥାଇଲାଣ୍ଡରେ ତାଣ୍ଡବ ରଚିଥିଲା ପ୍ରକୃତି । ଦୁଇ ଥର ଭୂମିକମ୍ପ ଝଟକାରେ ଛାରଖାର ହୋଇଛି ପଡୋଶୀ ଦେଶ । ପ୍ରଥମ ଝଟକା ଦିନ ୧୧.୫୦ ମିନିଟରେ ଲାଗିଥିଲା । ପରେ ୧୨.୦୨ ମିନିଟରେ ଦ୍ୱିତୀୟ ଝଟକା ଲଗିଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୭ ଓ ୭.୦ ରେକର୍ଡ କରାଯାଇଛି । ଏହାର କେନ୍ଦ୍ରସ୍ଥଳ ମାଣ୍ଡଲେ ସହରରୁ ପ୍ରାୟ ୧୭ କିଲୋମିଟର ମାଟି ତଳେ ରହିଛି । ମାଣ୍ଡଲେକୁ ଛାଡ଼ି ସଗାଇଂଗ, ରାଜଧାନୀ ନାପିଡୋ ସହର ସହିତ ଅନ୍ୟ ପ୍ରାନ୍ତରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏପଟେ ଭୂମିକମ୍ପରେ ଦୁଇ ଦେଶରେ ବର୍ତ୍ତମାନ ସୁଦ୍ଧା ହଜାରେରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୩୦୦ ଆହତ ହୋଇଛନ୍ତି । ଏବେବି ଶତାଧିକ ଲୋକ ଧ୍ୱଂସାବଶେଷ ତଳେ ଫସିରହିଛନ୍ତି । ମିଆଁମାରର ସେନା ସରକାର ଲୋକଙ୍କୁ ଉଦ୍ଧାର କରିବା ଲାଗିପଡ଼ିଛନ୍ତି । ସେପଟେ ଥାଇଲାଣ୍ଡରେ ମଧ୍ୟ ଭଗ୍ନାବଶେଷ ତଳୁ ଜୀବନ ଖୋଜା ଜାରି ରହିଛି । ଭୂମିକମ୍ପରେ ଛାରଖାର ହୋଇଛି ମିଆଁମାର । ଏଭଳି ସ୍ଥିତିରେ ଭାରତ ସହାୟତାର ହାତ ବଢ଼ାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମିଆଁମାର ସେନା ମୁଖ୍ୟଙ୍କ ସହ ଫୋନରେ କଥା ହୋଇ ସମସ୍ତ ପ୍ରକାରର ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପିଏମ୍ ମୋଦି ସୂଚନା ଦେଇଛନ୍ତି । ମିଆଁମାର ଜେନେରାଲ୍ ମିନ୍ ଅଙ୍ଗ୍ ହଲିଙ୍ଗଙ୍କୁ ମୋଦି ଆଶ୍ୱାସନା ଦେଇଛନ୍ତି । ଏହା ପୂର୍ବରୁ ଭାରତ ସରକାର ଅପରେସନ 'ବ୍ରହ୍ମା' ଜରିଆରେ ସେଠାକୁ ମାନବୀୟ ସହାୟତା, ରିଲିଫ ସାମଗ୍ରୀ ଏବଂ ଉଦ୍ଧାରକାରୀ ଦଳଙ୍କୁ ପଠାଯାଉଛି । ଭାରତ ସହାୟତା ପାଇଁ ମିଆଁମାରକୁ ୧୫ ଟନ୍ ରିଲିଫ୍ ସାମଗ୍ରୀ ପଠାଇଛି । ଭାରତୀୟ ବାୟୁସେନାର ହିଣ୍ଡନ ଷ୍ଟେସନରୁ ଏକ ଭାରତୀୟ ବାୟୁସେନା ବିମାନରେ ରିଲିଫ ସାମଗ୍ରୀ ପଠାଯାଇଛି । ରିଲିଫ ପ୍ୟାକେଜରେ ତମ୍ବୁ, ଶୋଇବା ବ୍ୟାଗ, କମ୍ବଳ, ପ୍ରସ୍ତୁତ ଖାଦ୍ୟ, ଜଳ ବିଶୋଧନକାରୀ, ସ୍ୱଚ୍ଛତା କିଟ୍, ସୋଲାର ଲ୍ୟାମ୍ପ, ଜେନେରେଟର ସେଟ୍ ଏବଂ ପାରାସିଟାମଲ, ଆଣ୍ଟିବାୟୋଟିକ୍, ସିରିଞ୍ଜ, ଗ୍ଲୋଭସ୍ ଏବଂ ବ୍ୟାଣ୍ଡେଜ୍ ରହିଛି ।

## ରାଜ୍ୟବ୍ୟାପୀ ଜବଦଖଲମୁକ୍ତ ହେବ ଜଗନ୍ନାଥଙ୍କ ଜମି: ୩ ମାସ ଭିତରେ ଆସିବ ନୂଆ ୟୁନିଫର୍ମ ଲ୍ୟାଣ୍ଡ ପଲିସି



ଭୁବନେଶ୍ୱର, ୨୯/୩ (ନି.ପ୍ର): ରାଜ୍ୟବ୍ୟାପୀ ଜବଦଖଲମୁକ୍ତ ହେବ ଜଗନ୍ନାଥଙ୍କ ଜମି, ଏଥିପାଇଁ ତିନି ମାସ ଭିତରେ ସରକାର ଆଣିବେ ନୂଆ ୟୁନିଫର୍ମ ଲ୍ୟାଣ୍ଡ ପଲିସି । ଦୀର୍ଘଦିନ ଧରି ରହି ଆସିଥିବା ଜଗନ୍ନାଥଙ୍କ ଜମିସମସ୍ୟା ସଂପର୍କରେ ଆଜି ବିଧାନସଭାରେ ଏଭଳି ବଡ଼ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ । କହିଛନ୍ତି ଜଗନ୍ନାଥ ଜମି ଜବରଦଖଲରେ ଥିବା ଲୋକଙ୍କ ଲ୍ୟାଣ୍ଡ ସେଟେଲମେଣ୍ଟ କରାଯାଇ ସେମାନଙ୍କୁ ରିହାତିରେ ୧୦୦ ଡିସିମିଲ ଜାଗା ଯୋଗାଇ ଦିଆଯିବ । ଜଗନ୍ନାଥ ଜମି ଜବର ଦଖଲକାରୀଙ୍କ ଉପରେ ସରକାରଙ୍କ ନଜର । ଦୁଇବର୍ଷରେ ତୁଟିବ ଜଗନ୍ନାଥ ଜମି ସମସ୍ୟା । ରାଜ୍ୟବ୍ୟାପୀ ଜଗନ୍ନାଥ ଜମି ବିବାଦର ବିବାଦ ତୁଟାଇବାକୁ ତିନିମାସ ମଧ୍ୟରେ ସରକାର ନୂଆ ୟୁନିଫର୍ମ ଲ୍ୟାଣ୍ଡ ପଲିସି ଆଣିବେ ଏବଂ ଏହାକୁ କ୍ୟାବିନେଟ୍ ଅନୁମୋଦନ ମିଳିବ ବୋଲି ଆଜି ଗୃହରେ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏଥିସହ ମନ୍ତ୍ରୀ କହିଛନ୍ତି ଯେଉଁମାନେ ଅଧିକ ବର୍ଷ ଜଗନ୍ନାଥଙ୍କ ଜମି ଜବରଦଖଲ କରିଥିବେ ସେମାନଙ୍କୁ ରାଜ୍ୟ ସରକାର ୧୦୦ ଡିସିମିଲ ଜାଗା ରିହାତି ଦରରେ ଯୋଗାଇ ଦେବେ । ରାଜ୍ୟର ୨୪ଟି ଜିଲ୍ଲାରେ ୬୦ ହଜାର ୪୨୬.୯୪ ଏକର ଜଗନ୍ନାଥଙ୍କ ଜମି ରହିଛି । ସେଥିରୁ ୩୮ ହଜାର ୬୧ ଏକର ଜମିର ସଂଶୋଧିତ ସତ୍ତ୍ୱଲିପି ରାଜ୍ୟ ସରକାରଙ୍କ ପାଖରେ ରହିଛି । ଯାହାର ଡିଜିଟାଇଜେସନ ପ୍ରକ୍ରିୟା ଜାରି ରହିଛି । ୨୨ ହଜାର ଏକର ଜମିର ଜଙ୍ଗଜ ବା ରେକର୍ଡ ଅଫ୍ ରାଇଟ୍ସ ଯୋଗାଡ଼ ଚାଲିଛି । ରାଜ୍ୟ ବାହାରେ ମଧ୍ୟ ୬ଟି ପ୍ରଦେଶରେ ୩୯୫.୨୫ ଏକର ଜଗନ୍ନାଥ ଜମି ରହିଛି । ଏଥିସହ କୋରାପୁଟରେ ୨୭ ହଜାର ୪୧୦ ଏକର ଜଗନ୍ନାଥ ଜମି ଚିହ୍ନଟ ହୋଇଥିବା ଏବଂ ଜିଲ୍ଲାରେ ଜବର ଦଖଲରେ ଥିବା ଜଗନ୍ନାଥ ଜମିକି ଜବରଦଖଲମୁକ୍ତ କରାଯାଇଥିବା ନେଇ ବି ପ୍ରଶ୍ନକାଳରେ ତଥ୍ୟ ରଖିଛନ୍ତି ଆଇନମନ୍ତ୍ରୀ । ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଓଡବ୍ଲ୍ୟୁଏସଏସବିର ସହକାରୀ ପ୍ରକଳ୍ପ ପରିଚାଳକ



ଭୁବନେଶ୍ୱର, ୨୯/୩ (ନି.ପ୍ର): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଓଡ଼ିଶା ଜଳ ଯୋଗାଣ ଏବଂ ସ୍ୱେରେଜ୍ ବୋର୍ଡ (ଓଡବ୍ଲ୍ୟୁଏସଏସବି)ର ସହକାରୀ ପ୍ରକଳ୍ପ ପରିଚାଳକ ଦେବାଶିଷ ସାହୁଙ୍କ ଘରେ ଭିଜିଲାନ୍ସ ଚଢ଼ଉ ଚାଲିଛି। ଆଜି ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ କରାଯାଉଛି। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଭୁବନେଶ୍ୱରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୭ ଜଣ ଡିଏସପି, ୯ ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଭୁବନେଶ୍ୱର, ଜଟଣୀ ଓ କଟକରେ ଏକକାଳୀନ ଚଢ଼ଉ କରାଯାଉଛି । ଖୋର୍ଦ୍ଧା ଜିଲ୍ଲା ଜଟଣୀର ମେନ୍ ରୋଡ୍ ସ୍ଥିତ ଦେବାଶିଷ ସାହୁଙ୍କ ବାସଗୃହ, ଭୁବନେଶ୍ୱରର ଆଇଗିଣିଆର ସୁକାନ୍ତି ଦେବୀ ଏନକ୍ଲେଭରେ ତାଙ୍କର ଭଡ଼ା ଘର,ଜଟଣୀର ସର୍ଦ୍ଦାର ପଟେଲ ମାର୍ଗରେ ଶ୍ରୀ ସାହୁଙ୍କ ଦୁଇ ମହଲା କୋଠା, ଜଟଣୀର ସର୍ଦ୍ଦାର ପଟେଲ ମାର୍ଗରେ ତାଙ୍କର ▶▶ପୃଷ୍ଠା ୭

## ଭିଆରଏସ୍ ନେଲେ ସୁଜାତା କାର୍ତ୍ତିକେୟନ: ରାଜନୀତି କରିବେ ନା ଓଡ଼ିଶା ଛାଡ଼ିବେ ?



ଭୁବନେଶ୍ୱର, ୨୯/୩ (ନି.ପ୍ର): ସ୍ୱାମୀ ପାଣ୍ଡିଆନଙ୍କ ଆଇଏଏସ୍ ଚାକିରି ଛାଡ଼ିଲେ ରାଜନୀତି କରିବେ ନା ଓଡ଼ିଶା ଛାଡ଼ିବେ। ସ୍ୱାମୀ ପାଣ୍ଡିଆନଙ୍କ ରାସ୍ତାରେ ଯାଇ ଆଇଏଏସ ସୁଜାତା କାର୍ତ୍ତିକେୟନଙ୍କ ଭିଆରଏସ ଆବେଦନକୁ କେନ୍ଦ୍ର ମଞ୍ଜୁର କରିଥିବା ସୂଚନାରୁ କଳ୍ପନାଜଳ୍ପନା । ନୂଆ ସରକାରରେ କୋଣଠେସା ହେବାରୁ ଦେଲେ ଭିଆରଏସ୍, କାରଣକୁ ନେଇ ଚର୍ଚ୍ଚା। ରାଜନୀତି କରିବେ ନା ଓଡ଼ିଶା ଛାଡ଼ିବେ ? ବିଜେଡିରେ ଯୋଗ ଦେବେ ନା ବିଦେଶ ପଳେଇବେ ? କାହିଁକି ଭିଆରଏସ୍ ନେଲେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ ? ନୂଆ ସରକାରରେ କୋଣଠେସା ହେବା ବାଧିଲା କି ? ୧୫ ଦିନ ତଳେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ୨୦୦୦ ବ୍ୟାଚର ଆଇଏଏସ୍ ସୁଜାତା ଆର୍ କାର୍ତ୍ତିକେୟନ କରିଥିବା ଆବେଦନକୁ କେନ୍ଦ୍ର ସରକାର ଗ୍ରହଣ କରିଥିବା ଜଣାପଡିଛି । ଯାହାକୁ ନେଇ ସୃଷ୍ଟି ହୋଇଛି ଏମିତି ପ୍ରଶ୍ନ, କଳ୍ପନାଜଳ୍ପନା। ନିର୍ବାଚନ ପରେ ପରେ ୬ ମାସିଆ ଛୁଟିରୁ ଫେରି ଗତ ନଭେମ୍ବର ▶▶ପୃଷ୍ଠା ୭


## ଜଳୁଛି ନେପାଳ: ଲୋକତନ୍ତ୍ର ବନାମ ରାଜତନ୍ତ୍ରର ଲଢ଼େଇ

ନୂଆଦିଲ୍ଲୀ, ୨୯/୩ : ୧୭ ବର୍ଷ ପରେ ନେପାଳରେ ଉଠିଛି ରାଜାଶାସନ ଦାବି । ରାଜାଙ୍କୁ ଆଣ, ଦେଶ ବଞ୍ଚାଅ ନାରାରେ ଆନ୍ଦୋଳନକୁ ଜୋର କରିଛନ୍ତି ବିକ୍ଷୋଭକାରୀ ଖାଲି ସେତିକି ନୁହେଁ ନେପାଳକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବାକୁ ପ୍ରତିବାଦକାରୀ ଦାବି କରିଛନ୍ତି । ଉତ୍ତେଜନା ସେତେବେଳେ ଆହୁରି ଅଧିକ ହୋଇଥିଲା, ଯେତେବେଳେ ପ୍ରଦର୍ଶନକାରୀ ସୁରକ୍ଷା ପ୍ରଚାରୀକୁ ଭାଙ୍ଗିବା ପାଇଁ ପ୍ରୟାସ କରିଥିଲେ । ବର୍ତ୍ତମାନ କାଠମାଣ୍ଡୁରେ ସେନାକୁ ମୁତୟନ କରାଯାଇଛି । ରାଜା ଆସିଲେ ପ୍ରତିବାଦ ତେଜିଲା, ନେପାଳରେ ରାଜାଶାସନ ଆଣିବାକୁ ବଡ ଧରଣର ବିକ୍ଷୋଭ କରିଥିଲେ ବିକ୍ଷୋଭକାରୀ । ନେପାଳ ଆର୍ମି ବର୍ତ୍ତମାନ ରାଜରାସ୍ତାକୁ ଓହ୍ଲାଇଛି । ୨୦୦୮ରୁ ନେପାଳରେ ସରିଥିଲା ରାଜାଶାସନ ଆସିଥିଲା ଲୋକତନ୍ତ୍ର ହେଲେ ଏବେ ପୁଣିଥରେ ନେପାଳବାସୀ ରାଜାଶାସନକୁ ଚାହୁଁଛନ୍ତି ।

## ଏୟାରପୋର୍ଟରୁ ଜୀବଜନ୍ତୁ ଉଦ୍ଧାର

ଭୁବନେଶ୍ୱର, ୨୯/୩ (ନି.ପ୍ର): ଭୁବନେଶ୍ୱର ଏୟାରପୋର୍ଟରୁ ଏକ ଆନ୍ତରାଷ୍ଟ୍ରୀୟ ଜୀବଜନ୍ତୁ ତସ୍କରୀ ଗ୍ୟାଙ୍ଗକୁ ଧରିଛି କଷ୍ଟମ ବିଭାଗ । ବ୍ୟାଂକକରୁ ଭାୟା ଭୁବନେଶ୍ୱର ଦେଇ ଚେନ୍ନାଇ ଚାଲାଣ ହେଉଥିଲା ସ୍ୱତନ୍ତ୍ର ଧରଣର ସାପ, କଇଁଛ ଓ ଝିଟିପିଟି । ତାମିଲନାଡୁର ଶଙ୍କର ମୁର୍ଗନ୍ ନାମକ ଜଣେ ବ୍ୟକ୍ତି ବ୍ୟାଗରେ ଏସବୁ ନେଇ ଯାଉଥିବା ବେଳେ, କଷ୍ଟମ ବିଭାଗ ଉଦ୍ଧାର କରିଛି । ସେଥିମଧ୍ୟରେ ୨ଟି ପ୍ରଜାତିର ୯ଟି ସାପ, ୧୦ଟି କଇଁଛ ଓ ୧୨ଟି ଝିଟିପିଟି ଅଛନ୍ତି। ମାମଲାରେ ତାମିଲନାଡୁର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି କଷ୍ଟମ ବିଭାଗ। ଏନେଇ ବନବିଭାଗକୁ ଖବର ଦିଆଯାଇଥିବା ବେଳେ, ଛାନବିନ୍ ଆରମ୍ଭ ହୋଇଛି। ଉଦ୍ଧାର ଜୀବଜନ୍ତୁ ସବୁ ନନ୍ଦନକାନନରେ ରଖାଯିବ ବୋଲି କଷ୍ଟମ ଅଧିକାରୀ ସୂଚନା ଦେଇଛନ୍ତି।

## ଛତିଶଗଡ଼ରେ ଯବାନଙ୍କ ଜୟଯାତ୍ରା: ଟଳିପଡ଼ିଲେ ୧୭ ମାଓବାଦୀ



ଛତିଶଗଡ଼, ୨୯/୩ : ଲାଲଗଡ଼ରେ ହିଂସାର ରାଜୁତି ଚଳାଇଥିବା ଲାଲବାହିନୀକୁ ଆଉ ନିସ୍ତାର ନାହିଁ। ଆଜି ପୁଣି ସଫା ହୋଇଯାଇଛନ୍ତି ୧୭ ନକ୍ସଲ। ଛତିଶଗଡ଼ର ସୁକମା ଜିଲ୍ଲା ଅପମ୍ପଲ୍ଲୀ ଜଙ୍ଗଲରେ ଖେଦି ଖେଦି ମାରିଛନ୍ତି ସୁରକ୍ଷାକର୍ମୀ। କେବଳ ଆଜି ନୁହେଁ, ଗତ ୩ ମାସ ହେଲା, ଯେଉଁଠୁ ଖବର ଆସିଛି, ସେଇଠି ପଶି ଧ୍ୱଂସ କରିଛନ୍ତି ନକ୍ସଲ ଆଡ୍ଡାକୁ। ନକ୍ସଲଙ୍କ ଅଭୟାରଣ୍ୟ ସାଜିଥିବା ଛତିଶଗଡ଼ରେ ଚାଲିଥିବା ମାଓ ଦମନ ଅପରେସନକୁ ଦେଖିଲେ ଲାଗୁଛି, ଗୃହମନ୍ତ୍ରୀ ଶାହଙ୍କ ଡେଡଲାଇନ୍ ▶▶ପୃଷ୍ଠା ୭

## ଫ୍ୟୁଚର ବାଲେଶ୍ୱର ତରଫରୁ ବିଶ୍ୱ ମୁଢ଼ି ଦିବସ ପାଳିତ




ବାଲେଶ୍ୱର, ୨୯/୩ (ନି.ପ୍ର): 'ଫ୍ୟୁଚର ବାଲେଶ୍ୱର' ଅନୁଷ୍ଠାନ ପକ୍ଷରୁ ଆଜି ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ଏକ ଅଭିନବ ପଦକ୍ଷେପ ସ୍ୱରୂପ ବାଲେଶ୍ୱରର ଘରେ ଘରେ ପ୍ରତିଦିନର ଜଳଖିଆଠାରୁ ରାତ୍ରି ଭୋଜନ ପର୍ଯ୍ୟନ୍ତ ମୁଢ଼ି (ଭୁଜା)କୁ ପ୍ରଚଳନ ଶତଶତବର୍ଷ ଧରି କରାଯାଇ ଆସିଥିବାରୁ ଏହି ମୁଢ଼ିକୁ ବିଶ୍ୱମୁଖୀ କରାଇବାରେ ଆଜିର ଦିନକୁ 'ବିଶ୍ୱ ମୁଢ଼ି ଦିବସ' ରୂପେ ପାଳନ କରାଯିବା ନିମନ୍ତେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା । ଫ୍ୟୁଚର ବାଲେଶ୍ୱରର ପ୍ରତିଷ୍ଠାତା ଆଡ଼ଭୋକେଟ ବିଜୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଧ୍ୱନିପ୍ରତିଧ୍ୱନିର ସଂପାଦିକା ସୈରିନ୍ଧ୍ରୀ ସାହୁ, ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନର ପ୍ରତିଷ୍ଠାତା ଡ. କାଳୀପଦ ପଣ୍ଡା, ରୂପାୟନର ପ୍ରତିଷ୍ଠାତ୍ରୀ ଶ୍ରଦ୍ଧାଞ୍ଜଳି ରାୟ, ପଣ୍ଡିତ ନିରଂଜନ ଦାଶ, ଯୁବନେତା ବିକ୍ରମ ପଣ୍ଡା, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଆଡଭୋକେଟ ସାଇରୁଲ ହକ୍ ପ୍ରମୁଖ ଏହାର ପ୍ରାସଙ୍ଗିକତା ଉପରେ ମତପୋଷଣ କରିଥିଲେ। ସମବେତ ଶତାଧିକ ବ୍ୟକ୍ତି ସମୂହ ମୁଢ଼ି ଖାଇବାରେ ସମ୍ମିଳିତ ହୋଇଥିଲେ । ତାପସ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସୃଷ୍ଟିଧର ପରିଡ଼ା, ବିଧାନ ଚନ୍ଦ୍ର ରାୟ, ଗୋବିନ୍ଦ ଭୋଇ, ଆଶ୍ରିତା ତରାଇ, ରଂଜନ ପାଣିଗ୍ରାହୀ, ଦୁକୁଳ ଚନ୍ଦ୍ର ଘଡ଼ାଇ, ସତ୍ୟେନ୍ଦ୍ର ଦାସ, ରାଜେନ୍ଦ୍ର ରାଉତ, ଜୟନ୍ତୀ ପରିଡ଼ା, ମୃତ୍ୟୁଞ୍ଜୟ ଜେନା, ଭବାନୀଶଙ୍କର ପଣ୍ଡା, ସୌମ୍ୟରଞ୍ଜନ ପାତ୍ର, ରାଜେନ୍ଦ୍ର ମହାନ୍ତି, ସୁଦୀପ୍ତ ପିଟର, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ରୁଜି ପଟ୍ଟନାୟକ, ଆଲୋକ ଦାସ ପ୍ରମୁଖ ଉପସ୍ଥିତ ରହି ଭାଗ ନେଇଥିଲେ।

## ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମହାଗଠନବନ୍ଧନରେ ତିକ୍ତତା: କିଏ ଲଢ଼ିବେ କେଉଁ ଆସନ ଛିଡୁନି ଭାଗବାଣ୍ଟ

ନୂଆଦିଲ୍ଲୀ, ୨୯/୩ : ବିହାର ବିଧାନସଭା ନିର୍ବାଚନ ପାଇଁ ଆରଜେଡି ଓ କଂଗ୍ରେସ ମଧ୍ୟରେ ମେଣ୍ଟ ହେବ ବୋଲି ଘୋଷଣା ହୋଇଥିଲେ ମଧ୍ୟ କିଛି ଆସନକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇପାରେ । ଗତ ୨୦୨୦ ନିର୍ବାଚନ ସମୟରେ କଂଗ୍ରେସକୁ ଏଭଳି ଆସନରେ ଲଢ଼ିବାକୁ ପଡିଥିଲା ଯେଉଁଥିରେ ଆରଜେଡି କିମ୍ବା କଂଗ୍ରେସ ଗତ ଦୁଇ ଦଶନ୍ଧି ଧରି କେବେ ହେଲେ ଜିତିନଥିଲେ । ବାଲ୍ମିକୀନଗର, ରାମନଗର, ବାଘା, ନୌତନ, ଛାନପଟିଆ, ରୌସ୍କଲ, ଗୋବିନ୍ଦଗଞ୍ଜ ପୂର୍ବ ଓ ପଶ୍ଚିମ ଚମ୍ପାରନ ଏହି ୭ଟି ବିଧାନସଭା ଆସନ ଯାହାକି ବର୍ଷ ବର୍ଷ ଧରି ଏନଡିଏ ଗଡ ବୋଲି କୁହାଯାଏ । ଗତ ୨୦୨୦ ବିଧାନସଭା ନିର୍ବାଚନରେ ଆରଜେଡି ମେଣ୍ଟ ବୁଝାମଣା ଅନୁସାରେ ଏହି ଆସନ କଂଗ୍ରେସ ଛାଡିଦେଇଥିଲା । ପରିଣାମ ସ୍ୱରୂପ କଂଗ୍ରେସ ଏହି ଆସନଗୁଡିରେ ଶୋଚନୀୟ ଭାବେ ପରାଜିତ ହୋଇଥିଲା । ଗତ ୨୦୨୨ ବିଧାନସଭା ନିର୍ବାଚନରେ କଂଗ୍ରେସ ୭୦ ବିଧାନସଭା ଆସନରେ ଲଢ଼ି ମାତ୍ର ୧୯ଟିରେ ବିଜୟୀ ହୋଇଥିଲା । କଂଗ୍ରେସର ଶୋଚନୀୟ ପରାଜୟ ହେତୁ ମହାଗଠବନ୍ଧନ କ୍ଷମତାକୁ ଆସୁ ଆସୁ ଝୁଣ୍ଟିଥିଲା ବୋଲି ଆରଜେଡି ତୁଙ୍ଗ ନେତାମାନେ ଅଭିଯୋଗ କରିଥିଲେ । ମାତ୍ର କଂଗ୍ରେସ ଲଢ଼ିଥିବା ୭୦ ବିଧାନସଭା ଆସନ ମଧ୍ୟରୁ ୩୫ଟି ଏପରି ଆସନ ଥିଲା, ଯାହାକୁ କଂଗ୍ରେସ କିମ୍ବା ଆରଜେଡି ଦଶନ୍ଧି ଧରି ଜିତିପାରୁନଥିଲେ । ତେଣୁ ଏଥରକ ଆସନ ବୁଝାମଣା ଆଲୋଚନା ▶▶ପୃଷ୍ଠା ୭

# ଚମ୍ପୁଆ ଶିଶୁ ମନ୍ଦିରରେ ପ୍ରଗତି ଉତ୍ସବ ଅନୁଷ୍ଠିତ

ଚମ୍ପୁଆ, ୨୯/୩ (ନି.ପ୍ର): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପ୍ରଗତି ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରଗତି ଉତ୍ସବ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କନ୍ଦର୍ପ ନାୟକ ଯୋଗଦେଇ ଜୀବନରେ ହାରି ଯାଇଥିବା ମଣିଷ କିପରି ସଫଳତା ପାଇ ପାରିଥାଏ ସେ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ପ୍ରଗତି ଉତ୍ସବର ଆଭିମୁଖ୍ୟ କଥନ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ସଦାନନ୍ଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ପରୀକ୍ଷା ପ୍ରମୁଖ ତୋଫାନ ଦାସ ବାର୍ଷିକ ପରୀକ୍ଷା ବିବରଣୀ ପାଠ କରିଥିଲେ । ଆଚାର୍ଯ୍ୟ ସରୋଜ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଷଷ୍ଠ ଶ୍ରେଣୀ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କର ପରୀକ୍ଷା ଫଳ ପ୍ରକାଶିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ନୂଆଗାଁ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗିରିଶ ଚନ୍ଦ୍ର ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀ ମାନେ କଠିନ ପରିଶ୍ରମ ଓ ନିଷ୍ଠାର ସହ ଅଧ୍ୟୟନ କଲେ ଦିନେ ନା ଦିନେ ସଫଳତା ପାଇପାରିବେ ବୋଲି ପ୍ରେରଣା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ ଓ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ କିପରି ଶୃଙ୍ଖଳାର ସହ ପାଠ ପଢି ଭଲ ମଣିଷ ହୋଇ ପାରିବେ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ପରୀକ୍ଷା ପ୍ରମୁଖ ସୁଶାନ୍ତ କୁମାର ଗିରି ବାର୍ଷିକ ପରୀକ୍ଷା ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ବିଭିନ୍ନ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକା ସହଯୋଗ କରିଥିଲେ ।

# ଅଖିଳ ଭାରତ ଯୁବ ସଂଘର କୋରାପୁଟ ଜିଲ୍ଲା ସମ୍ମିଳନୀ

ଜୟପୁର, ୨୯/୩ (ନି.ପ୍ର): ଜୟପୁର ଠାରେ କୋରାପୁଟ ଜିଲ୍ଲା ଅଖିଳ ଭାରତ ଯୁବ ସଂଘର ଜିଲ୍ଲା ସମ୍ମିଳନୀ ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏଆଇଓ୍ୱାଇଏଫ୍ ର ଝଣ୍ଡା ପୂର୍ବତନ ଯୁବ ସଂଘ ନେତା ଶ୍ରୀ ରାମକୃଷ୍ଣ ଦାସ ଉତ୍ତୋଳନ କରିବା ପରେ ସହୀଦ ବେଦୀରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଶ୍ରୀ ମଧୁ ଜାନୀ, ସତ୍ୟବ୍ରତ ନନ୍ଦ ଏବଂ ଶିବ ମୁଦୁଲିଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ । ସମ୍ମିଳନୀକୁ ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଓ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସମ୍ବୋଧିତ କରି ଶୁଭେଚ୍ଛା ଜଣାଇଥିଲେ । ଅଖିଳ ଭାରତ ଯୁବ ସଂଘ ଜିଲ୍ଲା ସମ୍ପାଦକ କୁମର ଜାନୀ ବିବରଣୀ ରଖିବା ପରେ ରାଜ୍ୟ ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ ରାଜ୍ୟ ଏବଂ ଦେଶରେ ଯୁବ ସମୂହ ସାମ୍ନା କରୁଥିବା ବେକାରୀ, ବେରୋଜଗାରୀ ସମସ୍ୟା ଉପରେ ଆଲୋକପାତ କରିବା ସହ ଯୁବ ସଂଘ ଆନ୍ଦୋଳନକୁ ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦେଶକୁ ଫାଶୀବାଦୀ ଶକ୍ତି କବଳରୁ ମୁକ୍ତ କରି ସମ୍ବିଧାନ ସୁରକ୍ଷା ସହ ସମାଜବାଦ ପ୍ରତିଷ୍ଠା ପାଇଁ ଅଭିଯାନ ଜାରି ରହିଥିବାକୁ ଆହ୍ୱାନ ଦେଇଛନ୍ତି। ଆଗାମୀ ମେ' ୧୭ ରୁ ଆନ୍ଧ୍ର ପ୍ରଦେଶର ତିରୁପତି ଠାରେ ଜାତୀୟ ସମ୍ମିଳନୀ ହେଉଥିବାରୁ କୋରାପୁଟ ଠାରେ ରାଜ୍ୟ ସମ୍ମିଳନୀ ମେ' ୭, ୮ ଦୁଇ ଦିନ ଧରି ହେବ । ଆଗାମୀ ଦିନ ପାଇଁ କୁମର ଜାନୀ ଓ ମଧୁ ଜାନୀ ସଭାପତି ଓ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ଏପ୍ରିଲ୍ ୧୭ ରେ ଜିଲ୍ଲାର ସମସ୍ତ ୧୪ ଟି ବ୍ଲକର ପ୍ରତିନିଧିଙ୍କୁ ନେଇ ପୂର୍ଣ୍ଣାଙ୍ଗ କମିଟି ଗଠିତ ହେବ । ଆଗାମୀ ଯୁବ ସଂଘ ରାଜ୍ୟ ସମ୍ମିଳନୀକୁ ସଫଳ ଭାବେ ଅନୁଷ୍ଠିତ କରିବା ପାଇଁ ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସତର ଜଣିଆ ଅଭ୍ୟର୍ଥନା କମିଟି ଗଠିତ ହୋଇଛି ।

# ଗଙ୍ଗାଧର ଶ୍ରାଦ୍ଧବାର୍ଷିକୀରେ ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ତିନୋଟି ପୁସ୍ତକ ଲୋକାର୍ପିତ



ବାଣୀବିହାର, ୨୯/୩ (ନି.ପ୍ର): ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ-ଶତବାର୍ଷିକୀର ଉଦଯାପନ ଓ ୧୦୧ତମ ଶ୍ରାଦ୍ଧ-ବାର୍ଷିକୀ ପାଳନ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ତିନୋଟି ପୁସ୍ତକ ଲୋକାର୍ପିତ ହୋଇଯାଇଛି। ପ୍ରଫେସର ମେହେରଙ୍କ ରଚିତ ରବୀନ୍ଦ୍ରନାଥ ଓ ଗଙ୍ଗାଧର ମେହେର ପୁସ୍ତକର ହିନ୍ଦୀ ଅନୁବାଦ କରିଛନ୍ତି, ବିଶିଷ୍ଟ ଅନୁବାଦକ ଶ୍ରୀଯୁକ୍ତ ନାରାୟଣ ମବତଓ୍ୱାଲ। ଗଙ୍ଗାଧର ମେହେରଙ୍କ ବାର ବର୍ଷ ବୟସର ପୁତ୍ର ଅର୍ଜୁନ ମେହେରଙ୍କ ଅକାଳ ବିୟୋଗ ଘଟିଯାଇଥିଲା। ଏହି ବିସ୍ମୃତି ଭିତରେ ହଜିଯାଇଥିବା ଚରିତ୍ରକୁ ନେଇ ପ୍ରଫେସର ମେହେର ରଚନା କରିଛନ୍ତି ଅର୍ଜୁନ ଅନୁଦାତ୍ତ। ଏହା ସହ ମୋ ଚିବୁକରେ ଗଙ୍ଗାଧରଙ୍କ ସ୍ନେହ ଚିହ୍ନ- ତିନୋଟି ପୁସ୍ତକର ଲୋକାର୍ପଣ କରିଛନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନ ଓଡ଼ିଆ ବିଭାଗର ପ୍ରାକ୍ତନ ବିଭାଗ-ମୁଖ୍ୟ ପ୍ରଫେସର ମନୋରଞ୍ଜନ ପ୍ରଧାନ। ସଭାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ। ଏହି ସଭାରେ ମୁଖ୍ୟ ଅତିଥି ପ୍ରଫେସର ମେହେରଙ୍କ ସମ୍ପର୍କରେ ନିର୍ମିତ ଓ୍ୱେବ୍ସାଇଟକୁ ମଧ ଉଦଘାଟନ କରିଥିଲେ। ପ୍ରାୟ ଷାଠିଏ ଜଣ ଛାତ୍ରଛାତ୍ରୀଙ୍କୁ ଗଙ୍ଗାଧର ମେହେରଙ୍କ ସମ୍ପର୍କରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବାରୁ ପୁରସ୍କାର ଓ ମାନପତ୍ର ବିତରଣ କରାଯାଇଥିଲା। ବିଭାଗ-ମୁଖ୍ୟ ଡକ୍ଟର ରୁଦ୍ରନାରାୟଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ମିନାକ୍ଷୀ।

# ଏସପି ପରେ ଏସପି ଡିଆଇଜି ଆସୁଛନ୍ତି ଯାଉଛନ୍ତି ହେଲେ ଧରିପାରୁନାହାନ୍ତି ବେଆଇନ ବନ୍ଧୁକ ଗୁଳି କାରବାରର ମୁଖ୍ୟଙ୍କୁ

ରାଉରକେଲା, ୨୯/୩ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାକୁ ଏସପି ପରେ ଏସପି, ଡିଆଇଜି ଓ ବହୁ କାମିକା ଅଫିସର ଆସି ଚାଲିଯାଉଛନ୍ତି, ହେଲେ ଗତ ପ୍ରାୟ ୧୫ ବର୍ଷ ଧରି ସମଗ୍ର ଜିଲ୍ଲା ସମେତ ରାଉରକେଲା ପୁଲିସ ଜିଲ୍ଲାରେ ଯେମିତି କଥା କଥାକେ ଗୁଳି ଫୁଟୁଛି ବନ୍ଧୁକ କାରବାର ବଢି ଚାଲିବା ସହ ଏବେ ବନ୍ଧୁକ ମୁନରେ ଅପରାଧ ଘଟିବା ଏକ ସାଧାରଣ ଘଟଣା ରାଉରକେଲା ଅଞ୍ଚଳରେ ହୋଇଛି । ଏନେଇ ବାରମ୍ବାର ଅଭିଯୋଗ ହେଲେ ପୁଲିସ କିଛି ଲୋକଙ୍କୁ ଧରୁଛି ଓ ବନ୍ଧୁକ ଗୁଳି ଜବତ କରୁଛି ହେଲେ ସେମାନଙ୍କ ଠାରୁ ଆଜିଯାଏ ତଥ୍ୟ ଆଦାୟ କରିପାରିଲା ନାହିଁ ସହରକୁ କେମିତି କେଉଁ ରାସ୍ତାରେ ଏସବୁ ଆସୁଛି ଓ ଏହାର ମୂଳ ଅପରାଧୀ ଓ ଚାଲାଣକାରୀ କିଏ । ଗତ କିଛି ଦିନ ଧରି ସହରରେ ଏଭଳି ଗୁଳିକାଣ୍ଡ ବଢିବା ସହ ବନ୍ଧୁକ ଓ ଗୁଳିକୁ ନେଇ ସହରରେ ଭୟ ସୃଷ୍ଟି ହେବାରେ ଲାଗିଛି । ଏହି ଖବର ପ୍ରଚାର ହେବା ପରେ ପୁଣି ପୁଲିସ କିଛି ଲୋକଙ୍କୁ ଯୋଗାଡ କରି କିଛି ବନ୍ଧୁକ ଯୋଗାଡ କରି ମିଡ଼ିଆ ଆଗରେ ଦେଖାଇଦେବ ବନ୍ଧୁକ ଗୁଳି ଧରା ପଡିଲା । କିନ୍ତୁ, ଏସବୁ କାରବାର କରୁଥିବା ଲୋକ ମାନେ କିଏ କେମିତି ଏଠାକୁ ଏସବୁ ଆସୁଛି ତା'ର ମୂଳ ଯାଗାରେ ପହଁଚି ପାରୁନାହିଁ ପୁଲିସ । ଏ ସମସ୍ୟା ଆଜିର ନୁହେଁ ଏହା ଧିରେ ଧିରେ ୧୫ ବର୍ଷ ତଳୁ ବଢି ଆଜି ଏଭଳି ସ୍ଥିତିରେ ପହଁଚିଛି । ରାଉରକେଲା ସେକ୍ଟର ୩ ଥାନା ଅଁଚଳରେ ୨ଟି ଗୁଳିକାଣ୍ଡ ପରେ ଟ୍ରାଫିକ ଗେଟ୍ ଗୁଳିକାଣ୍ଡ, ପରେ ପୁଣି ଗତକାଲି ଦେଓଗାଁ ଅଂଚଳରେ ଗୁଳିକାଣ୍ଡ ଘଟିଛି । ସେକ୍ଟର ଅଂଚଳର ୨ଟି ଘଟଣାରେ ଆଜିଯାଏ କେହି ଧରା ପଡିନଥିବା ବେଳେ ଟ୍ରାଫିକ ଗେଟ ଅଁଚଳର ଗୁଳିକାଣ୍ଡରେ ମଧ ପୁଲିସ କାହାକୁ ଧରିପାରିନାହିଁ। କିଛି ଦିନ ଗଲା ପରେ ପୁଣି ଗତକାଲି ଜଣକୁ ଦୁଇ ଜଣ ମୋଟର ସାଇକେଲରେ ଗୋଡାଇ ଗୋଡାଇ ଗୁଳି କରିବା ସହ ସେ ପଶିଯାଇଥିବା ଏକ ଢାବାର ରୁମକୁ ଗୁଳି କରିବା ଘଟଣା ସମଗ୍ର ରାଉରକେଲାରେ ଅପରାଧୀ ମାନଙ୍କୁ ନେଇ ଭୟ ସୃଷ୍ଟି ହୋଇଛି । ସହରରେ ନଲା ରୋଡ ଆଗରୁ ସବୁ ପ୍ରକାର କଳା କାରବାର ଲାଗି ପରିଚିତ ଥିବା ବେଳେ ଏଠାରୁ ଆତଙ୍କବାଦୀ ମାନେ ଧରା ପଡିବା କଥା ବି ଆଜିଯାଏ ଲୋକେ ଭୁଲି ନାହାନ୍ତି । ତେବେ ଏହି ଯାଗା ବନ୍ଧୁକ କାରବାର ଲାଗି ପ୍ରସିଦ୍ଧି ଲାଭ କରିଥିବା ବେଳେ ଏବେ ସହରର ଗଳି ଗଳିରେ ବନ୍ଧୁକ ଗୁଳି । ସହରରେ ଟ୍ରାଫିକ ଓ ଏମଭିଆଇ ଚେକିଂ ଅନେକ ଥର ହେଉଛି ହେଲେ ଆଜିଯାଏ ଥରେ ହେଲେ ଦିନ ହେଉ କିମ୍ବା ରାତିହେଉ ସନ୍ଦେହ ହେଉଥିବା ଲୋକଙ୍କୁ ବନ୍ଧୁକ ଗୁଳି ଓ ନିଶା କାରବାର ନେଇ ରାସ୍ତାରେ ତନଖି ହେଉଥିବା ଥରେ ହେଲେ ଦେଖାଯାଇନାହିଁ । ପୁଲିସ ପେଟ୍ରୋଲିଂ ଢିଲା ସାଙ୍ଗକୁ ଏଭଳି ଚେକିଂ ସନ୍ଦେହପୂର୍ଣ୍ଣ ଜାଗାରେ ହେଉନଥିବାରୁ ଅପରାଧୀ ମାନେ ପୁଲିସକୁ ଭୟ ନକରି ଦିନ ରାତି ବନ୍ଧୁକ ଧରି ବୁଲିବା ସହ ରାସ୍ତା ଉପରେ ଲୋକଙ୍କୁ ଗୋଡାଇ ଗୋଡାଇ ଗୁଳି କରିବାକୁ ଭୟ କରୁନାହାନ୍ତି । ଏଭଳି କାରବାରକୁ ଦେଖି କିଛି ଅପରାଧୀ ବନ୍ଧୁକ ଦେଖାଇ ଛକ ବଜାରରେ ଲୋକଙ୍କୁ ଭୟଭିତ କରିବାକୁ ମଧ ପଛାଉନାହାନ୍ତି । ଥାନା ଗୁଡିକରେ ପୋଷ୍ଟିଂ ହେଉଥିବା ବାବୁ ମାନେ ଥାନା ଭିତରେ ରହିଥିବା ବେଳେ ପିସିଆର ବାଲା କେବଳ ମୁଖ୍ୟ ରାସ୍ତାରେ ଡ୍ୟୁଟି କରିବା ସହ ଖୋଜିଥାନ୍ତି କେଉଁଠି ଗାଡି ଲଗାଇ ବସି ହେବ । ଏଭଳି କାରବାର ଯୋଗୁ ସହରରେ ଅପରାଧୀ ମାନଙ୍କର ପୁଲିସ ପ୍ରତି ଭୟ କମିଜିବା ସହ ଚୋରା ଗଞ୍ଜେଇ, ମଦ, ବ୍ରାଉନସୁଗାର ଭଳି ନିଶା କାରବାରକୁ ବଢାଇ ଚାଲିଛନ୍ତି । ସହରକୁ ଏବେ ବହୁଳ ପରିମାଣରେ ଚୋରା ବନ୍ଧୁକ ପଶିବାରେ ଲାଗିଛି । ଏହା ଝାଡ଼ଖଣ୍ଡ, ବିହାର ଆଦି ଅଂଚଳରୁ ସହରକୁ ପଶି ବେପାର ହେବାରେ ଲାଗିଛି, କୁହାଯାଉଛି ମାତ୍ର ୫ ହଜାରୁ ୭ ହଜାରରେ ହାତ ତିଆରି ଛ ରାଉଣ୍ଡ ବନ୍ଧୁକ ଅତି ସହଜରେ ମିଳିଯାଉଛି । ଫଳରେ ଆଜିକାଲିକା ପିଲା ମାନେ ପ୍ରାୟ ଏହାକୁ ଧରି ବୁଲିବାକୁ ସୁରକ୍ଷିତ ମଣୁଛନ୍ତି । ରାଉରକେଲାକୁ ଟ୍ରେନ ଓ ରାସ୍ତା ଦେଇ ବୀରମିତ୍ରପୁର, ବିଶ୍ରା ଦେଇ ବନ୍ଧୁକ ପଶୁଛି ବୋଲି କୁହାଯାଉଛି । ଏହି ବନ୍ଧୁକ ବେପାରୀ ମାନେ ରାଉରକେଲାରେ ସଫଳତା ଲାଭ କରିବା ପରେ ଏମାନେ ଏବେ ଭୁବନେଶ୍ୱର, କଟକ ଭଳି ଯାଗାରେ ନିଜ ବେପାର ଜମାଇଛନ୍ତି ବୋଲି କୁହାଯାଉଛି । ପୁଲିସ ଆଜିଯାଏ ଏହି କାରବାରର ମୁଖ୍ୟ ମାନଙ୍କ ପାଖରେ ପହଁଚି ପାରିନଥିବାରୁ ଏହି ମାରଣାସ୍ତ୍ର ବର୍ତମାନ ସାଧାରଣ ଛୁରୀ କଟା ଭଳି ରାଉରକେଲା ବଜାରରେ ବୁଲୁଛି । ଏହାକୁ ଯଦି ରୋକା ନଯାଏ ତେବେ ସ୍ଥିତି ଆଗକୁ ଅଧିକ ସଙ୍ଗୀନ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ରାଜ୍ୟ ଖାଦ୍ୟ ଆୟୋଗ କମିଟି ସଦସ୍ୟଙ୍କ ସମୀକ୍ଷା ବୈଠକ

ମାଲକାନଗିରି , ୨୯/୩ (ନି.ପ୍ର): ରାଜ୍ୟ ଖାଦ୍ୟ ଆୟୋଗ କମିଟି ସଦସ୍ୟ ସ୍ଥାନୀୟ ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। କମିଟି ସଦସ୍ୟ ଦୟାନିଧି ଦାସ ଓ ଅକ୍ଷୟ କୁମାର ବେହେରା ବିଭିନ୍ନ ବିଭାଗର ସମୀକ୍ଷା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ରାସନ୍ କାର୍ଡ ନିମନ୍ତେ ଇ- କେଓ୍ୱାଇସି କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ଯୋଗାଣ ବିଭାଗକୁ କମିଟି ନିର୍ଦ୍ଦେଶ ଦେଇଛନ୍ତି। ମାଲକାନଗିରି ଜିଲ୍ଲା ଗସ୍ତ କରି କମିଟି ପ୍ରକାଶ କରିଛନ୍ତି ଯେ ଜିଲ୍ଲାରେ ବସବାସ କରୁଥିବା ଜନଜାତି ସମୁଦାୟ ଅତ୍ୟନ୍ତ ନିରୀହ ଓ ସରଳ ବିଶ୍ୱାସୀ। ତେଣୁ ଜିଲ୍ଲାର ସମସ୍ତ ଉପାନ୍ତ ଅପହଂଚ ଅଂଚଳ ଓ ବିଶେଷ ଭାବେ ବଣ୍ଡାଘାଟୀ ଅଂଚଳରେ ବସବାସ କରୁଥିବା ଜନଜାତି ସମୁଦାୟ ଯେପରି ରାସନ୍ କାର୍ଡ ପାଇବା ସହ ପିଡିଏସ ଚାଉଳ ସୁବିଧାରେ ପାଇ ପାରିବେ ସେଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଦିନରେ ଅପହଂଚ ଅଂଚଳରେ ଚାଉଳ ଯୋଗାଇ ଦେବା ସହ ଡିଲର ପଏଣ୍ଟରୁ ହିତାଧୀକାରୀଙ୍କ ଗ୍ରାମକୁ ସାମଗ୍ରୀ ପହଂଚାଇବା ବ୍ୟବସ୍ଥା କରିବା ପାଇଁ ମଧ୍ଯ କୁହାଯାଇଛି । ଯଦ୍ୱାରା ଗରିବ ଲୋକଟିର ଦୁଃଖ ଲାଘବ ହୋଇ ପାରିବ ବୋଲି କମିଟି ମତ ରଖିଛନ୍ତି। ତତ୍ ସହିତ ପ୍ରତ୍ୟେକ ବ୍ଲକରେ ସ୍ପେଶିଆଲ ଡ୍ରାଇଭ୍ ମାଧ୍ୟମରେ ଯୋଗ୍ୟ ତଥା ପ୍ରକୃତ ସହାୟତାରୁ ବଂଚିତ ହେଉଥିବା ହିତାଧିକାରୀଙ୍କ ଚୟନ କରାଯାଉ ବୋଲି କମିଟି କହିଛନ୍ତି। ଏଥି ନିମନ୍ତେ ବିଡିଓ, ଯୋଗାଣ ସହାୟକ ଓ ଏମଆଇ ଙ୍କୁ ନେଇ ଏକ ନେଟଓ୍ୱର୍କ ଗଠନ କରିବାକୁ କୁହାଯାଇଛି । କର୍ମଚାରୀ ମାନଙ୍କୁ କ୍ଷେତ୍ର ଗସ୍ତ କରିବାକୁ ବାଧ୍ୟତାମୂଳକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜନଜାତି ବିଦ୍ୟାଳୟର ହୋଷ୍ଟେଲ ଗୁଡିକର ଟଏଲେଟ୍ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ପରିବେଶ ସ୍ୱଚ୍ଛତା, ପାନୀୟ ଜଳ ଓ ଖାଦ୍ୟର ଉତ୍ତମ ମାନ ଉପରେ ଗୁରୁତ୍ୱାରୋପ କରିବାକୁ କୁହାଯାଇଛି । ସେହିପରି ପ୍ରତ୍ୟେକ ବିଦ୍ୟାଳୟରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କମିଟି ଏହି ଗସ୍ତରେ ଚିତ୍ରକୋଣ୍ଡା ବଡପଡ଼ା ଏଜୁକେସନାଲ କ୍ୟାମ୍ପସ ପରିଦର୍ଶନ ରେ ଯାଇ ନିଜର ଖୁସି ବ୍ୟକ୍ତ କରିଛନ୍ତି ଏବଂ କହିଛନ୍ତି ଯେ ଏହିଭଳି ଅଭିନବ ଏଜୁକେସନାଲ କମ୍ପ୍ଲେକ୍ସ ଓଡ଼ିଶାରେ କ୍ୱଚିତ୍। ସେହିପରି ପାଙ୍ଗାମ୍ ସ୍ଥିତ ହାଇ ସ୍କୁଲ୍ ପରିଦର୍ଶନରେ ଯାଇ କମିଟି ପ୍ରଶଂସା କରିଛନ୍ତି। ଏହି ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସଦର ଏସିଏସଓ ମୁରୁଲି କ୍ରିଷ୍ଣା କମିଟିଙ୍କୁ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କମିଟି ପକ୍ଷରୁ ପ୍ରଭାସ କୁମାର ନାୟକ, ଏସିଏସଓ ପ୍ରଦୀପ ଦାସ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


## ପୌର ପରିଷଦ କାର୍ଯ୍ୟାଳୟ : ନବରଙ୍ଗପୁର

ପତ୍ର ସଂଖ୍ୟା : ୯୩୭ ତା:୨୯-୦୩-୨୦୨୫

### ବିଜ୍ଞାପନ

ଏତ ଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ନବରଙ୍ଗପୁର ପୌରପାଳିକା ଅଧିନସ୍ଥ ପ୍ରତାପ ସାଗର ବନ୍ଧ କୁ ୩ (ତିନି) ବର୍ଷ ସକାଶେ ଲିଜ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ମାନେ ୦୯ -୦୪-୨୦୨୫ ରିଖ ଦିବା ୧୧ଘଟିକା ମଧରେ ଜଉମୁଦ ନିବିଦା ସହ ଅମାନତ ପଇଠ ରସିଦ ସଂଲଗ୍ନ କରି ଟେଣ୍ଡର ବକ୍ସ ରେ ପକାଇବେ । ଟେଣ୍ଡର ଗୁଡିକ ସେହିଦିନ ଅର୍ଥାତ ତା ୦୯ - ୦୪-୨୦୨୫ ରିଖ ଦିବା ଘ ୧୨.୦୦ଣ୍ଟା ରେ ଟେଣ୍ଡର ପକାଇଥିବା ବ୍ୟକ୍ତି କିମ୍ବା ସେମାନଙ୍କ ମନୋନୀତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର କାଗଜାତ ପୌରପରିଷଦର କାର୍ଯ୍ୟାଳୟର ଛୁଟି ଦିନ ବ୍ୟତୀତ ନିର୍ଦ୍ଧାରିତ ମୂଲ୍ୟରେ ଏହି ପ୍ରକାଶନ ଦିନ ଠାରୁ ତା ୦୮ -୦୪-୨୦୨୫ ରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟ ଦିବସ ଏବଂ ସମୟ ମଧରେ ପାଇପାରିବେ । କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ବା ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ ନୁହନ୍ତି । ଉକ୍ତ ପୋଖରୀଟିର କେଉଁ ସମୟରେ ପୁନଃରୁଦ୍ଧାର କାର୍ଯ୍ୟ ହୋଇପାରେ, ପୁନଃରୁଦ୍ଧାର କାର୍ଯ୍ୟ ସରିଲେ ଯେତେଦିନ କାର୍ଯ୍ୟ ବନ୍ଦ ଥିବା ସେତେଦିନ ବର୍ଦ୍ଧିତ କରାଯିବ । କତୃପକ୍ଷ କାରଣ ନ ଦର୍ଶାଇ ସମସ୍ତ ଟେଣ୍ଡରକୁ ରଦ୍ଦ ବା ନାକଚ କରିପାରିବ । ଉକ୍ତ ଟେଣ୍ଡର ସମନ୍ଧୀୟ ସମସ୍ତ ବିବରଣୀ ଏବଂ ସର୍ତ୍ତାବଳୀ ଇତ୍ୟାଦି ପୌର ପରିଷଦ କାର୍ଯ୍ୟାଳୟରେ ପାଇପାରିବେ। ଯଦି ପୌର ପାଳିକାର ସର୍ତ୍ତରେ ଖିଲାପ ନହେବ ତେବେ ତାହାକୁ ଆଉ ୨ ବର୍ଷ ବର୍ତ୍ତମାନ ନିର୍ଦ୍ଧାରିତ କରାଯାଇଥିବା ଦରର ବର୍ଦ୍ଧିତ ୫୦ ପ୍ରତିଶତ (୫୦%)ବର୍ଦ୍ଧିତ କରାଯିବ ଯାହାକି ପୌର ପରିଷଦ ବୈଠକର ନିଷ୍ପତ୍ତି ପ୍ରକାରେ ।

| କ୍ର. ସଂଖ୍ୟା | ସଇତାର ନାମ | ଲିଜ ସମୟ କାଳ ତାରିଖ | ନିର୍ଦ୍ଧାରିତ ଦର | ପ୍ରଥମ ଅମାନତ ମୂଲ୍ୟ | ଟେଣ୍ଡର କାଗଜର ଦାମ | ଲିଜ ସମୟ କାଳୟ | ମନ୍ତବ୍ୟ |
|---|---|---|---|---|---|---|---|
| ୦୧ | ପ୍ରତାପ ସାଗର ବନ୍ଧ | ୦୧-୦୫-୨୦୨୫ ଠାରୁ ୩୦-୦୪-୨୬ ପର୍ଯ୍ୟନ୍ତ | ୬୦,୦୦୦ | ୬୦୦୦ | ୩୦୦୦ | ୩ ବର୍ଷ | ୧.୫୦ ଏକ ଲକ୍ଷ ପଚାଶ ହଜାର ଟଙ୍କାର Bank Guarantee |
| | | ୦୧-୦୫-୨୦୨୬ ଠାରୁ ୩୦-୦୪-୨୭ ପର୍ଯ୍ୟନ୍ତ | ୬୬,୦୦୦ | ୬୬୦୦ | | | |
| | | ୦୧-୦୫-୨୦୨୭ ଠାରୁ ୩୦-୦୪-୨୮ ପର୍ଯ୍ୟନ୍ତ | ୭୨,୬୦୦ | ୭୨୬୦ | | | |
| | | | ୧,୯୮,୬୦୦ | ୧୯,୮୬୦ | ୩୦୦୦ | | |

ନିର୍ବାହୀ ଅଧିକାରୀ
ପୌର ପାଳିକା ନବରଙ୍ଗପୁର
ତା: ୨୯-୦୩-୨୦୨୫

OIPR: 13230/11/0002/2425


# ଷ୍ଟାଣ୍ଡପୋଷ୍ଟ ବସିବାର ଛଅ ମାସ ପରେବି ମିଳୁନି ପାଣି

ଚମ୍ପୁଆ, ୨୯/୩ (ନି.ପ୍ର): ଚମ୍ପୁଆ ବ୍ଲକରେ ପ୍ରତି ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାପାଇଁ କୋଦଗାଡ଼ିଆ ପଂଚାୟତ ଅନ୍ତର୍ଗତ ମିରିଗସିଙ୍ଗା ବୈତରଣୀ ନଦୀ କୂଳରେ ବସୁଧା ଯୋଜନାରେ କୋଟି କୋଟି ଟଙ୍କା ବିନିମୟରେ ଏକ ମେଗା ପ୍ରକଳ୍ପ ନିର୍ମାଣ ସରିଥିବା ବେଳେ ପ୍ରକଳ୍ପରୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ପ୍ରତି ପଂଚାୟତରେ ଓଭର ହେଡ଼ ପାଣି ଟାଙ୍କି ମଧ ନିର୍ମାଣ କରା ଯାଇଛି। ଏହି ଟାଙ୍କି ଗୁଡ଼ିକରୁ ଗ୍ରାମର ପ୍ରତି ଘରକୁ ପାଇପ ପାଣି ଯୋଗାଣ ପାଇଁ ଲକ୍ଷ ରଖା ଯାଇ ପ୍ରତି ଗ୍ରାମର ଘରକୁ ଘର ସଂଯୋଗ କରାଯାଇ ଷ୍ଟାଣ୍ଡପୋଷ୍ଟ ଲଗାଯାଇଛି। କିନ୍ତୁ ଷ୍ଟାଣ୍ଡପୋଷ୍ଟ ଗୁଡିକୁ ପାଣି ସଂଯୋଗ କରାଯାଉ ନ ଥିବାରୁ ଏହି ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଖବର ଅନୁସାରେ, ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମର ହୁଡ଼ିସାହି। ଏହି ସାହିରେ ଦଶରୁ ଉର୍ଦ୍ଧ ଆଦିବାସୀ ପରିବାର ରହୁଥିବା ବେଳେ ଏଠାରେ ପ୍ରାୟ ସବୁ ସମୟରେ ପାଣି ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ଲୋକେ। ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ଦୀର୍ଘ ଛଅ ମାସ ହେଲାଣି ବସୁଧା ଯୋଜନାରେ ଷ୍ଟାଣ୍ଡ ପୋଷ୍ଟ ଲାଗିଥିଲେ ମଧ ସାହି ବାସୀ ଏପର୍ଯ୍ୟନ୍ତ ପାଣି ମୁନ୍ଦାଏ ପାଇ ପାରିଲେ ନାହିଁ। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାକୁ ଲାଗିଥିବାରୁ ନିକଟସ୍ଥ ପୋଖରୀ ମଧ ଶୁଖିବାକୁ ବସିଲାଣି। ସାହିରେ ଦୀର୍ଘ ବର୍ଷରୁ ବସିଥିବା ଏକ ପୁରୁଣା ନଳକୂପ ସାହିବାସୀଙ୍କ ପାଇଁ ପାଲଟିଛି ଏକ ମାତ୍ର ସାହା ଭରସା। କିନ୍ତୁ ଏହି ନଳକୂପ ମଧ ଆବଶ୍ୟକ ଅନୁଯାୟୀ ପାଣି ଦେଉ ନ ଥିବାରୁ ପାଣି ସମସ୍ୟା ଏବେ ସାହିବାସୀଙ୍କ ଚିନ୍ତାର କାରଣ ପାଲଟିଛି। ଏ ସମ୍ପର୍କରେ ବାରମ୍ବାର ରଜିଆ ସରପଂଚ ଏବଂ ବିଭାଗୀୟ ଅଧିକାରୀଙ୍କୁ କହିବା ପରେ ପ୍ରାୟ ଏକ ସପ୍ତାହ ପାଣି ଯୋଗାଇ ଦିଆ ଯାଇଥିଲା। କିନ୍ତୁ ଗତ ପାଂଚ ଦିନରୁ ଉର୍ଦ୍ଧ ହେବ ସାହିର ଶେଷ ମୁଣ୍ଡରେ ଥିବା ପାଣି ପାଇପ ଫାଟି ଯାଇ ପାଣି ସବୁ ଅନ୍ୟତ୍ର ବୋହି ଯାଉଛି। ଫଳରେ ଷ୍ଟାଣ୍ଡପୋଷ୍ଟ ଗୁଡିକରେ ପୁଣି ଥରେ ଜଳ ଯୋଗାଣ ବନ୍ଦ ହୋଇ ଯାଇଛି। ଦାୟିତ୍ୱରେ ଥିବା ଟେକନିସିଆନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ପାଣି ପାଇବାରୁ ବଂଚିତ ହେଉଛନ୍ତି ସାହିବାସୀ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଲୋକେ । ଏ ସମ୍ପର୍କରେ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ କରନ ସୋରେନଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ପାଇ ପାଣି ସଂଯୋଗ ଦିଆ ଯାଇଛି, ତେବେ ଫାଟି ଯାଇଥିବା ପାଇପକୁ ଖୁବ ଶୀଘ୍ର ମରାମତି କରି ରୀତିମତ ପାଣି ଯୋଗାଇ ଦିଆ ଯିବ ବୋଲି କହିଛନ୍ତି।

# ଅନ୍ୱେଷଣ ତରଫରୁ ବିଶ୍ୱ ନାଟ୍ୟଦିବସ ପାଳିତ

ବଲାଙ୍ଗିର, ୨୯/୩ (ନି.ପ୍ର): ବଲାଙ୍ଗୀର ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ପକ୍ଷରୁ ବିଶ୍ୱ ନାଟ୍ୟଦିବସ ପାଳିତ ହୋଇଯାଇଛି। ଢୋଲମୁହୁରୀ କଳା ପରିଷଦ ର ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ସନ୍ଦୀପ କୁମାର କୁଅଁର ଙ୍କ ସଭାପତିତ୍ୱ କରିଥିବା ବେଳେ ଲୋକ ସଂସ୍କୃତି ଗବେଷକ ନୀଳାଞ୍ଚଳ ନନ୍ଦ, ଅର୍ଜୁନ ମୁଗ୍ରୀ, ନୃତ୍ୟ ଶିଳ୍ପୀ ସ୍ୱରୂପା ସିଂ ମଂଚାସୀନ ହୋଇଥିଲେ। ଅନ୍ୱେଷଣର ସଂପାଦକ ପ୍ରକାଶ ଚନ୍ଦ୍ର ଥନାପତି ସ୍ୱାଗତ ଭାଷଣ ଦେଇ ଅନୁଷ୍ଠାନ ର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ବଲାଙ୍ଗୀର ରେ ନାଟକର ସ୍ଥିତି ମଜଭୁତ ଥିବା ବେଳେ ମଂଚ ନାଟକ ପାଇଁ ଦର୍ଶକ ସଂଖ୍ୟା କମି ଯାଉଥିବାରୁ ସମସ୍ତେ ଉଦବେଗ ପ୍ରକାଶ କରିବା ସହ ନାଟକକୁ ଯୁଗ ଉପଯୋଗୀ କରିବାକୁ ନାଟ୍ୟକାର ମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ।

# ଓସମେ ତଥା ଜିଲ୍ଲା ଶିଳ୍ପ କେନ୍ଦ୍ର, ବଲାଙ୍ଗିର ମିଳିତ ଆନୁକୂଲ୍ୟରେ ଗୁଣବା ଯାତ୍ରା ଏବଂ କ୍ଷମତା ନିର୍ମାଣ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, ୨୯/୩ (ନି.ପ୍ର): ବଲାଙ୍ଗିର ସ୍ଥିତ ହୋଟେଲ ପାର୍କ ଲେଣ୍ଡ ରେ ଓସମେ ତଥା ଜିଲ୍ଲା ଶିଳ୍ପ କେନ୍ଦ୍ର ବଲାଙ୍ଗିର ର ମିଳିତ ଆନୁକୁଲ୍ୟରେ ଗୁଣବତା ଯାତ୍ରା ଓ କ୍ଷମତା ନିର୍ମାଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଶିଳ୍ପାଦ୍ୟୋଗୀ ଅନୁଷ୍ଠାନନ ଓଏସ୍ମେ ସଭାପତି ପ୍ରକାଶ କୁମାର ନେପାକ, ସମ୍ପାଦକ ଦେବଜ୍ୟୋତି ପୁରୋହିତ, ଜେନେରାଲ ମେନେଜର ଜିଲ୍ଲା ଶିଳ୍ପ କେନ୍ଦ୍ର ବିଷ୍ଣୁ ପ୍ରସାଦ ଦାସ, ସନ ସାଇନ ଇଣ୍ଡିଆ ତଥା ଏନ୍ଏବିଏଲ୍ ପ୍ରତିନିଧି ସରୋଜ କୁମାର ନନ୍ଦ, ଲିଡ୍ ବ୍ୟାଙ୍କ ମ୍ୟାନେଜର ପ୍ରଶାନ୍ତ କୁମାର ବେହେରା, ଦୀପା ଅନୁଷ୍ଠାନର ସଂକେତ ତ୍ରିପାଠୀ, ଓଏଏସ୍ମେ କର୍ମକର୍ତ୍ତା ଶିଧେଶ୍ୱର ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ଗୁଣବତ୍ତା ଯାତ୍ରା ଏବଂ କ୍ଷମତା ନିର୍ମାଣ ସଚେତନତା ଶିବିର ରେ ଉଦ୍‌ବୋଧନ ଦେଇ ନୂତନ ଦକ୍ଷତା ଅର୍ଜନ, ଯାନ୍ତ୍ରିକତା ଅପଗ୍ରେଡ ଏବଂ ଉତ୍ପାଦନ ପ୍ରକ୍ରିୟା ରେ ଉନ୍ନତି ତଥା ବଜାରରେ ଆଧିପତ୍ୟ ଏବଂ ଗ୍ରାହକ ଙ୍କ ଭରସା ବଢେଇବା ପାଇଁ ଉଚ୍ଚ ଗୁଣବତ୍ତା ମାନ ରଖିବା ପାଇଁ ପ୍ରଶିକ୍ଷଣ ଦେଇଥିଲେ । ଓଏସ୍ମେ ସଭାପତି ପ୍ରକାଶ ନେପାକ ଓଏସ୍ମେ, ଏମ୍ଏସ୍ଏମ୍ଇ ଏବଂ ଏସ୍ଏଚ୍‌ଜିମାନଙ୍କୁ ନୀତିଗତ ସମର୍ଥନ, ଶିକ୍ଷା ଏବଂ ପ୍ରଶିକ୍ଷଣ ଏବଂ ଅର୍ଥନୈତିକ ଆସ୍ଥା ଦେବା ପାଇଁ କର୍ତ୍ତବ୍ୟରତ ବୋଲି ପ୍ରକାଶ କରିଛନ୍ତି । ଓଏସ୍ମେ ସମ୍ପାଦକ ଦେବଜ୍ୟୋତି ପୁରୋହିତ ଏହି ସଂସ୍ଥା ଦିର୍ଘ ୩୬ ବର୍ଷ ଧରି ସମସ୍ତ ଶିଳ୍ପଦ୍ୟୋଗୀ, ଏସ୍ଏଚ୍‌ଜି ଏବଂ ଉଦ୍ୟୋଗୀମାନଙ୍କୁ ସମସ୍ତ ସାହାଯ୍ୟ ସହଯୋଗ କରି ଆସିଛି ଏବଂ ଭବିଷ୍ୟତ ରେ ରହିବ । ଜିଏମ୍‌ଡିଆରସି ଶ୍ରୀ ଦାଶ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ ଏବଂ ଦକ୍ଷତା ନିର୍ମାଣ ଉପରେ ପ୍ରଶିକ୍ଷଣ କରିଥିଲେ । ଲିଡ ବ୍ୟାଙ୍କେ ମ୍ୟାନେଜର ପ୍ରଶାନ୍ତ ବେହେରା ଶିଳ୍ପ ସଂସ୍ଥା ଓ ଉଦ୍ୟୋଗୀମାନଙ୍କୁ ବ୍ୟାଙ୍କ ମାନଙ୍କ ସହାୟତା ତଥା ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇଥିଲେ । ଓସମେ କର୍ମକର୍ତ୍ତା ଆଶିଷ ହୋତା ଶିବିର କୁ ସଂଯୋଜନା କରିଥିଲେ । ବଲାଙ୍ଗିର ଶାଖା ଉପସଭାପତି ସବ୍ୟସାଚୀ ମାଝି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରକୁ ଆୟୋଜନ କରିବାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ସହକାରୀ ଅଧିକାରୀ ନିରୋଜ ରଞ୍ଜନ ପାଣିଗ୍ରାହୀ, ଦୀପା ଟିମ, ଓଏସ୍ମେ କୋଷାଧ୍ୟକ୍ଷ ଆଲୋକ ମହାନ୍ତି, ନିହାର ରଞ୍ଜନ ସ୍ୱାଇଁ, ମେହତାବ ଆଲାମ, ସନ୍ତୋଷ ପଧାନ, ମିଥୁନ ପଟ୍ଟନାୟକ, କୁନୁ ପାତ୍ର, ଭିକି ଅଗ୍ରଓ୍ୱାଲ, ରବି ରଞ୍ଜନ ପୂଜାରୀ, ବୁଲୁ ପୁରୋହିତ ଏହି ଶିବିରରେ ଆୟୋଜନରେ ସହାୟତା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୦ ମାର୍ଚ୍ଚ ୨୦୨୫
email :
rabibarachayan2015@gmail.com

ରବିବାର ଚୟନ
.......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

# ଓଡ଼ିଆ ସାହିତ୍ୟରେ ଆଧୁନିକ ପର୍ବର ପ୍ରବେଶ ଓ ସଂଗ୍ରାମ

**ଅମୂଲ୍ୟ କୁମାର ପଣ୍ଡା**



ଆମ ଓଡ଼ିଶାର ଓଡ଼ିଆ ନାଟକ କ୍ଷେତ୍ରରେ ନାଟ୍ୟକାରଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଚେଷ୍ଟା ରହିଥିଲା । ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଆ ନାଟକ ରଚନା କ୍ଷେତ୍ରରେ କାଳୀଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ଭଞ୍ଜ କିଶୋର ପଟ୍ଟନାୟକ, କମଳ ଲୋଚନ ମହାନ୍ତି, ରଘୁନାଥ ପଣ୍ଡା, ଭୁବନେଶ୍ୱର ମହାପାତ୍ର ଓ କୃଷ୍ଣପ୍ରସାଦ ବେହେରା ପ୍ରମୁଖଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । କାଳୀଚରଣଙ୍କର 'ଭାତ', 'ରକ୍ତମାଟି', 'ଅଭିଯାନ', ରାମଚନ୍ଦ୍ର ମିଶ୍ରଙ୍କର 'ଭାଇ ଭାଉଜ'', 'ଘର ସଂସାର', ଭଂଜକିଶୋରଙ୍କର 'ମାଣିକଯୋଡ଼ି', 'ଜୟ ମାଲ୍ୟ', ଗୋପାଳ ଛୋଟରାୟଙ୍କର 'ଭରସା', 'ପର କଲମ' ଆଦି ନାଟକ ଏକଦା ଓଡ଼ିଶାର ରଙ୍ଗମଞ୍ଚମାନଙ୍କରେ ଚହଳ ପକାଇଥିଲା । ମନୋରଞ୍ଜନ ଦାସଙ୍କର 'ଆଗାମୀ' ଓ 'ସାଗର ମନ୍ଥନ' ନାଟକ ପରେ ପରେ ଓଡ଼ିଆ ନାଟକର ହେଲା ପରିବର୍ତ୍ତନ । ପରେ ମନୋରଂଜନ ରଚନା କଲେ 'ଆରଣ୍ୟ ଫସଲ', 'ବନହଂସୀ', 'ଶବ୍ଦ ଲିପି', 'କାଠଘୋଡ଼ା', 'ନନ୍ଦିକାକେଶରୀ', ପରି ନୂତନ ଶୈଳୀର ନାଟକ । ଏହି ନୂତନ ପ୍ରାୟୋଗିକ ଶୈଳୀକୁ ନେଇ ବିଶ୍ୱଜିତ୍ ଦାସ, ବିଜୟ ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ନାଟକ ରଚନା କଲେ ।

ସେହିପରି ଓଡ଼ିଆ ସାହିତ୍ୟରେ ଓଡ଼ିଆ ନାଟକ ସହିତ ଗଳ୍ପ, ଉପନ୍ୟାସ ମଧ୍ୟ ନୂତନ ନୂତନ ଏକ ନୂତନ ଅଧ୍ୟାୟ ନେଇ ଗତି କରିଥିଲା ଆଉ ତାହା ସହିତ ଓଡ଼ିଆ ପ୍ରବନ୍ଧ ଓ ରମ୍ୟ ରଚନାର ମଧ୍ୟ ବିକାଶ ହୋଇଥିଲା । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଦାସ, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଶରତ କୁମାର ମହାନ୍ତି, ବାମାଚରଣ ମିତ୍ର, ପ୍ରମୁଖ ଓଡ଼ିଆ ପ୍ରବନ୍ଧ ଓ ରମ୍ୟରଚନା କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଆତ୍ମଚରିତ ରଚନା କରାଯିବାର ଗୋଟିଏ ନୂତନ ପ୍ରବଣତା ପ୍ରକାଶ ପାଇଅଛି । ପ୍ରାୟ ଶତାଧିକ ଆତ୍ମଚରିତ ଲେଖାଯାଇ ଏହି ବିଭାଗଟି ଓଡ଼ିଆ ସାହିତ୍ୟରେ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିଅଛି । ଭ୍ରମଣ କାହାଣୀ ବହୁ ସଂଖ୍ୟାରେ ରଚିତ ହୋଇ ଓଡ଼ିଆ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ସ୍ୱାଧୀନତା ପୂର୍ବକାଳରୁ ସମାଲୋଚନା ଲେଖାଯାଇଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଲୋଚନାର ହୋଇଛି ଭୂୟୋବିକାଶ । ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ନଟବର ସାମନ୍ତରାୟ, ନରେନ୍ଦ୍ର ନାଥ ମିଶ୍ର, କୁଜବିହାରୀ ଦାଶ ପ୍ରମୁଖ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି । ପୂର୍ବରୁ ପଣ୍ଡିତ ବିନାୟକ ମିଶ୍ର ସମାଲୋଚନା ଲେଖିବା ସହିତ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଥିଲେ । ପରେ ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ସୁରେନ୍ଦ୍ର ମହାନ୍ତି, ମାୟାଧର ମାନସିଂହ, ନଟବର ସାମନ୍ତରାୟ, କୃଷ୍ଣଚରଣ ବେହେରା, ବଂଶୀଧର ମହାନ୍ତି ପ୍ରମୁଖ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରିଅଛନ୍ତି । ଏହି ସମୟରେ ମଧ୍ୟ ଶିଶୁ ସାହିତ୍ୟର ହୋଇଛି ବିକାଶ । ବହୁ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ର ପ୍ରକାଶ ପାଇ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରକାଶ ଓ ପ୍ରସାରରେ ପ୍ରେରଣାପ୍ରଦ ଭୂମିକା ନେଇଅଛି ।

ଓଡ଼ିଆ ସାହିତ୍ୟର ଅତ୍ୟାଧୁନିକ ପର୍ବରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ଆତ୍ମଅନ୍ୱେଷା ଓ ବାମାବାଦ ବା ନାରୀବାଦ ବିଶେଷ ଗୁରୁତ୍ୱ ନେଇଅଛି । ଏହି ସମୟରେ ନାଟକ ଆଉ ଦର୍ଶକଙ୍କୁ ଆକର୍ଷଣ କଲା ନାହିଁ । ଏପରି ଅବସ୍ଥାରେ ଉତ୍ତର ଆଧୁନିକ ପର୍ବର ହେଲା ଉନ୍ମେଷ । ପରଂପରାନୁସନ୍ଧାନ ଓ ତାର ପୁନଃ ସଂସ୍ଥାନ, ଲୋକାନୁସଙ୍ଗ ଓ ଲୋକାୟତ ଚିନ୍ତାଧାରା ଗୁରୁତ୍ୱ ଲାଭ କରି ସାହିତ୍ୟକୁ ପ୍ରଦାନ କଲା ନୂତନ ଜୀବନୀ ଶକ୍ତି । ଏବେ ଓଡ଼ିଆ ସାହିତ୍ୟ ଉତ୍ତର-ଆଧୁନିକ ପର୍ବରେ ଗତି କରି ଆପଣାର ମାଟି ଧରିବାକୁ ଚେଷ୍ଟା କରୁଛି । ଅତଏବ ଆଧୁନିକ ଓଡ଼ିଆ ସାହିତ୍ୟ ଦୀର୍ଘ ଧରି କେତେ ପରୀକ୍ଷା ନିରୀକ୍ଷା ଦେଇ ସଂଗ୍ରାମ ଜାରି ରଖିଛି ଯାହା ଆଉ ପଛକୁ ଫେରି ଚାହିଁ ନାହିଁ ବରଂ ଆଗକୁ ଆଗକୁ ତାହା ଗତି କରି ଚାଲିଛି । ଜାତୀୟ ସଂପର୍କ ପ୍ରତିଷ୍ଠା ସହିତ ଆନ୍ତର୍ଜାତିକ ସଂପର୍କ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଛି । ସାହିତ୍ୟର ବିଭିନ୍ନ ବିଭାଗରେ ଓଡ଼ିଆ ସାହିତ୍ୟ ଯେ ସ୍ୱଚ୍ଛ ମୁଦ୍ରାଙ୍କ ରଖିଛି ତାହା ପାଠକ ସହଜରେ ଉପଲବ୍ଧ କରିଅଛନ୍ତି ।

❤ ଅରଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦


## ଧାରାବାହିକ ଉପନ୍ୟାସ

# ବୈଦେହୀ



**ଡ.ଭାଗବତ ବେହେରା**

ଭାଗ-୯୧
(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ । ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ବଶିଷ୍ଠଙ୍କ କଥା ଶୁଣି ମୋ ସ୍ୱାମୀ ହସ୍ତରେ ଜଳ, ତିଳ, ପୁଷ୍ପ ଧାରଣ କରି ଶପଥ କରି କହିଥିଲେ, "ହେ ମୁନିଶ୍ରେଷ୍ଠମାନେ, ହେ ମୋର ଗୁରୁ ବିଶ୍ୱାମିତ୍ର ଆଜିର ଏହି ପବିତ୍ର ଦିନରେ ଦଶରଥ ନନ୍ଦନ ରାମ ଯଜ୍ଞହବି, ଚନ୍ଦ୍ର ସୂର୍ଯ୍ୟାଦି ନବଗ୍ରହ ମଣ୍ଡଳ, ବାୟୁ, ଆକାଶ, ପାଣି, ପବନ, ଉତ୍ତାପ, ସ୍ୱର୍ଗର ସମସ୍ତ ଦେବତା ମଣ୍ଡଳୀ ତଥା ନାଗଲୋକ, ଯକ୍ଷାଲୋକ ସଭିଙ୍କ ନାମରେ ତ୍ରିବାର ଶପଥ ନେଇ କହୁଛି, ମୁଁ ଯେଉଁ ସିଂହାସନରେ ଆଜି ଅଭିଷିକ୍ତ ହୋଇଛି ସେ ସିଂହାସନ ମୋ ଅଯୋଧ୍ୟାର ପ୍ରଜାକୁଳଙ୍କର । ତାଙ୍କରି ତିଳତିଳ ରକ୍ତରେ ଏ ସିଂହାସନ ନିର୍ମିତ ହୋଇଛି । ଏହାର ଅମର୍ଯ୍ୟାଦା ମୋ ପିଣ୍ଡରେ ପ୍ରାଣଥିବା ପର୍ଯ୍ୟନ୍ତ ମୁଁ କରିବି ନାହିଁ । ଏ ରାଜ୍ୟର ମାନ, ସମ୍ମାନ ପ୍ରତି ଆଞ୍ଚ ଆଣିବାକୁ ଦେବିନାହିଁ । ଏ ରାଜ୍ୟର ମୁନି, ଋଷି, ଆଉର୍ଯ୍ୟ, ପଣ୍ଡିତ, ବ୍ରାହ୍ମଣ କେହି ଅବହେଳିତ ହେବେନାହିଁ କି ମୁଁ କାହାରିକୁ ଅବଜ୍ଞା କରିବି ନାହିଁ । ମୋ ପ୍ରଜାମାନେ ମୋର ପ୍ରାଣ ସ୍ୱରୂପ । ସେମାନଙ୍କ ସେବାରେ ମୋ ଜୀବନକୁ ମୁଁ ବିତାଇ ଦେବି । ମୋ ପ୍ରଜାଙ୍କ ପାଇଁ ମୁଁ ସବୁକିଛି କରିପାରିବି, ଏପରିକି ଆବଶ୍ୟକ ହେଲେ ମୋ ପ୍ରାଣ ପ୍ରତିମା ସୀତାଙ୍କୁ ପଛେ ବର୍ଜନ କରିବି, ହେଲେ ପ୍ରଜାଙ୍କ ମନରେ ତିଳେହେଲେ ଦୁଃଖ ଦେବିନାହିଁ । ଏହା ଦଶରଥ ପୁତ୍ର ରାମର ସତ୍ୟ, ସତ୍ୟ, ତ୍ରିବାର ସତ୍ୟ ।"

ସ୍ତବ୍ଧ ସମସ୍ତ ମୁନିଋଷି, ଆଉର୍ଯ୍ୟ, ପଣ୍ଡିତଗଣ । ସ୍ତବ୍ଧ ନିମନ୍ତ୍ରିତ ରାଜନ୍ୟମଣ୍ଡଳୀ, ସ୍ତବ୍ଧ ଅଯୋଧ୍ୟାବାସୀ । ମୁଁ କାଠଖୟଟିଏ ପାଲଟି ଯାଇଥାଏ ସୁଧାମୟୀ । ଏ କି ବଜ୍ର ଶପଥ ନେଲେ ମୋ ସ୍ୱାମୀ । ପ୍ରଜାଙ୍କ ସୁଖ ପାଇଁ ଆବଶ୍ୟକ ପଡ଼ିଲେ ସେ ମୋତେ ତ୍ୟାଗ କରିବେ । ଦୀର୍ଘଶ୍ୱାସଟିଏ ନେଲି ମୁଁ । ଧନ୍ୟ ଧନ୍ୟ ତୁମେ ପ୍ରଜାବତ୍ସଳ ରାମ । ଧନ୍ୟ ତୁମର ପ୍ରଜାପ୍ରୀତି, ସିଂହାସନ ଆରୋହଣ ଦିନ ଯିଏ ଏମିତି ବଜ୍ରଶପଥ ନେଇପାରନ୍ତି ଆବଶ୍ୟକ ପଡ଼ିଲେ ସେ ମୋତେ ମଧ.... । ନା ମୁଁ ଆଉ ଆଗକୁ ଭାବିପାରି ନଥିଲି । ପ୍ରକୃତିସ୍ଥ ହେଲି ମୁନିଋଷିମାନଙ୍କର ଆଶୀର୍ବାଦ ସ୍ତବନରେ ।

ଯଜ୍ଞ ଅଗ୍ନି ଲିଭିଲିଭି ଆସିଲା । ସମାପ୍ତ ହେଲା ସମସ୍ତ କର୍ମ । ବିଶ୍ରାମ ନେଲେ ନିମନ୍ତ୍ରିତ ଅତିଥିବୃନ୍ଦ । ପ୍ରଜାମାନେ ବାହୁଡ଼ିଗଲେ ଯେ ଯାହା ଗୃହକୁ । ତହିଁ ପରଦିନ ଅଯୋଧ୍ୟାରୁ ବାହୁଡ଼ି ଯାଇଥିଲେ ସମସ୍ତ ଅତିଥି, ଅଭ୍ୟାଗତ । ସମସ୍ତଙ୍କୁ ନାନା ଉପହାର ଦେଇ ସ୍ୱାମୀ ମୋର ବିଦାୟ ଦେଇଥିଲେ । ସେହିଦିନ ଠାରୁ ସ୍ୱାମୀ ମୋର ହୋଇଥିଲେ ଅଯୋଧ୍ୟାର ରାଜା ଆଉ ମୁଁ ହୋଇଥିଲି ରାଜରାଣୀ ।

ଜୀବନ ନାଟକର ପଞ୍ଚମ ପର୍ଯ୍ୟାୟର ଅଭିନୟ ମୋର ଆରମ୍ଭ ହୋଇ ଯାଇଥିଲା ପ୍ରୀତିଦା । ପୁଣିଥରେ ସୀତାର ଜୀବନ ଅଂଗରେ ଫୁଟି ଉଠିଥିଲା ଆନନ୍ଦର ପାରିଜାତ । ସୀତା ଫେରି ଯାଇଥିଲା ଚଉଦବର୍ଷ ତଳେ ଅଯୋଧ୍ୟା ରାଜବାଟୀରେ ପାଇଥିବା ସୁଖ ଉଦ୍ୟାନକୁ । ସ୍ୱାମୀ ମୋର ଅଯୋଧ୍ୟା କଟକର ରାଜା । ପ୍ରଜାକୁଳ ତାଙ୍କ ଯଶଗାନରେ ଅଧୀର । ମୋ ଶାଶୁମାନେ, ମୋର ତିନିଭଉଣୀ, ଅଯୋଧ୍ୟା ଅନ୍ତଃପୁରରେ ରହୁଥିବା ଦାସଦାସୀ, ପରିଚାରୀ ଠାରୁ ଆରମ୍ଭ କରି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏପରିକି ଅଯୋଧ୍ୟାର ସାଧାରଣ ନରନାରୀଙ୍କ ମୁଖରେ ଫୁଟି ଉଠୁଥିବା ମୋର ଯଶଗାନ ଶୁଣି ମୁଁ ଆନନ୍ଦରେ ଅଧୀର ହୋଇ ଉଠୁଥାଏ । ସେତେବେଳେ ମୁଁ ଭାବୁଥିଲି ମୋ ଜୀବନରେ ବୋଧହୁଏ ଦୁଃଖର ସୂର୍ଯ୍ୟ ଅସ୍ତ ଯାଇ ସୁଖର ସୂର୍ଯ୍ୟ ଉଦୟ ହୋଇଛି । ଏତେ ସୁଖ, ଏତେ ଆନନ୍ଦ ମୋତେ ରାଜବାଟୀରେ ମିଳୁଥିଲା ଯେ ମୁଁ ଅତୀତର ସମସ୍ତ ଦୁଃଖକୁ ଭୁଲି ଯାଇଥିଲି । ମନରେ ମୋର ଗର୍ବ ଆସି ଯାଇଥିଲା । ପ୍ରଭୁ ଶ୍ରୀରାମଙ୍କର ପତ୍ନୀ ଭାବରେ ନୁହେଁ, ଅଯୋଧ୍ୟାର ରାଜରାଣୀ ଭାବରେ ମୁଁ ଭାବୁଥାଏ ଅଯୋଧ୍ୟାର ରାଜଲକ୍ଷ୍ମୀ ମୋ ଉପରେ ଅତ୍ୟନ୍ତ ପ୍ରୀତ, ଅତ୍ୟନ୍ତ ପ୍ରସନ୍ନ । ଏ ଜୀବନରେ ସୀତାର ଆଉ ଦୁଃଖ ଆସିବ ନାହିଁ । ସୀତା ଏ ସଂସାରରେ ସବୁଠାରୁ ସୁଖୀ ନାରୀ । ସ୍ୱାମୀ ମୋର ସଦାସର୍ବଦା ମୋ ପାଇଁ ପାଗଳ ହୋଇ ଉଠୁଥା'ନ୍ତି । ରାଜ କାର୍ଯ୍ୟରେ ବ୍ୟସ୍ତ ଥିଲେ ବି ତାହାରି ଭିତରେ ସେ ଆସି ମୋ କଥା ବୁଝି ଯାଉଥାନ୍ତି । ପ୍ରଭାତ ହେବାମାତ୍ରେ ସେ ଶଯ୍ୟା ତ୍ୟାଗକରି ପ୍ରଥମେ ମୋର ତିନିଶାଶୁ, ତତ୍‌ପରେ ଗୁରୁଜନମାନଙ୍କୁ ପ୍ରଣାମ କରନ୍ତି । ସ୍ନାନ ତର୍ପଣ କରି ଆସି କୁଳଦେବତାଙ୍କୁ ପୂଜାଅର୍ଚ୍ଚନା କରି, ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ କରି ଫେରି ଆସନ୍ତି ଅନ୍ତଃପୁରକୁ । କାରଣ ସେ ଜାଣନ୍ତି ସୀତା ତାଙ୍କ ପାଦୋଦକ ନପାଇବା ପର୍ଯ୍ୟନ୍ତ ଅନ୍ନ ଜଳ ସ୍ପର୍ଶ କରିବ ନାହିଁ । ରାଜକାର୍ଯ୍ୟରେ ବ୍ୟସ୍ତ ରହି କାଳେ ସେ ସେକଥା ଭୁଲିଯିବେ, ସେଥିପାଇଁ ସ୍ନାନାନ୍ତେ ସେ ପ୍ରଥମେ ମୋତେ ପାଦୋଦକ ଦିଅନ୍ତି । ମୁଁ ତାଙ୍କୁ ଆଭୂମ ପ୍ରଣାମ କରେ । ସ୍ନେହରେ ସେ ମୋତେ କୋଳେଇ ନେଇ କହନ୍ତି, "ବୈଦେହୀ, ଏ ରାଜ କାର୍ଯ୍ୟରେ ଭାରଗ୍ରହଣ କଲାଦିନରୁ ମୁଁ ତୁମକଥା ଠିକ୍ ଭାବରେ ବୁଝିପାରୁ ନାହିଁ । ସେଥିପାଇଁ ତୁମେ ମୋତେ କ୍ଷମା କରିଦେବ ଦେବୀ ।"

ତାଙ୍କ ପାଟିରେ ହାତଦେଇ ମୁଁ କହେ, ଆପଣ ଏମିତି କଥା କହିବେ ନାହିଁ ସ୍ୱାମୀ । ଆପଣ ସିନା ବନବାସ କାଳରେ ଏକା ସୀତାର ଥିଲେ, ହେଲେ ଅଯୋଧ୍ୟାରେ ଆପଣ ଆଗେ ପ୍ରଜାଙ୍କର, ତାପରେ ରାଜକର୍ମଚାରୀଙ୍କର, ଗୃହରେ ଗୁରୁଜନ, ମାତା ମାନଙ୍କର । ଏମାନଙ୍କର କାର୍ଯ୍ୟ ସରିବାପରେ ବାକି ଯେତକ ସମୟ ରହିଲା....

ସେତକ ମୋ ଜାନକୀର । ଏହିକଥା ତୁମେ କହିବାକୁ ଚାହୁଁଛ ତ । ତଥାପି ମୁଁ ଚେଷ୍ଟା କରିବି ଆଉ କିଛି ଅଧିକ ସମୟ ତୁମକୁ ଦେବାପାଇଁ ।

କଥା କହୁକହୁ ସ୍ୱାମୀ ମୋର ଚଞ୍ଚଳ ହୋଇଉଠି କହନ୍ତି, ସୀତେ ! ରାଜ ଦରବାରକୁ ଯିବାର ସମୟ ହୋଇଗଲାଣି । ଏବେ ତୁମେ ତୁମର କାର୍ଯ୍ୟ ସମ୍ପାଦନ କର ।

ସ୍ୱାମୀଙ୍କ କଥା ଶୁଣି ମୁଁ ବ୍ୟସ୍ତ ହୋଇଉଠେ । ପଣତରେ ପୋଛିଦିଏ ତାଙ୍କ ମୁହଁ । ଲଲାଟରେ ଲଗାଇଦିଏ ଚତୁଃସମ ଚନ୍ଦନର ତିଳକ । ପୀତବସନଟିଏ ଆଣି ତାଙ୍କୁ ପିନ୍ଧାଇ ଦେଇ, ହସ୍ତପଦରେ ତାଙ୍କର ଖଞ୍ଜିଦିଏ କିଛି ହୀରା, ନୀଳା, ଖଚିତ ରତ୍ନ ଅଳଙ୍କାର । ଗଳାରେ ଲମ୍ବାଇ ଦିଏ ସରିସରି ରତ୍ନହାର । ଶେଷରେ ମସ୍ତକରେ ରତ୍ନମୁକୁଟ ପିନ୍ଧାଇ ଦେଇ ମୁଁ ତାଙ୍କୁ ପ୍ରଣାମ କରି କହେ, ପ୍ରଭୁ ଆପଣଙ୍କୁ ସହାୟ ହୁଅନ୍ତୁ । ମା' ସରସ୍ୱତୀ ଆପଣଙ୍କ କଣ୍ଠରେ ବିରାଜନ୍ତୁ । ଆଜିର ରାଜକାର୍ଯ୍ୟ ଆପଣଙ୍କର ସଫଳ ହେଉ ।

ସ୍ୱାମୀ ମୋର ମୋତେ ତଳୁ ଉଠାଇନେଇ ମୋ କପାଳ ଚୁମ୍ବନ କରି କୁହନ୍ତି "ତୁମଭଳି ସତୀ, ସ୍ୱାଧୀ, ପତିପରାୟଣା ପତ୍ନୀ ଯାହାର ଥିବ, ତାର ସମସ୍ତ କାର୍ଯ୍ୟ କୁଶଳ ହେବ ଜାନକୀ । ତୁମ ମସ୍ତକର ସିନ୍ଦୂରଗାର, ତୁମ ଚକ୍ଷୁର କଜ୍ଜଳରେଖା, ତୁମ ରକ୍ତିମ ଅଧରର ସୁଧାଝରା ହସ, ତୁମ ହସ୍ତର କଙ୍କଣ, ଏ ରାମର ସମସ୍ତ ଦୁଃଖ ହରଣ କରି ତାକୁ ଅସୀମ ସୁଖ ପ୍ରଦାନ କରୁଛି ଦେବୀ ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଗୋଟିଏ ଏକପଦୀ

**ଡ. ରଜନୀ ରଂଜନ**



ଯେତିକି ଭାବୁଛି ଭୁଲିବି ତୁମକୁ
ସେତିକି ପଡୁଛ ମନେ
ସହିହୁଏ ନାହିଁ କହିହୁଏ ନାହିଁ
ଭାବୁଛି ମୁଁ ମନେ ମନେ
ଦହନଠୁ ଭଲ,
ମରଣଟା ଶତଗୁଣେ ।

❤ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫

## କବିତା...



### ବୟସ୍କ

**ଡକ୍ଟର ଶ୍ରୀହରି ଧଳ**

ଦର୍ପଣଠୁ ଏଥର
ଅଲଗା ହେବାକୁ ପଡ଼ିବ ।
ଦର୍ପଣ ରୋକ୍‌ଠୋକ୍
କହୁଥିବା ବେଳେ
ସତକୁ ପଛ କରି ଠିଆହୁଏ
ବୟସ ।

ଚମକହୀନ ମୁହଁରେ...
ଏବେତ ପରାସ୍ତ ବସନ୍ତର
ପରାଭବ ।
ଜହ୍ନର ନିଆଁରେ...
କାହିଁ ଜାଳିବାର ଭୋକ ?
ବୟସ୍କ ହୁଏ ଦେହ, ମନ ।
ଡ଼େଣା ।

ଥାଉ, ଯେଉଁଠି ଅଛି ସେଇଠି
ଗୋଟେ ଆକାଶ ।
ଉଡ଼ିବାର
ସାମର୍ଥ୍ୟ ହରେଇ ଜୀବନ ।
ଗୋଟେ ଡେଣାହୀନ କବନ୍ଧ ।

ଦର୍ପଣ ସେମିତି ଥାଉ ।
ଏଥର ଖଣ୍ଡେ ବିରକ୍ତିର
ଚାଦର ଢ଼ାଙ୍କି ଦିଆଯାଉ ।

ଯେମିତି
ପରାଜୟର ଓ୍ୱାଟରଲୁ
ଛବି ହୋଇ ନଯାଉ ଦର୍ପଣରେ
ଯେମିତି-
ବିବର୍ଣ୍ଣ ବସନ୍ତର-
କାନ୍ଦ କାନ୍ଦ ମୁହଁ ନଦିଶୁ ।
ଚମକି ନଯାଉ ଦର୍ପଣ..
ସମୟ ବହିର..
ପୃଷ୍ଠା ଓଲଟିଲାବେଳେ ।

❤ ତାଉଁତରା, କପାସି, ଚିତାଳୋ,
ଯାଜପୁର,
ମୋ: ୮୧୧୭୦୮୧୯୦୬



### କେବଳ ତମେ

**ଦୁର୍ଗା ଚରଣ ଷଡ଼ଙ୍ଗୀ**

ସବୁ ଅନାଗତ ଦ୍ୱନ୍ଦ୍ୱ ଭିତରେ
ତମେ ଅଛ ଗୋ ସହଚରୀ
ତମେ ଅଛ ମୋ ଚେତନାର ଶିଖର ଛୁଇଁ
ରକ୍ତ ପ୍ରବାହରେ
ପାଳି ପୋଷି ମଣିଷ କରିଛ ବି ମତେ
ସଜ କରିଛ ଠିଆ ହେବାକୁ ସଲକ୍ଷ୍ୟ
ଏ ଜୀବନ ହାଟରେ ।

ଆୟୁଷର ଅର୍ଦ୍ଧେକ ସରିଲା
ଜିଇଁବାର ଆକୁଳତା ବି ଶିଥିଳ ହେଲା
ସରି ଆସିଲାଣି
ହୃଦୟରୁ ପ୍ରେମ
ସଂସାର ପାଇଁ ଥିବା ମହାର୍ଘ ବ୍ୟାକୁଳତା
ମତେ ସବୁ ଏବେ ଖାଲି
ଛୋଟ ଦିଶିଲାଣି ।

ବର୍ଣ୍ଣମୟ ଫୁଲ, ଏ ଦୂରନ୍ତ ଆକାଶ
ସୂର୍ଯ୍ୟ ଓ ନକ୍ଷତ୍ର
ଜହ୍ନର ରୂପ ରଙ୍ଗ କୋମଳ ମହିମା
ପ୍ରେମ ପ୍ରତାରଣା ବିଷାଦର ତର୍ଜମା
ଅଙ୍କ କଷିବାର ନିମଗ୍ନତା
ଆଉ ସେତେ ଆଗ୍ରହ ଦେଉନି
ନିଜ ଭିତରେ ବିଭାଜିତ ହେଉଛି ଚେତନା
ପ୍ରସ୍ତ ପ୍ରସ୍ତ ହୋଇ ।

ନିଜେ ଏକାକୀ ସହ୍ୟମାନ
ଅନେକ କୋଠରି ଭିତରୁ
ବାହାରି ଆସିଲାଣି ପଦାକୁ
ଅଣନିଶ୍ୱାସୀ ହୋଇ
ଜୀବନ ତରଳି ଗଲାଣି ଲାଭା ଭଳି
ଅନ୍ଧ ଆବେଗର ଫରୁଆ ଭିତରୁ ।
ସାତ ତାଳ ପାଣି
ତଳେ ତମର ରାଣୀର ନଅର
ସବୁ ଉଭେଇ ଗଲେଣି କାହିଁ କେବେଠୁଁ
ପୃଷ୍ଠା-ପୃଷ୍ଠା ହୋଇ ।

ଏବେ କେବଳ ହଁ ତମେ ନିଧିଟିଏ ମୋର
ଯାଯାବର ଯାତ୍ରୀର
ଗଣ୍ଠିଲି ପରି ଅତି ଆପଣାର
ଯାହା ଅବସୋସର ବିଶ୍ୱସ୍ତତାରେ
ନିଜର ବୋଲି ସାଇତି ରଖିଛି
ଅନେକ ଅଥୟ ତରଳ
ଏ ଜୀବନ ଭିତରୁ
ସାହା ହେବକି ବୋଲି
ଏକାକୀତ୍ୱର ଏ ବନବାସ
ସରିବା ଆଗରୁ ।

❤ ମୋ: ୯୪୩୮୫୩୫୫୭୭

### ଗୋଟେ ମୃତ ଶିଶୁକନ୍ୟାର ସ୍ୱୀକାରୋକ୍ତି

**ଜର୍ମାନ କବିତା - ନେଲୀ ଶାଖସ**
**ଅନୁବାଦ - ଡ. ଦୀପିକା ସେନାପତି**





ମା'ର ସ୍ନେହମୟୀ ଆଙ୍ଗୁଳି ସହ ଗୁଡ଼େଇ ହୋଇ
ରହିଥିଲା ମୋର ନରମ ହାତ
ମୋର ନରମ କଁଅଳ ଶରୀର ସେପର୍ଯ୍ୟନ୍ତ
ଛୁଇଁ ରହିଥିଲା ମୋ ମା'ର ହୃଦୟକୁ...
ଗୋଟେ ବିଚ୍ଛେଦର ଛୁରୀ
ମା'ଠାରୁ ମୋତେ ଅଲଗା କରି ଦେଲା
ମୋର ମନେ ହେଲା ଆଙ୍ଗୁଳିଟା ଛାଡ଼ିଦେଇ,
ମୁଁ ପଥ ଭୁଲିଗଲି
ଅନ୍ଧକାର, ମୋ ସମ୍ମୁଖରେ କେବଳ
ନିର୍ଜନ ଅସହାୟ ଏକଲା ପଥ...
ତାପରେ ପୁଣି ସେହି ବିୟୋଗ ଆଉ
ବିଚ୍ଛେଦର ଛୁରୀ
ମୋତେ କାଟି ଦୁଇ ଖଣ୍ଡ କରିଦେଲା
ମୁଁ ପ୍ରତିଟି ଆଘାତକୁ ଗିଳି ନେଉଥିଲି
ଲୁହ ଲୁଚାଇବାକୁ ହସର ଆସ୍ତରଣ ତଳେ
ହୁଏତ ସକାଳର ସୂର୍ଯ୍ୟ ଉଠିବେ, ପକ୍ଷୀର
ଗାନକୁ ମୁଖରିତ କରିବ ପବନର ଢ଼େଉ
ମୋ ଆଖିକୁ ମୁଁ ମେଲିବାକୁ ଚାହିଁଲି
ଅନ୍ତତଃ ଥରକ ପାଇଁ ହେଲେ ବି
ପୃଥିବୀକୁ ଦେଖିବି ବୋଲି....
ଆଖିରୁ ଲୁଣିଆ ପାଣି ଛଡ଼ା
ଆଉ କିଛି ବାହାରିଲା ନାହିଁ
ମୋର ଅସ୍ଫୁଟ କଣ୍ଠ ସ୍ୱର
ପବନରେ ହଜିଗଲା
ଆଉ ମୁଁ ମଧ୍ୟ
ମୃତ୍ୟୁର ଦୁଆରେ ଶୋଇ
ଦେଖୁଥିଲି ମୋ ମା'ଙ୍କୁ
ଜୀବନର ଗୋଟେ ପଟେ ମା' ଆଉ
ଜୀବନର ଅନ୍ୟପଟେ ମୁଁ
ମଝିରେ ଗୋଟେ ଛୁରୀ ।

❤ ଅଧ୍ୟାପିକା, ଓଡ଼ିଆ ଭାଷା ଓ
ସାହିତ୍ୟ ବିଭାଗ
ଡକ୍ଟର ଜେ. ଏନ୍. କଲେଜ,
ରସାଳପୁର, ବାଲେଶ୍ୱର

### ଇଚ୍ଛା ମୋ...

**ଯୋଗେଶ ଦାସ**



॥ ୧ ॥
ହୁଅନ୍ତା ଏ ନବବର୍ଷ
ଚିର ମଧୁକ୍ଷରା
ଝରୁଥାନ୍ତା ମଧୁ କଣ
ଅଧରୁ ସବୁରି,
ମୃତ୍ୟୁ ବି ବାସୁଥାନ୍ତା
ଜୀବନ ଜୀବନ
ହୃଦୟ ବଖରା/ ଦିବ୍ୟ
ଚେତନାରେ ଭରି

ମାଟିର ପ୍ରଦୀପ ଗଢି
ଏ ଦେହ ମାଟିରେ
ନିରାଜନା କରୁଥାନ୍ତେ
ମା' ଭାରତୀ ପାଦ
ପଦପ୍ରାନ୍ତେ ବିଲୀନ ତା'
ଅମିତ ଖୁସିରେ
ନଥାନ୍ତା ଜୀବନେ ନୂଆ
ମୃତ୍ୟୁ ଅବସାଦ ॥

॥ ୨ ॥
ହୁଅନ୍ତା ଏ ଆକାଶର
ନୀଳ ଦେହ
ବାରୁଦ ବିହୀନ ଏକ
ପ୍ରାନ୍ତର ସବୁଜ,
ନପଡ଼ନ୍ତା ମାଟିପରେ
ଲହୁ କିମ୍ବା ଲୁହ
ନହୁଅନ୍ତା ପ୍ରେମ କା'ର
ଛାତିରୁ ନିଖୋଜା

ସ୍ୱପ୍ନ ସବୁ ମରିଗଲା ପରେ
ନହୁଅନ୍ତା
ଭୟାର୍ତ୍ତ କେ' ଶିଶୁଟିଏ
ଲୁହ ଛଳଛଳ,
ନିରୁଦ୍ଦିଷ୍ଟ ହେଇଯାନ୍ତା
କଂକାଳ ପେଟରୁ ତା'
ଛିନ୍ନ ଛତ୍ର
ଭୋକର ଭୂଗୋଳ ॥

॥ ୩ ।
କବିତାରୁ ଝରୁଥାନ୍ତା
ରସ ଓ ସୁଷମା
ନହୁଅନ୍ତା ରୁକ୍ଷ ନାଗଫେଣୀ,
ଫୁଲର ପ୍ରତିମା ସେ ଝିଅଟିର
ଛାତିର ଅଙ୍ଗନେ
ଦୋଳୁଥାନ୍ତା ମନଛୁଆଁ
ବଉଳର ବେଣୀ ।

ନୃତ୍ୟମୟୀ ଲଳନାର
ଠାଣି ନବନୀତ
କବିତାରେ ନାଚୁଥାନ୍ତା
ତରଙ୍ଗ ତାହାର,
ନୂପୁରରୁ ଶୁଭୁଥାନ୍ତା
ଗୀତ ଆଉ ଗୀତ
ନହୁଅନ୍ତା କବିତା ଆଉ
ଶୁଷ୍କ ମରୁଝର ॥

॥ ୪ ॥
ହୋଇଯାନ୍ତା
ତଟିନୀର ସୁଅ ଏବେ
ବଂଶୀର ଧ୍ୱନି
ଶ୍ୟାମଳ କୋମଳ,
ସମୟ ପଖାଳୁଥାନ୍ତା
ଯେତେ ତା'ର କୋହ
ଭଙ୍ଗାରୁଜା ପଡିଥିବା
ପ୍ରତିଟି ପ୍ରହର ॥

କାଚର ଟୁକୁଡ଼ାପରି
ଖଣ୍ଡ ଖଣ୍ଡ ଖସି
ନପଡନ୍ତା ଜୀବନର
ସ୍ୱର୍ଣ୍ଣିମ ଯାହା,
ଜରାର ଜୀର୍ଣ୍ଣ ଦ୍ୱାର
ଦେହଳୀରେ ବସି
ଆୟୁଷର ଭଗ୍ନାଂଶ
ନକରନ୍ତା 'ଆହା' ॥

ଋତୁବ୍ୟାପୀ କୃଷ୍ଣଚୂଡ଼ା
ନାଚୁଥାନ୍ତା
ଲାସ୍ୟ ଉକୁଟାଇ,
ତା ଝୁମର ତାଳେତାଳେ
ଝୁମୁଥାନ୍ତେ ଦୁଃଖ ଆଉ
ଶୋକ ଅହର୍ନିଶ
ମାଦଳ ବଜାଇ !

❤ ଶୂନ୍ୟନୀଡ଼, ସୋର, ବାଲେଶ୍ୱର, ମୋ: ୮୨ ୬୦ ୬୯ ୭୮ ୭୮

# ପୁରସ୍କାର ଅଧିକ ଦାୟିତ୍ୱବୋଧ ଆଣେ ଓ ମାପଦଣ୍ଡ ସ୍ଥିରୀକୃତ କରେ; ଯାହା ବେଳେବେଳେ ବୋଝ ଭଳି ଲାଗେ : ଭାଗୀରଥି ବେହେରା

**ଭାଗୀରଥି ବେହେରା** ସାଂପ୍ରତିକ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଏକାଧାରରେ ସେ ଜଣେ ଜାତୀୟ ପୁରସ୍କାରପ୍ରାପ୍ତ ଦକ୍ଷ ଶିକ୍ଷା ପ୍ରଶାସକ, ସାହିତ୍ୟ ସାଧକ, ସାହିତ୍ୟ ସଂଗଠକ, ସମ୍ପାଦକ ଓ ପୁସ୍ତକ ପ୍ରକାଶକ । ତାଙ୍କ ଲେଖାରେ ଦୃଶ୍ୟମାନ ହୁଏ ଯୁଦ୍ଧର ବିଭୀଷିକାରୁ ଶାନ୍ତି ଓ ସନ୍ଧି, ଅନୁଭବୀ ହୁଏ ସହିଷ୍ଣୁତା ଓ ପ୍ରେମ । 'ପୁରସ୍କାରକୁ ଯଦି ପାଠକଙ୍କ ଭଲପାଇବା ରୂପେ ନିଆଯାଏ ତାହା ଆଶୀର୍ବାଦ, କିନ୍ତୁ ତାହା ଯଦି ଲେଖକ ମନରେ ଗର୍ବ ଅହଙ୍କାର ଆଣେ, ତେବେ ଅଭିଶାପ' ବୋଲି କହୁଥିବା ଲେଖକଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗଡ଼ଜାତ ଐତିହାସିକ ବ୍ଲକ ଖଲ୍ଲିକୋଟ । ସାହିତ୍ୟ, ସମାଜ ଓ ସାଧନାର ପୀଠ ଖଲ୍ଲିକୋଟ ଗଡ଼ ଅନେକ ମଧ୍ୟରୁ ଗୋଟିଏ ଗାଆଁ – ଲଙ୍ଗଳେଶ୍ୱର । ପରିଚୟ କହିଲେ ମାଆ ନାରାୟଣୀ ପୀଠର ଗାଆଁ, ଭାଲେରୀ ସବୁଜିମା କୋଳରେ ଖେଳୁଥିବା ଗାଆଁ, ନୀଳାମ୍ବୁ ଚିଲିକା ଯାହାର ପାଦ ଧୁଏ ସେ ଗାଆଁ – ଲଙ୍ଗଳେଶ୍ୱର । ଶାଳିଆ ଡ୍ୟାମ ଉହାଡର ଝିଅ ଜାଇର କାତଧରି ଧିରେ ନାଉରୀର କରୁଣ ସଙ୍ଗୀତ ଓ ମା କାଳିଜାଇଙ୍କ ଅପାର କୃପା ପ୍ରାପ୍ତ ଗାଆଁ – ଲଙ୍ଗଳେଶ୍ୱର । ଏହି ଗାଁ ମୋ ସୃଜନର ଏନ୍ତୁଡ଼ିଶାଳ । କୀର୍ତ୍ତନ ଗାୟକ ସ୍ୱର୍ଗତ କପିଳ ବେହେରା ଏବଂ ସୁଗୃହିଣୀ ସ୍ୱର୍ଗତା ରୁକୁଣା ବେହେରାଙ୍କ କୋଳମଣ୍ଡନ ୧୯୭୮ ମସିହାରେ କରି ପ୍ରକୃତି, ପରିବାର ଓ ପରିବେଶର ଏକ ସକାରାତ୍ମକ ସମନ୍ୱୟ ହିଁ ପିଲାଟି ଦିନରୁ ଖଞ୍ଜେଇ ଦେଇଛି ଲେଖନୀର ଉପାଦାନ ଓ ଲେଖକ ହେବାର ବ୍ୟଞ୍ଜନ । ରେଡ଼ିଓ ନାଟକ, ଗୀତିମାଳା, ମେଳା, ପାଲା, ଦାସକାଠିଆ, ଘୁଡୁକିରେ ଶୁଣିଥିବା ରାମାୟଣ, ମହାଭାରତ, ଭାଗବତ ପରି ପୌରାଣିକ ଉପାଖ୍ୟାନ, ଗାଆଁ ଅପେରା ଆଦି କଳ୍ପନାର ବୀଜ ପୋତିଦେଲା । ବିଦ୍ୟାଳୟ ଓ କଲେଜର ପ୍ରାଚୀର ପତ୍ରିକା ସାହିତ୍ୟର ଜଳ-ବାୟୁ-ଆଲୋକ ଆଦି ଉପାଦାନ ଭରିଦେଇ ଶବ୍ଦର ବୃକ୍ଷ ତୋଳିଦେଲା । ତେଣୁ ତ ହାତ ଚିଠିଲେଖା ଯୁଗରେ ଅଳ୍ପ ବୟସ ନବମ ଶ୍ରେଣୀରୁ ଆରମ୍ଭ କରିଦେଇଥିଲି 'ପ୍ରତିଶ୍ରୁତି ସାହିତ୍ୟ ସଂସଦ', ଯାହା ପରବର୍ତ୍ତୀ ସମୟରେ 'ନୀଡ଼ ସାହିତ୍ୟ ସଂସଦ' ହୋଇ 'ନୀଡ଼' ପତ୍ରିକା ସମ୍ପାଦନ ଓ ପ୍ରକାଶନ କରି ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରାପ୍ତ କରିଥିଲି । କହନ୍ତି ପ୍ରାୟ ସମସ୍ତ ସାହିତ୍ୟିକଙ୍କ ଜୀବନୀ କବିତାରୁ ହିଁ ଆରମ୍ଭ ହୋଇଥାଏ । ଏହା ମୋ ଜୀବନରେ ବି ସତ୍ୟ । ୨୦୧୫ ମସିହାରେ ମୋରି ପ୍ରଥମ କବିତା ସଙ୍କଳନ 'ଏକା ଏକା ହୃଦୟ ' ଲେଖକୀୟ ଜୀବନର ପ୍ରଥମ ସଂକଳିତ କୃତି । ଶୁଣାଯାଏ କଲେଜ ପଢୁଆ ଯୁବକ ଯୁବତୀଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଢିଥିଲା, ଯେହେତୁ କବିତାର କ୍ଷୁଦ୍ର କଳେବର ଓ ପ୍ରେମ ସନ୍ଦର୍ଭ ହିଁ ଭାବ ଓ ଚିଠିର ଆଦାନ ପ୍ରଦାନ ସହଜ କରୁଥିଲା ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ କୀର୍ତ୍ତନ ଗାୟକ ପିତା ସ୍ୱର୍ଗତ କପିଳ ବେହେରା ଏବଂ ଗୀତିକାର, ତବଲା ବାଦକ, ନାଟ୍ୟକାର, ସାହିତ୍ୟ ସଂଗଠକ ବଡ଼ଭାଇ ଶ୍ରୀ ପ୍ରହଲ୍ଲାଦ ବେହେରା ହିଁ ମୋ ଲେଖକ ଜୀବନର ପ୍ରେରଣା । କିନ୍ତୁ ସାହିତ୍ୟର ଆଦ୍ୟଗୁରୁ ଅର୍ଥାତ୍ ଯାହାଙ୍କୁ ପଢ଼ି କଳ୍ପନା ଓ ସୃଜନ ଶକ୍ତିର ଅଭ୍ୟୁଦୟ ହେଲା ସେମାନେ ହେଲେ ଲେଖକ ଲେଖିକା ପ୍ରତିଭା ରାୟ, ଗୋପୀନାଥ ମହାନ୍ତି, ଭାଗୀରଥି ଦାସ, ଫକୀର ମୋହନ ସେନାପତି, ବିଭୂତି ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ଅନନ୍ତ ପଟ୍ଟନାୟକ ଓ ରହସ୍ୟ କୁମାର ବିଜୟ ରଣା ଆଦି । ଏଥିପାଇଁ ମୁଁ ଗଳ୍ପରେ ପାଠକ ପାଇଛି । ଯେଉଁମାନେ ଭାଗୀରଥି ବେହେରାଙ୍କ ସାହିତ୍ୟକୁ ପଢନ୍ତି ସେମାନେ କୁହନ୍ତି କୁଆଡେ କବିତାଠୁ ସେ ଭଲ ଗଳ୍ପ ଲେଖିପାରନ୍ତି । ଭାବୁଛି ଏହା ହିଁ ସତ୍ୟ । ମୋ ଦ୍ୱାରା ରଚିତ 'ତଟଶୂନ୍ୟ ଶୂନ୍ୟତା' (୨୦୧୭)ରୁ ଖଳନାୟକ ( ୨୦୨୪) ରଚିତ ସାତଗୋଟି ଗଳ୍ପ ସଙ୍କଳନ ଯଥେଷ୍ଟ ପ୍ରମାଣ ଦେଇଛି ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ 'ମୁଁ' ରୁ 'ଆମେ' , ପରିବାରରୁ ସୁସ୍ଥ ସମାଜ, ଜଳବାୟୁରୁ ଜୀବନ, ଯୁଦ୍ଧର ବିଭୀଷିକାରୁ ଶାନ୍ତି ଓ ସନ୍ଧି, ନାରୀ ଜାଗରଣ, ପ୍ରେମ ଓ ପରିବେଶ, ଶିକ୍ଷା ଓ ସହିଷ୍ଣୁତା, ମାନବୀୟ ସମ୍ବେଦନା ଓ ସୁସମ୍ପର୍କ ସ୍ଥାପନ ଆଜି ସନ୍ଦର୍ଭରେ ଲେଖାଯିବା ଉଚିତ । ତେବେ ଯାଇ ବସୁଧୈବ କୁଟୁମ୍ବକମ୍ ସିଦ୍ଧ ହେବ । ଯେଉଁଠି ଋଷୋ, ପ୍ଲାଟୋ, ଲେନିନ, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ, ଫକୀର ମୋହନ ସେନାପତିଙ୍କ ଲେଖା ଓ ବିଚାର ସଂପୂର୍ଣ୍ଣ ବିପ୍ଳବ ଆଣିପାରୁଛି ସେଇଠି ସାହିତ୍ୟ ମାଧ୍ୟମରେ ହିଁ ଅଧିକ ସମାଜର ପରିବର୍ତ୍ତନ ସମ୍ଭବ ପ୍ରମାଣ ଇତିହାସ ଦେଇଛି । ଅନେକ କୁପ୍ରଥା ଉଚ୍ଛେଦ, ସ୍ୱାଧିନତାର ସଂଗ୍ରାମ ନାଟକ ଓ ଗୀତ ପରିବେଷଣରେ ସମ୍ଭବ ହୋଇ ପାରିଛି । ସାହିତ୍ୟ କେବଳ ଲିଖିତ ଲିପି ନୁହଁ ବରଂ କଥିତ ଜନ ଭାଷା ମଧ୍ୟ । କାରଣ ଲୋକେ ଯାହା ଶୁଣି ପଢ଼ି ନିଜ ବିବେକକୁ ବିବେଚନା କରନ୍ତି ତାହା ହେଉଚି ଶ୍ରୁତିମଧୁର କବିତା ଓ ଗୀତ, ଗଜଲ୍ । ଦୃଶ୍ୟମୟ ନାଟକ, ଅପେରା, ପାଲା କିମ୍ବା ସିନେମା । ଯେତେ ଲେଖକଙ୍କ ଲେଖା ଜନ ଅଭିମୁଖୀ ହୋଇ କବିତା, ଗଳ୍ପ, ଉପନ୍ୟାସ, ନାଟକ ଆଦି ଲେଖା ହେବ, ସେତେ ଏହା ଲୋକଙ୍କ ଉପରେ ପ୍ରଭାବ ପକାଇବ । ଏହି ସନ୍ଧିକ୍ଷଣରୁ ହିଁ ବ୍ୟକ୍ତିର ବିଚାରରୁ ସମାଜର ପରିବର୍ତ୍ତନ ଅୟମାରମ୍ଭ ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କ'ଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ଏ କଥାର ସତ୍ୟତାକୁ ନେଇ ମୋ ମତ ଭିନ୍ନ । ଯେଉଁ ଗଳ୍ପ ବିଦ୍ୟାଳୟରୁ ନେଇ ବିଶ୍ୱବିଦ୍ୟାଳୟ ଯାଏଁ ପଢାଯାଏ ତାହା ତ ଲକ୍ଷ ଲକ୍ଷ ପାଠକକୁ ଯାଉଛି । ଆଗରୁ କିଣି ପଢା ହେଉଥିଲା ସେ ପତ୍ରିକା ହେଉ କି ପୁସ୍ତକ । ବରଂ ମୁଁ କହିବି ଅଧିକ ପାଠକ ପଢା ହେଉଛି, ହିଁ କେବଳ ଫର୍ମାଟ ବଦଳିଛି ଯାହା ବେତାର, ସଞ୍ଚାର ଓ ସାମାଜିକ ଗଣ ମାଧ୍ୟମର ରୂପ ନେଇଛି । ମୋର ଗଳ୍ପ ପୁସ୍ତକ ତଟଶୂନ୍ୟ ଶୂନ୍ୟତା ଓ ଖଳନାୟକ ଗଳ୍ପ ପୁସ୍ତକ ସମସ୍ତ ଗଳ୍ପର ଲକ୍ଷ ଲକ୍ଷ ପାଠକ । ତେଣୁ କେବଳ ଛପାବହି କିଣା ବିକାକୁ ଧାରଣା କରି ଏହା କହିବା ଠିକ୍ ନୁହଁ । ବରଂ ମୁଁ କହିବି ଏବର ସମୟ ହିଁ ପ୍ରକୃତ ସମୟ ସେହି ଗଳ୍ପ ଓ ଗାଳ୍ପିକ ମାନଙ୍କ ପାଇଁ ଯେଉଁମାନେ ପାଠକ ପାଖରେ ସମୟ, ସୁବିଧା ଓ ସୁଯୋଗ ଅଭାବରୁ ପହଞ୍ଚିପାରି ନାହାନ୍ତି । ଯଦି ଅନେକ ଏପରି ଭାବନ୍ତି ତେବେ ଏହି ସମସ୍ୟାର ସମାଧାନ ଅତି ସହଜ । ଯେମିତି ସାଂପ୍ରତିକ ସମୟକୁ ନେଇ ଗଳ୍ପ ଲେଖା ହେବା, ସ୍ୱତନ୍ତ୍ର ପାଠକ ଗୋଷ୍ଠୀକୁ ନେଇ ସ୍ୱତନ୍ତ୍ର ଗଳ୍ପ ଲେଖା ହେବା, ଇ ବୁକ୍ ମାଧ୍ୟମରେ ଗଳ୍ପକୁ ପ୍ରକାଶ କରିବା, ବିଭିନ୍ନ ଭାଷାରେ ଗଳ୍ପକୁ ଅନୁବାଦ କରିବା, ଗଳ୍ପ ପୁସ୍ତକର ବିବରଣୀ ପୁସ୍ତକ ପ୍ରସାର କରିବା, ଗଳ୍ପ ଲେଖନୀ କର୍ମଶାଳା କରି ଛାତ୍ରାଛାତ୍ରୀ ଓ ଯୁବ ଲେଖକଙ୍କୁ ପ୍ରୋତ୍ସାହନ ଦେବା, ସରକାରୀ ଓ ବେସରକାରୀ ସ୍ତରରେ ଗଳ୍ପ ପତ୍ରିକା ପ୍ରକାଶନକୁ ଆଗେଇ ନେବା ଏବଂ ସବୁଠୁ ବଡ଼ କଥା ହେଲା ଭଲ ଗଳ୍ପ ଓ ଗାଳ୍ପିକଙ୍କୁ ସମ୍ମାନୀତ ସହ ଭଲ ପାଠକଙ୍କୁ ଚିହ୍ନଟ କରି ସମ୍ମାନୀତ କରିବା ବି ଉଚିତ । ମୁଁ ଖୁସି ଯେ ମୋର ଗୋଟିଏ ଗଳ୍ପ ସଙ୍କଳନ 'ତଟଶୂନ୍ୟ ଶୂନ୍ୟତା' ହିନ୍ଦୀରେ 'ବିରାନ ତଟ' ନାମରେ ଅନୁବାଦ ହୋଇଛି ଏବଂ ଖୁବ୍ ଶୀଘ୍ର ଉପନ୍ୟାସ 'ମାନବ' ଅନୁବାଦ ହେଇ ବଜାରକୁ ଆସିବ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ହଁ, ମୋତେ ବି ଏହା ହିଁ ପରିଲକ୍ଷିତ ହେଉଛି । କେବଳ ମୋ ମାତୃଭାଷା ଓଡ଼ିଆ ନୁହଁ , ଅନ୍ୟ ଭାଷାର ସ୍ଥିତି ଏହା । ଜ୍ୱଳନ୍ତ ଉଦାହରଣ ସଂସ୍କୃତ । ଗୋଟିଏ ବିଶ୍ୱସ୍ତରୀୟ ବାଜାରୀକରଣରେ ଯେଉଁ ଭାଷା ଚାଲେ ଯଥା ଇଂଲିଶ, ତାହା ହିଁ ଲୋକେ କହିବେ ଓ ଲେଖିବେ । ତାହା ହିଁ ଘରେ ପିଲାଙ୍କୁ ଶିଖାଯିବ ତାହା ହିଁ ବିଦ୍ୟାଳୟରେ ପଢ଼ାଯିବ । ନ ହେଲେ ସଭିଏଁ ଜୀବନ ଯୁଦ୍ଧରେ ଡାଇନାସୋର ଭଳି ନିଶ୍ଚିହ୍ନ ହୋଇଯିବାର ଭୟ ଉଙ୍କି ମାରୁଥିବ । ତେଣୁ ଏହାର ସମାଧାନ ଅତି ସହଜ । ମାତୃଭାଷା ଯଦି ସରକାରୀ କାର୍ଯ୍ୟର ଭାଷା ହେବ, ସମ୍ବିଧାନୀୟ ଅଧିକାର ସୁବିଧା, ସୁଯୋଗରେ ମାତୃଭାଷାକୁ ଅଗ୍ରାଧିକାର ମିଳିବ, ଅନ୍ୟ ଭାଷାକୁ ମାତୃଭାଷାରେ ଅନୁଦିତ ହେବ ଏବଂ ମାତୃଭାଷାର ଉନ୍ନତି ଓ ସଂରକ୍ଷଣ ଦିଗରେ କାମ କରୁଥିବା ସାହିତ୍ୟ ସାହିତ୍ୟିକ ବ୍ୟକ୍ତି, ସଂଗଠନ, ପ୍ରକାଶକ, ସମ୍ପାଦକ ଓ ଭାଷାବିଦକୁ ପ୍ରୋତ୍ସାହନ ଯଦି ମିଳିବ ତେବେ ସମ୍ଭବ ନିଶ୍ଚିତ । ତତ୍ ସହିତ ଅଧିକ ସଂଖ୍ୟାରେ ମାତୃଭାଷା ଭିତ୍ତିକ ନିଯୁକ୍ତି ଓ ସୁଯୋଗ ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ସାଂପ୍ରତିକ ସ୍ଥିତିରେ ବେଶୀ ଆଶାବାଦୀ ନୁହଁ ମୁଁ । ଯେତେବେଳ ସୂଚନା, ସମ୍ବାଦ, ସଜଗତା ଓ ମନୋରଞ୍ଜନ କେବଳ ସାହିତ୍ୟ ହିଁ ମାଧ୍ୟମ ଥିଲା ସେତେବେଳେ ଏହା ସମ୍ଭବ ଅଧିକ ଥିଲା । ସାହିତ୍ୟ ମାଧ୍ୟମରେ ହିଁ ସଭ୍ୟତା ଓ ସମାଜର ପରିବର୍ତ୍ତନ ଆସିଛି ଯାହାର ପ୍ରମାଣ ଇତିହାସ ଦେଇଛି । କିନ୍ତୁ ବର୍ତ୍ତମାନ ସମାଜ ପାଖରେ ପହଞ୍ଚିବାର ଏକମାତ୍ର ମାଧ୍ୟମ ସାହିତ୍ୟ ହୋଇ ରହିନାହିଁ । ଶବ୍ଦ ଯେତେବେଳେ ଇ ରୂପନିଏ ସେତେବେଳେ ପଠିତ ସାହିତ୍ୟ ବଦଳେ କଥିତ ସମ୍ବାଦର ପ୍ରାଧାନ୍ୟ ବଢେ । ପୁଣି ଯେତେବେଳେ ଆଇନ କାନୁନ ଓ ସମ୍ବିଧାନ ପଥ ବିଚ୍ୟୁତ ହୁଏ କିମ୍ବା ବିଶୃଙ୍ଖଳ ହୁଏ, ସେତେବେଳ ସାହିତ୍ୟ ଗୌଣ ହୋଇଯାଏ । କାରଣ ସାହିତ୍ୟ ହୃଦୟକୁ ଆନ୍ଦୋଳିତ କରେ, ଆଇନ ଶୃଙ୍ଖଳା ଅନାର୍ଯ୍ୟ ଅବିବେକୀକୁ । ମୋର କିଛି ଗଳ୍ପ ଓ ଉପନ୍ୟାସ ପାଠକଙ୍କୁ ଶିହରିତ କରିଛି ନିଶ୍ଚୟ କିନ୍ତୁ ପରିବର୍ତ୍ତନର ଆନ୍ଦୋଳନ ସୃଷ୍ଟି କଲା ଭଳି ମୋତେ ଏପର୍ଯ୍ୟନ୍ତ ଅନୁଭୂତ ହୋଇନାହିଁ ।

■ କବିତା, ଗଳ୍ପ ତୁଳନାରେ ଉପନ୍ୟାସର ସଂଖ୍ୟା ବହୁତ କମ୍ । ଏମିତି କାହିଁକି ? ଏଥିପାଇଁ ପ୍ରୋତ୍ସାହନ ନା ଭିତ୍ତିଭୂମିର ଅଭାବ ଦାୟୀ ବୋଲି ଆପଣ ମନେକରନ୍ତି ?

■■ ନା ନା , ସେମିତି ନୁହଁ । ବିଶ୍ୱରେ ସର୍ବାଧିକ ଉପନ୍ୟାସ ଲେଖା ହୁଏ ଏବଂ ପାଠ ହୁଏ । ହୋଇପାରେ ଆପଣଙ୍କ ହାତ ପହଞ୍ଚ ଦୂରତାରେ ଅଧିକ କବିତା ଲେଖୁଥିବା ଲୋକ ପରିଲକ୍ଷିତ ହୋଇପାରନ୍ତି । ଯଦି କୌଣସି ଆଂଚଳିକ ପରିସୀମା ଭିତରେ ଏମିତି ଘଟେ ତାହାର ଅଭିବୃଦ୍ଧି ନିମନ୍ତେ ପ୍ରୋତ୍ସାହନ ଓ ଭିତ୍ତିଭୂମିକୁ ନେଇ କିଛି କରାଯାଇ ପାରିବ । ଯଥା କାଳଜୟୀ ଉପନ୍ୟାସର ପୁନଃଉଦ୍ଧାର, ପ୍ରକାଶନ, ଆଲୋଚନା, ପଠନ ଓ ସମ୍ମାନ । ତାହା ସହ ଉପନ୍ୟାସ ଲିଖନ କର୍ମଶାଳା ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ଯାଏଁ ଆୟୋଜନ କରିବା ସହ ଆଞ୍ଚଳିକ ଲୁପ୍ତ ପ୍ରତିଭା ଓ ବିଷୟକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । କେବଳ ସେତିକି ନୁହଁ ନିଜ ଭାଷା ସହ ଅନ୍ୟ ଭାଷାର ଉପନ୍ୟାସକୁ ଅନୁବାଦ ବି କରିବା ଆବଶ୍ୟକ । ମୋର ଉଦାହରଣ ନିଅନ୍ତୁ । ମୋରି ସେହି ସାଧନାରୁ ସୃଷ୍ଟି ହେଲା 'ମାନବ- ଜଣେ ଆଦର୍ଶ ଶିକ୍ଷକ ', 'ବିଡ଼ମ୍ବିତ ପ୍ରେମର ସହର' , 'ଦଣ୍ଡମୁକ୍ତ ଅଞ୍ଚଳ' ଏବଂ 'ଅନ୍ଧ ଉପତ୍ୟକା' ପରି ଅନବଦ୍ୟ ଉପନ୍ୟାସ । ଏବେ ୫୦୦ ପୃଷ୍ଠାର 'ଅନ୍ଧ ଉପତ୍ୟକା'ର ଦ୍ୱିତୀୟ ଭାଗ 'ଚକ୍ରବ୍ୟୁହ' ଖୁବ୍ ଶୀଘ୍ର ବଜାରକୁ ଆସୁଅଛି ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର କେବଳ ପ୍ରୋତ୍ସାହନ, ଏକ ପ୍ରେରଣା ଓ ପରିଚୟର ସ୍ୱୀକୃତି । ପୁରସ୍କାରକୁ ଯଦି ପାଠକଙ୍କ ଭଲପାଇବା ରୂପେ ନିଆଯାଏ ତେବେ ତାହା ଆଶୀର୍ବାଦ, କିନ୍ତୁ ତାହା ଯଦି ଲେଖକ ମନରେ ଗର୍ବ ଅହଙ୍କାର ଆଣେ ତେବେ ଅଭିଶାପ । ବରଂ ମୁଁ କହିବି ପୁରସ୍କାର ଅଧିକ ଦାୟିତ୍ୱବୋଧ ଆଣେ ଓ ମାପଦଣ୍ଡ ସ୍ଥିରୀକୃତ କରେ; ଯାହା ବେଳେ ବେଳେ ବୋଝ ଭଳି ଲାଗେ । ପୁରସ୍କାର କେବଳ ପ୍ରୋତ୍ସାହନ ଏକ ପ୍ରେରଣା ଓ ପରିଚୟର ସ୍ୱୀକୃତି । ପୁରସ୍କାର ଯଦି ପାଠକଙ୍କ ଭଲପାଇବା ରୂପେ ନିଆଯାଏ ତାହା ଆଶୀର୍ବାଦ, ଯଦି ଭଲ ଲେଖକର ଗର୍ଭ ଅହଙ୍କାର ଆଣେ ତେବେ ଅଭିଶାପ । ବରଂ ମୁଁ କହିବି ପୁରସ୍କାର ଅଧିକ ଦାୟିତ୍ୱବୋଧ ଆଣେ ଓ ମାପଦଣ୍ଡ ସ୍ଥିରୀକୃତ କରେ ଯାହା ବେଳେ ବେଳେ ବୋଝ ଭଳି ଲାଗେ । ମୁଁ ମୋ ସାହିତ୍ୟ ଲେଖନୀରେ ଚେଷ୍ଟା କରେ ସମ୍ବେଦନଶୀଳତା ସଭିଙ୍କ ପାଖରେ ବିଦ୍ୟମାନ ହେଉ । ସମାଜ ହେଉ କି ପରିବାର, ସମ୍ପର୍କ ହେଉ କି ସନ୍ଧି, ନ୍ୟାୟ ହେଉ କି ନୀତି, ପ୍ରକୃତି ହେଉ କି ଚରାଚର ସବୁଠି ଜଣେ ଜଣଙ୍କୁ ସହଜରେ ବୁଝି ବୁଝେଇବାର ହୋଇଥିବ । ତାହା ସହ ଯୁବ ସାହିତ୍ୟ କିମ୍ବା ନବ ଲେଖକଙ୍କୁ କହିବାକୁ ଚାହେଁ ଚର୍ଚ୍ଚିତ ନୁହଁ, ସାଧକ ହୁଅ । ଲେଖିବା ପୂର୍ବରୁ ଅନେକ ପଢ଼ । ନିଜ ଅଞ୍ଚଳକୁ ପ୍ରଥମେ ନିଜ ସାହିତ୍ୟରେ ସ୍ଥାନ ଦିଅ । ❤❤

## ■ ଅଳ୍ପରେ ଭାଗିରଥୀ ବେହେରା



ନାମ : ଭାଗୀରଥି ବେହେରା
ପିତା : ସ୍ୱର୍ଗତ କପିଳ ବେହେରା
ମାତା : ସ୍ୱର୍ଗତା ରୁକୁଣା ବେହେରା
ଜନ୍ମ : ୧୨.୦୫.୧୯୭୮
ଜନ୍ମସ୍ଥାନ : ଲଙ୍ଗଳେଶ୍ୱର, ଗଂଜାମ
(ମୋ) ୮୭୬୩୨୦୨୬୨୨

ଓଡିଶା ଶିକ୍ଷା ସେବାର ଅଧୀନରେ ଜଣେ ଶିକ୍ଷା ପ୍ରଶାସକ ରୂପେ କାର୍ଯ୍ୟରତ ଶ୍ରୀ ଭାଗୀରଥି ବେହେରାଙ୍କ ଦ୍ୱାରା ରଚିତ 'ଏକା ଏକା ହୃଦୟ', 'ନଦୀର ନାମ ଋତୁମତୀ' ଓ 'ତମେ ନୁହଁ ଭୁଲିବାର', 'ସଜଲ୍ ଶତକ' ପରି କବିତା, 'ତଟଶୂନ୍ୟ ଶୂନ୍ୟତା', 'ଅବୈଧ', 'ବ୍ରହ୍ମପୁର', 'ମୃତ ସମୁଦ୍ର ଶୁଖିଲା ନଈ', 'ଗର୍ଭିଣୀ', 'ସିଦ୍ଧେଶ୍ୱରୀ' ' ଖଳନାୟକ ' ଆଦି ଗଳ୍ପ ଏବଂ 'ମାନବ', 'ବିଡମ୍ବିତ ପ୍ରେମର ସହର', 'ଦଣ୍ଡମୁକ୍ତ ଅଞ୍ଚଳ' ସହ 'ଅନ୍ଧ ଉପତ୍ୟକା' ପରି ଉପନ୍ୟାସର ସଫଳ ରଚୟିତା । ସାହିତ୍ୟ ଅନୁଷ୍ଠାନ 'ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର'ର ପ୍ରତିଷ୍ଠାତା ସମ୍ପାଦକ ଓ ପତ୍ରିକା 'ଭାଗୀରଥୀ –କବିତାର ଗଙ୍ଗା' ଯଥା 'ଗଳ୍ପ ଗଞ୍ଜାମ' ସମ୍ପାଦିତ ସଙ୍କଳନର ସଫଳ ସମ୍ପାଦକ । କେବଳ ସେତିକି ନୁହଁ ଶିଶୁ ଲେଖନୀ କ୍ଷେତ୍ରରେ ଶ୍ରୀ ବେହେରାଙ୍କ ଦ୍ୱାରା ରଚିତ 'ପିଲାଙ୍କ ପ୍ରାର୍ଥନା ' ଆଜି ସମସ୍ତ ବିଦ୍ୟାଳୟର ପାଠାଗାରରେ ଶିକ୍ଷକ ଓ ପିଲାଙ୍କ ଦ୍ୱାରା ଆଦୃତ ।



ସୁଖୀ ପରିବାର : ପତ୍ନୀ ଜୟନ୍ତୀ ଓ ଏକମାତ୍ର ପୁତ୍ରଙ୍କ ସହ ଲେଖକ ଭାଗୀରଥି ବେହେରା ......



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ....

## ପ୍ରଥମ ବିଦେଶ ଯାତ୍ରା

# ମୋ ଝର୍କାରୁ ଆମେରିକା...

ନନ୍ଦିତା ମହାନ୍ତି

ଭାଗ-୧୪







**ଆମେ ଫେରିଲା ବେଳକୁ ଘର ସାମ୍ନା ପିଣ୍ଡା ଉପରେ ପଡିଥିବା ହାତବାଲା କାଠ ଚୌକି ଉପରେ ବସିଥିଲେ ଜେଜେମାଆ । ତାଙ୍କ ହାତରେ ଥିଲା ହାତେ ଲମ୍ବର ପାଞ୍ଚଣ । ଆମକୁ ଦେଖି ଉଠି ଆସିଲେ ସିଏ ଚୌକିରୁ । ଆମ ଆଖି ଆଗରେ ପାଞ୍ଚଣ ହଲେଇ କହିଲେ, କୁଆଡେ ଯାଇଥିଲ ସବୁ, ହାଁ । ପରେ ଜାଣିଲୁ କେହି ଜଣେ ଆସି ଘରେ ଖବର ଦେଇ ଦେଇଥିଲା ଯେ ଘରର ସବୁ ଛୁଆଙ୍କୁ ନେଇ ବଡଭାଇ ଟ୍ରେନ ଆସିବା ସମୟରେ ରେଳଧାରଣା ଉପରେ ନଇଁ ପଡି କଣ କରୁଥିଲେ ।**

ସକାଳେ ଝିଅ ଉଠିଲା ବେଳକୁ ମୁଁ ବସିଥିଲି ସେଇ ଝରକା ଧାରରେ, ଯେଉଁଠାରୁ ମୋତେ ଦିଶୁଥିଲା ପୃଥିବୀର ଏକ ଭିନ୍ନ ଇଲାକା, ଆମେରିକା । ସିଏ ମୋତେ ଦେଖି ଭାବିଲା ମୋର ନିଦ ଟିକେ ଚଞ୍ଚଳ ଭାଙ୍ଗି ଯାଇଛି ବୋଧହୁଏ ।

ଏମିତି ବି ସକାଳେ ସହଳ ଉଠିବା ମୋର ଅଭ୍ୟାସ । ପ୍ରକୃତରେ ଅଭ୍ୟାସ କହିଲେ ଭୁଲ ହେବ, ତାହା ହେଉଛି ମୋର ବାଧ୍ୟବାଧକତା । ଛୋଟ ବେଳୁ ଶୋଇବା ମୋ ପାଇଁ ଏକ ଚ୍ୟାଲେଞ୍ଜ ହୋଇ ରହିଛି ସବୁବେଳେ । ବିଛଣା ଧରୁ ଧରୁ ଶୋଇଯିବା ମୋ ଦେଇ କେବେ ହେଲେ ହେଲାନି । ମୁଁ ତକିଆରେ ମୁଣ୍ଡ ଦେଇ ବିଛଣାରେ ଗଡି ଯିବା କ୍ଷଣି ଦୁନିଆଯାକର ଚିନ୍ତା ଓ ଭାବନା ଆସି ମୋର ଆଖି ସାମ୍ନାରେ ପଇଁତରା ମାରିବା ଆରମ୍ଭ କରିଦିଅନ୍ତି । ଏମାନଙ୍କର ମୋର ନିଦ ସହିତ ଯେମିତି ବିଷ କା ଆଙ୍କଡା କିମ୍ବା ଜନ୍ମ ଜନ୍ମର ବଇରୀ । ମୁଁ ଯେତେ ଯେତେ ଆଖିକୁ ମାଡି ଶୋଇବାକୁ ଚେଷ୍ଟା କରେ ସେମାନେ ସେତେ ସେତେ ଉସୁକାନ୍ତି ମୋତେ ନ ଶୋଇବାକୁ । ତାପରେ ସାରା ଜୀବନ ସରକାରୀ ଘରେ ଚାକିରି । ଘଣ୍ଟାରେ ସାଢେ ନଅ ହେଲା ବେଳକୁ ଯାଇ ହାଜିରା ପକାଅ ଅଫିସରେ । ତେଣୁ ଶୋଇବା ମୋ ପାଇଁ ଅଧିକାଂଶ ସମୟରେ ଏକ ଦୁଃସ୍ୱପ୍ନ । ପ୍ରକୃତରେ ମଣିଷ, ଜୀବନ ହାତରେ ଏକ କ୍ରୀଡାନକ ନୁହେଁ କି ! ସତରେ କଣ ଆମେ ଯାହା ଚାହୁଁ, ଯାହା ଇଛା କରୁ, ତାହା କରିପାରୁ ? କେହି ଜଣେ ନାକରେ ଦଉଡି ଲଗେଇ ଘୋଷଡୁଥାଏ ଆମକୁ ଚିରକାଳ । କେବେ ଜୀବନ-ଜଞ୍ଜାଳ ନାଁରେ ତ କେବେ କର୍ତ୍ତବ୍ୟର ତାଡନାରେ । କେହି ଯେମିତି ଉପରେ ବସି ସଖୀ କଣ୍ଢେଇପରି ନଚାଉଥାଏ ଆମକୁ । ଆମ ଜୀବନର ଡୋର ଯେମିତି ତା ହାତରେ । ଉପରକୁ ଚାହେଁ ମୁଁ , କାଳେ ଦିଶିଯିବ କି ସେଇ 'କେହି ଜଣେ' । କିନ୍ତୁ ଉପରେ ତ ଖାଲି ଶୂନ୍ୟ ହିଁ ଶୂନ୍ୟ । କୋଉଠିଥାଏ ତେବେ ସିଏ ?

"ଏତେ ଚଞ୍ଚଳ କାହିଁକି ଉଠିଗଲ ?" ଝିଅ ପଚାରୁଥିଲା । "ତୁମେ ଖୁବ୍ ଥକି ପଡିଥିବ। ଘରୁ ବାହାରିବା ତୁମର ତିନିଦିନ ହେଇଗଲାଣି। ଭଲରେ ଶୋଇ ନଥିବ । ତାପରେ ଏତେ ଟ୍ରାଭେଲ କରିବା ଅଭ୍ୟାସ ବି ତୁମର ନାହିଁ । ଆଉ ଟିକେ ଶୋଇଯାଇଥାନ୍ତ ନା !"

ଝିଅ ବ୍ୟସ୍ତ ହେଉଥିଲା ମୋ ପାଇଁ । ଏତିକି କହିବା ଭିତରେ ଆଉ ଗୋଟେ ଚେୟାର ଟାଣି ଆଣି ସିଏ ବସି ପଡିଥିଲା ମୋ ପାଖରେ । ତାପରେ ମନେ ପଡିଲା ପରି କହିଲା, 'ରାତିରେ ନିଦ ହେଲାନି ନା ? ଏଇଟା ଜ୍ୟାଟ ଲ୍ୟାଗ ।"

"ଆରେ ସେଇଟା ପୁଣି କଣ ?" ମୋ ଆଖିରେ ପ୍ରଶ୍ନ ।

ଛୋଟ ଛୁଆକୁ ବୁଝେଇଲା ପରି ସିଏ ବୁଝେଇଲା," ଆମେରିକାରେ ସିନା ରାତି, ହେଲେ ଭାରତରେ ଏତେବେଳେ ଦିନ ନା । ତୁମେ ସିନା ଜାଣିଛ ଆଉ ତୁମ ମନ ଜାଣିଛି ତୁମେ ଆମେରିକାରେ ଅଛ ବୋଲି କିନ୍ତୁ ତୁମର ଦେହ ତ ଜାଣିନାହିଁ । ଆମ ଦେହ ଭିତରେ ଗୋଟେ ଘଣ୍ଟା ଅଛି ଯାହାକୁ ବଡି କ୍ଲକ ବା କାରକାଡିଆନ ରିଦମ କୁହାଯାଏ । ସିଏ ହିଁ ସ୍ଥିର କରେ ଆମେ କେତେବେଳେ ଶୋଇବୁ, କେତେବେଳେ ଜାଗିବୁ । ଆଉ ତାଆରି ଅନୁସାରେ ଦେହର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାମ କରନ୍ତି ଓ ଭିନ୍ନ ଭିନ୍ନ ଗ୍ରନ୍ଥିରୁ ହରମୋନ ସିକ୍ରେସନ ହୋଇଥାଏ । ମେଲାଟୋନିନ ସିକ୍ରେସନ ହେଲେ ଆମେ ଶୋଇପଡୁ ଓ କୋଟିସୋଲ ଆମକୁ ଜାଗ୍ରତ ରଖେ । ଯେହେତୁ ଏବେ ତୁମର ସେଇ ବଡି-କ୍ଲକ ଭ୍ରମିତ ହୋଇଯାଇଛି , ବୁଝିପାରୁନି ତାର କଣ କରିବା ଉଚିତ । ଆଉ ସେଥିପାଇଁ ତାକୁ ଦିନେ/ ଦୁଇଦିନ ସମୟ ଦରକାର । ଆମର ଦେହ ଭାରି ସ୍ମାର୍ଟ । ତାକୁ କିଛି ସମୟ ଦରକାର ପ୍ରକୃତିସ୍ଥ ହେବା ପାଇଁ । ତାପରେ ସବୁ କିଛି ଠିକ୍‌ଠାକ୍ ହୋଇଯିବ ।" କହିଲା ସିଏ ।

ଆଉ ମୁଁ ଭାବୁଥିଲି , "ଆରେ ଏତେ ସବୁ ଗହନ କଥା ଅଛି । ଏକଥା ମୋର ଧାରଣା ବାହାରେ ଥିଲା । ତେବେ ମୋତେ ନିଦ ନ ହେବାର କାରଣ ମୁଁ ନିଜେ, ମୋର ନିଜର ମନ ଓ ଦେହ ଦାୟୀ ଏଥିପାଇଁ ।"

ଆଜି ଝିଅ ଯିବ ନ୍ୟୁୟର୍କରେ ଥିବା ଜାତିସଂଘର କାର୍ଯ୍ୟାଳୟକୁ, ଯେଉଁଠାରେ ସିଏ ଏବେ ଇଣ୍ଟର୍ନସିପ କରୁଛି । ଚିକୁ ଘରୁ କାମ କରିବେ । ଝିଅ ଭଲପାଏ ବୋଲି ଲେମନ-ରାଇସ ତିଆରି କଲି ମୁଁ । ଟିଫିନରେ ନେଇଯିବ । ସିଏ ଟ୍ରେନରେ ଯାଏ ନ୍ୟୁୟର୍କ । ଆଉ ଟ୍ରୟ ଟାୱାର ଆପାର୍ଟମେଣ୍ଟ କଡ ଦେଇ ଯାଇଛି ଟ୍ରେନ ଲାଇନ । ଯାହା ନ୍ୟୁୟର୍କ ସହିତ ନ୍ୟୁଜର୍ସୀକୁ ଯୋଡେ । ଘର ଭିତରେ ଥାଇ ଦେଖିହୁଏ ଟ୍ରେନର ଆସିବା, ଯିବା । ଆଉ ସେଠାରେ ଟ୍ରେନର ରହଣି ପାଇଁ ଷ୍ଟେସନଟିଏ ମଧ୍ୟ ଅଛି । ଯେଉଁଠାରେ ଟ୍ରେନ ଦୁଇ ମିନିଟ ପାଇଁ ଅଟକେ । ଝିଅ ସେଇଠାରୁ ଧରେ ଟ୍ରେନ ନ୍ୟୁୟର୍କ ଯିବା ପାଇଁ ।

"ଏଇ ଟ୍ରେନଲାଇନ ଦେଖି ମୋର ଆମ ଗାଁ କଥା ମନେ ପଡୁଛି"... ତାକୁ ଜଳଖିଆ ବାଢି ଦେଇ କହିଲି ମୁଁ ।

ଆମ ଗାଁ ଘର ସାମ୍ନା ଦେଇ ଏମିତି ଯାଇଥିଲା ଟ୍ରେନଲାଇନ । ଆମେ ଖରାଦିନ ଛୁଟିରେ ଗାଁକୁ ଗଲେ ଟ୍ରେନର ହର୍ଣ୍ଣ ଯାହାକୁ ସେତେବେଳେ ଫୁଙ୍ଗା ବୋଲି କହୁଥିଲୁ । ବାଜିବା ମାତ୍ରେ ଆମେ ଗୋଡାଗୋଡି ହୋଇ ଦଉଡୁଥିଲି ଟ୍ରେନ ଦେଖିବାକୁ । ମୋର ବଡଭାଇ, ଯିଏ ସେତେବେଳେ ଗାଁରେ ରହୁଥିଲେ ଓ ସେଇଠି ପାଠ ପଢୁଥିଲେ ଆମର ସେଠାକାର ରହଣି ସମୟରେ ନିଜକୁ ଆମର ଗାର୍ଡିଏନ ବୋଲି ଭାବୁଥିଲେ । ଆମେମାନେ, ତାଙ୍କ ଠାରୁ ଯେତେକ ସାନ ଭାଇଭଉଣୀମାନେ ରାଜାଙ୍କର ପାତ୍ର ମନ୍ତ୍ରୀ ପରି ତାଙ୍କ ପଛେ ପଛେ ବୁଲୁଥିଲୁ । ଆମକୁ ଲାଗୁଥିଲା ତାଙ୍କୁ ବହୁତ କିଛି ଜଣା, ଯାହା ଆମକୁ ଜଣାନାହିଁ । ସିଏ ଗାଁରେ କୁହା ଯାଉଥିବା ଅନେକ ଢଗଢମାଳି ଜାଣିଥିଲେ । ସିଏ ଯେ କୌଣସି ବାକ୍ୟକୁ ଓଲଟ ବାଗରେ କହିପାରୁଥିଲେ । ଅର୍ଥାତ ବାକ୍ୟଟି ପ୍ରଥମ ଶବ୍ଦରୁ ନୁହେଁ ଶେଷ ଶବ୍ଦରୁ ଆରମ୍ଭ ହେଉଥିଲା ଆଉ ସରୁଥିଲା ପ୍ରଥମ ଶବ୍ଦରେ । ସିଏ ସବୁ ଅକ୍ଷର ଆଗରୁ 'ର' କିମ୍ବା 'ମ' ଲଗେଇ ଲଗାତାର କଥାବାର୍ତ୍ତା କରି ପାରୁଥିଲେ । ଏଇ ଯେମିତି ' ସିଏ କହିଲା ' କୁ , ରସିରଏ ରକରହିରଲା । ଆହୁରି ପୁଣି ସିଏ ଜାଣିଥିଲେ, ଗାଁର କେଉଁ ଗଛବୃଛ କିମ୍ବା ଭଙ୍ଗାଘରେ ଭୂତପ୍ରେତ ରୁହନ୍ତି । କେଉଁଠି ପ୍ରତି ରାତିରେ ଚିରୁଗୁଣୀ ଚୁଲି ଲଗେଇ, ନିଆଁ ଭିତରେ ଦୁଇଗୋଡକୁ କାଠ ପରି ଜାଳି ନିଜ ଛୁଆକୁ ନିଆଁରେ ସେକେ, କେଉଁଠି କଞ୍ଚା ଖାଇ ଡାହାଣୀ ମୁଣ୍ଡ ତଳକୁ , ଗୋଡ ଉପରକୁ କରି ଗୁହ ଚରେ ଆଉ ଗାଁ ମୁଣ୍ଡ କେଉଁ ବରଗଛ ଡାଳରେ ବ୍ରହ୍ମରାକ୍ଷସ ତାର ଦୁଇ ଗୋଡ ତଳକୁ ଝୁଲେଇ ବସିଥାଏ ଆଉ ଦୈବାତ ତାର ଗୋଡ ତଳ ଦେଇ କେହି ଚାଲିଗଲେ ତା କାନ୍ଧ ଉପରକୁ ଡେଇଁ ପଡେ ଇତ୍ୟାଦି ଇତ୍ୟାଦି । ଆଉ ଏତେ ସବୁ କଥା ଜାଣିଥିବା ମଣିଷକୁ ଆମେ ସମସ୍ତେ ବିଜ୍ଞ ବ୍ୟକ୍ତି ବୋଲି ଭାବିବାଟା ସ୍ୱାଭାବିକ । ଭାଇ ଥରେ କହିଲେ, ଚାଲ ତୁମମାନଙ୍କୁ ମୁଁ ଆଜି ମ୍ୟାଜିକ ଦେଖେଇବି । ଆମେ ସବୁ ଧାଇଁଲୁ ତାଙ୍କ ପଛରେ ।

ସେତେବେଳେ ପାଞ୍ଚ ପଇସି, ଦଶ ପଇସିର ଜମାନା ଥିଲା । ପାଞ୍ଚ ପଇସାରେ ପାଞ୍ଚଟା ଲେମନଚୁସ ମିଳୁଥିଲା । ପାଞ୍ଚ ପଇସିଟିଏ ହାତରେ ପାଇଲେ ଆମେ କୋଟିନିଧି ପାଇଗଲୁ ବୋଲି ଭାବୁଥିଲୁ । ଭାଇ ଆମକୁ ନେଇ ରେଳଧାରଣା କଡକୁ ଗଲେ । ଦୁଇଟି ଦଶ ପଇସି ପକେଟରୁ କାଢି ରେଳଧାରଣା ଉପରେ ରଖିଦେଲେ , ସେତେବେଳକୁ ଟ୍ରେନର ଫୁଙ୍ଗା ଶୁଣାଗଲାଣି । ତାପରେ ଆମକୁ ଉପରକୁ ଉଠି ଆସିବାକୁ କହିଲେ । ମାଟିକୁ ଚଉଡା ଆକାରରେ ତାଡି ରେଳଧାରଣା ତିଆରି କରା ଯାଇଥିଲା । ଦୁଇପଟେ ଥିଲା ଉଚ୍ଚ କୁଦ । ହେଲେ ଲୋକମାନେ ରେଳଧାରଣା ପାରି କରିବାକୁ ଯିବାଆସିବା କରିବା ଦ୍ୱାରା ଗୋଟେ ଗଡାଣିଆ ରାସ୍ତା ତିଆରି ହୋଇ ଯାଇଥିଲା । ଆମ ଗାଁ ପାହାଡିଆ ଅଞ୍ଚଳ । ଗୋଡି ମାଟି । ଭାଇଙ୍କର ତାଗିଦରେ ତରତର ହୋଇ ଗଡାଣିଆ ରାସ୍ତା ଦେଇ ଉଠିଆସିଲା ବେଳକୁ ମୋର ଗୋଡ ଖସିଗଲା ଗୋଡିରେ । କାରଣ ମୋର ଅଭ୍ୟାସ ନଥିଲା ସେଇ ରାସ୍ତାରେ ଚାଲିବା । ଭାଇ ଚଟକିନା ବୁଲି ପଡି ମୋ ହାତକୁ ନ ଧରି ପକେଇଥିଲେ ମୁଁ ସିଧା ଗଡିଯାଇ ପଡିଥାନ୍ତି ରେଳଧାରଣା ଉପରେ ।

ଛୁକୁଛୁକୁ କରି ପାରି ହେଇଗଲା ଟ୍ରେନ । ଡରରେ ମୋ ଦେହରୁ ଦଫାଏ ଝାଳ ବୋହିଗଲା । ଆଣ୍ଠୁ ତଳେ ଘଷି ହେଇ ଖଣ୍ଡିଆ ହେଇଯାଇଥିଲା । ବିନ୍ଦୁ ବିନ୍ଦୁ ରକ୍ତ ଉକୁଟି ଉଠି ରୁଗୁରୁଗୁ ହୋଇ ପୋଡୁଥିଲା । ଭାଇ ଦଉଡିଯାଇ ବିଶଲ୍ୟକରଣୀ ପତ୍ର ମେଞ୍ଚେ ଛିଣ୍ଡେଇ ଆଣି ସେଇ ଖଣ୍ଡିଆ ଜାଗାରେ ଲଗେଇଦେଲେ । ସେତେବେଳକୁ ମୋର କାନ୍ଦ କାନ୍ଦ ଅବସ୍ଥା । ଭାଇ ମୋତେ କହିଲେ, ଦେଖ ଆଉ ରକ୍ତ ବୋହୁଛି ! ସନ୍ଧ୍ୟାବେଳକୁ ପୁରା ଶୁଖିଯିବ , ବୁଝିଲୁ । ଘରକୁ ଯାଇ ମାଆ କିମ୍ବା ଖୁଡୀଙ୍କୁ କିଛି କହିବୁନୁ । ନହେଲେ ଆଉ କେବେ ସାଙ୍ଗରେ ଖେଳିବାକୁ ଆଣିବିନି । ସିଏ ତଳକୁ ଓହ୍ଲେଇ ରେଳଧାରଣା ଉପରେ ରଖିଥିବା ଦଶ ପଇସିକୁ ଉଠେଇ ଆଣିଲେ । ଟ୍ରେନଚକା ତଳେ ଚାପି ହୋଇ ସେଗୁଡିକ ପତଳା ଓ ତିନି/ ଚାରି ଗୁଣ ବଡ ଆକାରର ହୋଇ ଯାଇଥିଲା । ମୋତେ ସେଗୁଡିକୁ ଦେଖି ବହୁତ ମଜା ଲାଗିଲା ଆଉ ମୁଁ ଭୁଲିଗଲି ମୋର କଷ୍ଟ ।

ସେଦିନ ଖେଳାଖେଳି ସାରି ଭାତଖିଆ ବେଳକୁ ଆମେ ଘରକୁ ଫେରିଲୁ । ଆମେ ଫେରିଲା ବେଳକୁ ଘର ସାମ୍ନା ପିଣ୍ଡା ଉପରେ ପଡିଥିବା ହାତବାଲା କାଠ ଚୌକି ଉପରେ ବସିଥିଲେ ଜେଜେମାଆ । ତାଙ୍କ ହାତରେ ଥିଲା ହାତେ ଲମ୍ବର ପାଞ୍ଚଣ । ଆମକୁ ଦେଖି ଉଠି ଆସିଲେ ସିଏ ଚୌକିରୁ । ଆମ ଆଖି ଆଗରେ ପାଞ୍ଚଣ ହଲେଇ କହିଲେ, କୁଆଡେ ଯାଇଥିଲ ସବୁ, ହାଁ । ପରେ ଜାଣିଲୁ କେହି ଜଣେ ଆସି ଘରେ ଖବର ଦେଇ ଦେଇଥିଲା ଯେ ଘରର ସବୁ ଛୁଆଙ୍କୁ ନେଇ ବଡଭାଇ ଟ୍ରେନ ଆସିବା ସମୟରେ ରେଳଧାରଣା ଉପରେ ନଇଁ ପଡି କଣ କରୁଥିଲେ । ଏକଥା ଶୁଣି ଜେଜେମାଆ ରାଗିପାଚି ନିଆଁ । କୁଦ ଉପରେ ଛିଡା ହୋଇ ଟ୍ରେନ ଦେଖିବା କଥା, ଠିକ୍ ଥିଲା । କିନ୍ତୁ ରେଳଧାରଣା ଉପରକୁ କାହିଁକି ଯାଇଥିଲ , ଆଉ ତାହା ପୁଣି ଟ୍ରେନ ଆସିବା ସମୟରେ । ଯଦି କିଛି ଅଘଟଣ ଘଟିଥାନ୍ତା .......

ତପାକ ତପାକ ପାଞ୍ଚଣ ପାହାର ପଡିଲା ଆମ ଉପରେ । ଭାଇଙ୍କୁ ଅଧିକ, ଆଉ ଆମକୁ ଟିକେ କମ । ଭାଇ ଚୁପଚାପ ଛିଡା ହୋଇ ମାଡ ଖାଉଥିଲେ ଉଁ କି ଚୁଁ ନ କରି । ମୋତେ ଭାରି ରାଗ ଲାଗୁଥିଲା ଜେଜେମାଆଙ୍କ ଉପରେ । ଅଘଟଣ ତ ଘଟିନାହିଁ ନା । କାଳେ ଘଟିଥାନ୍ତା ବୋଲି ଦେଖ କେତେ ରାଗ । ହେଲେ ଜେଜେମାଆଙ୍କ ଆଗରେ କେହି ପାଟି ଫିଟାନ୍ତି ନାହିଁ । ବାବା, ବଡବାପା ବି ନୁହଁ ।

ଜେଜେମାଆ ଧମକେଇ କି ପଚାରିଲେ, "ଆଉ କେବେ ଦିନେ ଯିବ ସେଠିକି ? "ଆମେ ସମସ୍ତେ 'ନାହିଁ' ରେ ମୁଣ୍ଡ ହଲେଇଲୁ। ସେତିକିବେଳେ ବଡମାଆ ପଦାକୁ ବାହାରି ଆସି କହିଲେ , "ଆସ ସମସ୍ତେ ଖାଇବ । ଖିଅପିଆ ନାହିଁ , ଖରାତରାରେ ବୁଲି ବୁଲି ସବୁ କେମିତି କଳାକାଠ ପଡିଗଲେଣି ଦେଖ।"

ଆଉ ସେତିକିରେ ଯବନିକା ପଡିଲା ସେଇ ଘଟଣାର ।

ଝିଅ ମୋବାଇଲକୁ ଚାର୍ଜରରୁ କାଢି ନିଜ ବ୍ୟାଗରେ ରଖୁ ରଖୁ କହିଲା, "ଗୋଟେ ଡଲାର କଏନ ରେଳଧାରଣା ଉପରେ ରଖିକି ଆଉ ଥରେ ସେଇ ଏକ୍ସପରିମେଣ୍ଟ କରିବା କି ?"

(ଆରଥରକୁ)

(ନିକଟରେ ଆମକୁ ଅସମୟରେ ଛାଡି ଚାଲି ଯାଇଥିବା ବଡଭାଇସଞ୍ଜୀବ କୁମାର ମହାନ୍ତିଙ୍କୁ ସମର୍ପିତ ଏହି ଭାଗଟି)

❤ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

ପଢ଼ିବା ପରେ

## ମୁଗ୍ଧ ନିରବତା : ନିଜ ନିରବତାରେ ନିଜେ ନିର୍ବାସିତ ଜୀବନର ଗାଥା



ଶ୍ରୀନିବାସ ସେଠୀ

କବିତା ସଂକଳନ 'ମୁଗ୍ଧ ନିରବତା'
କବି ସୁମିତା ବେହେରା,
ପ୍ରକାଶକ: ଆଥେନା ବୁକ୍ସ,
ଭୁବନେଶ୍ୱର, ୭୫୧୦୦୨

ରାତି ହିଁ ନିରବ ।

କିନ୍ତୁ ଅନ୍ଧାର ଭିତରେ ଲମ୍ବା ଦୀର୍ଘଶ୍ୱାସ ନେଇ ରାତିକୁ ଅପେକ୍ଷା କରିଥିବା ନାରୀଟିଏ ବି ଆହୁରି ନିରବ ଥାଏ ରାତିଠୁ।

ଦିନ ଦିନ ଧରି ନିରବ ରହିଯାଇଥିବା କବିଙ୍କୁ ପୁଣି ଦିନେ ପରିଚୟ ମାଗେ ସମୟ। କବି ବଡ ଦୁଃଖରେ କୁହନ୍ତି,

'ମୋତେ ଆଉ ପଚାରନା,
ମୋର ପରିଚୟ
ବାର ହାତ କପଡା ଭିତରେ
ଲିଟର ଲିଟର ମାପର ଆଖି ପାଣିରେ
ପଥର ଓଜନର ଛାତିର ଦରଜରେ
ବନ୍ଧା ମୋର ପରିଚୟ ।'
( କବିତା ପରିଚୟ )

ଏ ପରିଚୟ, ମୌନତାରେ ହଠାତ୍ ନିରବ ରହିଯାଇଥିବା ଅନେକ ନାରୀର ହୁଏତ ପରିଚୟ ହୋଇପାରେ କିନ୍ତୁ କିଏ କହିପାରିଛି ଆଉ କିଏ ଅବା କହିପାରିନି। ଏ ସ୍ୱର କିନ୍ତୁ ପହଞ୍ଚିବ ସେମାନଙ୍କ ପାଖରେ ଯିଏ ହସି ହସି ଲକ୍ଷ୍ମୀ ପାଦ ବଢାଇ କୂଳବଧୂ ସାଜି ଆସିଥିବା ନାରୀର ଓଢ଼ଣା ତଳେ ଚିକ୍ ଚିକ୍ କରୁଥିବା ଲୁହକୁ ଚିହ୍ନି ନ ପାରିଛି।

କବିର ତ ଖୁସିର ସଂସାର, ଖୁସିର ସମୟ । କିନ୍ତୁ ସବୁ ନାରୀର ଦୁଃଖ ନିଜ ଭିତରେ ଅନୁଭବ କରି ସଜାଇଛନ୍ତି କବିତା 'ପରିଚୟ'।

ନାରୀଟିଏ, ପୁରୁଷ ତିଆରି ଅସଂଖ୍ୟ ଗାର ଭିତରେ ଓ ବାହାରେ ଯୁଝୁଥିବା କଅଁଳ କେଇ ଚାଖଣ୍ଡର ମାଂସଳ ଭୂଇଁଟେ।

ବଡ ଦୁଃଖ ଭରା ସ୍ୱରରେ କବି ଲେଖନ୍ତି ସ୍ତ୍ରୀ କବିତାରେ -

'ତା ଦେହର ନିଆଁକୁ ଅଣ୍ଟିରେ ପୁରାଇ
ମୁଁ ତରଳୁଥାଏ ପ୍ରତିଥର
ତାର ପୁରୁଷାକାରର ସାର୍ଥକତାରେ
ବୁନ୍ଦା ବୁନ୍ଦା ହୋଇ ମିଶୁଥାଏ ମୋ'ର
ହସ ହସ ସହିଷ୍ଣୁତା,
ଯୁଗ ଯୁଗ ସବୁ ବିଦ୍ରୋହକୁ ମୁଠାଇ
ବର୍ତ୍ତମାନକୁ ପତ୍ର, ପୁଷ୍ପ ମଣ୍ଡିତ କରିବା
ମୋର ଇତିକଥା ।'


'ଜୀବନ ରଂଗ' କବିତାରେ କବି ନିଜ ଭିତରେ ସଞ୍ଚିତ କୁହୁଡି ଭିଜା ମୁଠାଏ ଆହ୍ଲାଦିତ ରଂଗ ନେଇ ନିଜ ଜୀବନକୁ ଆଙ୍କି ଦିଅନ୍ତି ଠିକ୍ ଗୋଟିଏ ଚିତ୍ର ଖାତା ପରି ।


ନିଜ ନିରବତାରେ ନିଜେ ମୁଗ୍ଧ କବି ପୁଣି କହନ୍ତି,

' ହେ ମୋ'ର ନିରବତା,
ଛାଏଁ ଧୂସର ପାଲଟି ଯାଉଥିବା ନିରୀହ ସମୟ,
ପାଉଁଶ ପାଲଟି ସାରିଥିବା
ହଳଦୀ ରଙ୍ଗର ସ୍ମୃତି
ଦିକ୍ ଦିକ୍ ଜଳୁଥିବା ହୃଦୟ ଅଳିନ୍ଦର ନିଆଁ
ରୁଗ୍ ରୁଗ୍ କରୁଥିବା ଶବ୍ଦର କ୍ଷତ
ସବୁଠାରୁ ମୋତେ ମୁକ୍ତି ଦରକାର ବେଳେ
ତୁ ହିଁ ଧରାଇ ଦେଉ ହାତରେ ମୁଠାଏ ପ୍ରତ୍ୟୟ
ଏମାନଙ୍କ ନିରବ ଭାଷାକୁ ବୁଝିବାକୁ।'
(କବିତା ମୁଗ୍ଧ ନିରବତା)

କବି ପାଇଁ କେଉଁ ଦୁଃଖରେ ଗୋଟିଏ ପରିଚିତ ସ୍ୱର ଅପରିଚିତ ହୋଇ ଉଠେ। ପୁଣି କେହି ଜଣେ ଅପରିଚିତ , ପରିଚିତ ସ୍ୱରରେ କିଛି ମୂର୍ଚ୍ଛନା ତୋଳି ପଛରୁ ଡାକୁଥାଏ କବିଙ୍କୁ ବାରବାର । କବି କିନ୍ତୁ ଅଟକି ଯାଆନ୍ତି ନାହିଁ ଅସରନ୍ତି ଜ୍ୟୋତ୍ସ୍ନାରାତିର ମଧୁର ଭ୍ରମ ପରି ସେହି ଡାକ ଭିତରେ । କବି କୁହନ୍ତି,

ମୁଁ ପଛକୁ ଫେରି ନାହିଁ/ କେବେ କାହା ପାଇଁ ମୁଠା ମୁଠା ସୋରିଷ ବୁଣିଥିଲି ତା ବି ମନେ ନାହିଁ / କାହାପାଇଁ କ୍ଷୁଦ୍ରାତିକ୍ଷୁଦ୍ର ପ୍ରେମର ବୀଜଟିଏ ବୁଣିଥିଲି ତାହା ବି ମନେ ପଡୁନାହିଁ / ଅଥଚ ହୃଦୟ ପାଖରେ ଏ କିଏ ଆତତାୟୀ ଯାହାକୁ ମୁଁ କେବେ ଦେଖି ନାହିଁ।



(କବିତା ଅପରିଚିତା)

ଗଛକୁ ପ୍ରତିକାତ୍ମକ କରି କବି ସ୍ୱର ତୋଳନ୍ତି ମାନବିକ ମୂଲ୍ୟବୋଧର। ଗଛକୁ ତ ସମସ୍ତେ ଭଲ ପାଆନ୍ତି । କିନ୍ତୁ କବି ଗଛକୁ ମଣିଷ ପରି ଭଲ ପାଇଛନ୍ତି । ହଠାତ୍ ଗଛ ଲେଖୁ ଲେଖୁ ମଣିଷ କଥା ଲେଖିଛନ୍ତି ,

' ଆ, କହି କିଏ, ହାଣିଦେବ ମୂଳରୁ
ସଜାଇବା ପାଇଁ ତା ଡ୍ରଇଂ ରୁମ
ମିଠା ସମ୍ଭାଷଣରେ କେହି ଛଡାଇ ନେଇ
ତା ଉଜ୍ଜ୍ୱଳ ସବୁଜପଣ
ଅନାୟାସରେ ଭରିଦେବ ଶୂନ୍ୟତା ।'

ଏଇ ଗଛର ପାଖରେ ଯଦି କେହି ନାରୀକୁ ଛିଡ଼ା କରି ପଢିବେ କବିତାକୁ, ତେବେ ଜାଣି ପାରିବେ କେତେ ସତ କଥା ଲୁଚି ରହିଛି ଏ ପଙ୍କ୍ତିରେ ।

' କିଛି ସମ୍ପର୍କ ହେଉ କି ଆକର୍ଷଣ
କିଛି ଭଲ ପାଇବା ଭାରି ନିଃସଙ୍ଗପଣ,
ଯାହାବି ହେଉ
ମୁଁ ଖୋଜେ ତା ବାଲିଶେଯ
ଟିକିଏ ନିରୋଳା ସମୟ
ତା ସହିତ କଥା ହେବା ପାଇଁ
ଖୋଲିଦେବା ପାଇଁ
ମୋ ଅବ୍ୟକ୍ତ ରୂପାନ୍ତରଣ ।'

କବିଙ୍କ ଏ ଆଶାକୁ ରଙ୍ଗ ଦେଇ ଦୃଶ୍ୟକୁ ଦେଖିବା ପାଇଁ ସଂକଳନର ସଜା ହୋଇଛି ପ୍ରଚ୍ଛଦ। ସାମନାରେ ବିସ୍ତୃତ ସମୁଦ୍ରର ଜଳ ରାଶି। ଉପରେ ନୀଳ ଶୂନ୍ୟତାର ଆକାଶ । ନାରୀ ଭାଗ୍ୟର ଆକାଶ ସମୁଦାୟ ମୁକ୍ତ ନୁହେଁ । ଚାରି ପାଖରେ ଘେରି ରହିଛି ଦୁଃଖ ଓ ଦୁଶ୍ଚିନ୍ତାର ମେଘମାଳା । ମେଘମାଳାର ଆଶଙ୍କା ଭେଦି ଉଇଁଛି ତା ଆଶାର ଗୋଲ ଜହ୍ନ । ଶୁଭ୍ର ମଧୁମୟ ଚନ୍ଦ୍ରଧାରା ଝରି ଯାଇଛି ସମୁଦ୍ର ବକ୍ଷରେ। ଚକ୍ ଚକ୍ କରୁଛି ଫେନିଳ ଉର୍ମି ଆଉ ଚାରିପାଖର କେବଳ ନିରବତା । ମୁଗ୍ଧ ନିରବତା।

ଏ ସଂକଳନରେ ଅଛି ପଚାଶଟି ଭାବମୟ କବିତା । ନିଜ ପାଖର ଦୁଃଖ, ରକ୍ତ, କ୍ଷତ, ଦାହ, ନିଜ ପାଖର ଶୂନ୍ୟତା, ନିଜ ନିରବତାରେ ନିଜେ ନିର୍ବାସିତ ଏକ ନାରୀ ପ୍ରାଣର ଆତ୍ମପୀଡନର ଗାଥାକୁ ନେଇ ସଂକଳନରେ ରହିଛି ପଚାଶଟି ପ୍ରତୀକାତ୍ମକ କବିତା । କିନ୍ତୁ ସବୁ କବିତା ପାଖରେ ପୁରୁଷଟିଏ ହେଉ କି ନାରୀଟିଏ ହେଉ, ନଇଁ ପଡି ସ୍ୱର ଶୁଣିଲେ ଲାଗିବ ଯେମିତି ଅନୁରଣିତ ହେଉଛି ନିଜ ନିଜର ନିଶବ୍ଦ ଆତ୍ମଲିପି ।

ଅନେକ ସମ୍ଭାବନା ନେଇ ପ୍ରକାଶିତ ହୋଇଛି କବିଙ୍କ ଏ ଦ୍ୱିତୀୟ କବିତା ସଂକଳନ।


❤ ବସନ୍ତପୁର, ଗେଙ୍ଗୁଟି, ବାଲେଶ୍ୱର
(ମୋ) ୯୪୩୨୧୬୨୬୪୫

---

## ଓଡ଼ିଶା ବିଜେପିର ବିଶ୍ୱକର୍ମା: ଡାକ୍ତର ଦେବେନ୍ଦ୍ର ପ୍ରଧାନ

ଅଲେଖ ଚନ୍ଦ୍ର ସାମଲ

ଓଡ଼ିଶାର ଅନେକ ଅଭାବ ଭିତରୁ ଗୋଟିଏ ଅଭାବ ହେଉଛି ସଫଳ କାହାଣୀର ଅଭାବ। ଏଠି ସଫଳ କାହାଣୀର ଅର୍ଥ କେହି କେହି ଉଦଯୋଗ ବା ଶ୍ରେଷ୍ଠତାକୁ ଧରିପାରନ୍ତି। କିନ୍ତୁ ରାଜନୀତି ଓ ଡାକ୍ତରୀ ନୀତି ଏହି ଦୁଇଟି ନୀତି ଭିତରେ ଅପୂର୍ବ ସମନ୍ୱୟ ରଖି ଏକ ତ୍ୟାଗପୂତ ଓ କର୍ମମୟ ଜୀବନ ଅତିବାହିତ କରିବାରେ ସଫଳ ହୋଇଥିଲେ ଓଡ଼ିଶା ବିଜେପିର ପ୍ରମୁଖ ବିନ୍ଧାଣୀ ପ୍ରମୁଖ ସ୍ରଷ୍ଟା ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନ। କହିବାକୁଗଲେ ସ୍ୱପ୍ନ ଦେଖିବାକୁ ମନା ନାହିଁ ବେଳେ ବେଳେ ରାତି ଛୋଟ ଓ ସ୍ୱପ୍ନ ଅଧିକ ହୋଇଯାଏ। ମାତ୍ର ହୃଦୟକୁ ଦୃଢ଼ କରି ସ୍ୱପ୍ନକୁ ସାକାର କରିବାରେ ହିଁ ମଣିଷର ମନୁଷ୍ୟତ୍ୱ ପରିଚୟ ଦେଇଥାଏ। ଆଜିର ଭୌତିକ ଧନ ମାନବ ସମାଜ ଉପରେ ଜୀବନର ମହାମନ୍ତ୍ର ଭୁଲିଯାଇ ମଣିଷଟି ଗର୍ବୀ, ଅହଂକାରୀ ପାଲଟି ଯାଉଛି। ଯାହାର ପ୍ରଭାବରେ ସମାଜରେ ଅନୀତି ଦୁର୍ନୀତି ବଢ଼ି ବଢ଼ି ଚାଲିଛି। ତେବେ ମୂଲ୍ୟବୋଧ ଭିତ୍ତିକ ଜୀବନ ଏବଂ ଦଳପ୍ରତି ସମର୍ପଣ, କର୍ମୀ ମାନଙ୍କ ପ୍ରତି ଅତୁଟ ଆବେଗ ଓ ଭଲ ପାଇବା ହିଁ ଜୀବନର ଯେ ବଡ଼ ଅନ୍ୟତମ ସଫଳତା ତାହା ଦେଖାଇ ଯାଇଛନ୍ତି ସଫଳ କର୍ମଯୋଗୀ ଓ ଓଡ଼ିଶା ସମସ୍ତଙ୍କର ପ୍ରିୟ ରାଜନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନ।



ସଂସାରରେ ତିନି ପ୍ରକାର ଲୋକ ଥାଆନ୍ତି ଯଥା ନୀଚ ବା ଅଧମ, ମଧ୍ୟମ ଏବଂ ଉତ୍ତମ। କୌଣସି କାର୍ଯ୍ୟ ଆରମ୍ଭ କଲେ କାଳେ କିଛି ବିଘ୍ନ ଘଟିବ ସେଥିପାଇଁ ଅଧମ ବ୍ୟକ୍ତି କୌଣସି କାମ ଆରମ୍ଭ କରନ୍ତି ନାହିଁ। କାମ ନକରିବା ଫଳରେ ସେମାନେ ଦୁଃଖ କଷ୍ଟରେ ଚଳନ୍ତି। ଯେଉଁମାନେ କୌଣସି କାମ କରନ୍ତି କିନ୍ତୁ ବିଘ୍ନ ସୃଷ୍ଟି ହେଲେ ଅଧାରୁ କାମ ଛାଡ଼ି ଦିଅନ୍ତି ସେମାନଙ୍କର ଚେଷ୍ଟା ବିଫଳ ହୁଏ ଧନ ହାନୀ ଘଟେ, ପ୍ରାଣପୀଡ଼ା ହୁଏ। ସେମାନେ ମଧ୍ୟମ ବ୍ୟକ୍ତି। ସଂସାରରେ ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ କାମ ଆରମ୍ଭ କରନ୍ତି କାମରେ ବିଘ୍ନ ଜୁଟିଲେ ମଧ୍ୟ ସଫଳତା ଅର୍ଜନ ନକଲା ପର୍ଯ୍ୟନ୍ତ କାମକୁ ଛାଡ଼ି ଯେତେ କାମରେ ବାଧାବିଘ୍ନ ଆସିଲେ ମଧ୍ୟ କାମରେ ସଫଳତା ନ ଆସିବା ପର୍ଯ୍ୟନ୍ତ ସେ ବିରତ ହୁଅନ୍ତି ନାହିଁ। ସେ ହିଁ ଉତ୍ତମ। ଏହିପରି ଉତ୍ତମ ଓ ନୀତିନିଷ୍ଠ ବ୍ୟକ୍ତିମାନେ ହିଁ ଜୀବନରେ ଉନ୍ନତି କରନ୍ତି ଯାହା ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଠାରେ ଦେଖାଯାଇଥିଲା। ମଣିଷକୁ ମଣିଷ ବୋଲି ଦେଖି ତାକୁ ଭଲ ପାଇଲେ ଭଗବାନ ସନ୍ତୁଷ୍ଟ ହେବେ। ଅନ୍ୟକୁ ସାହାଯ୍ୟ କରିବା ପାଇଁ ଉପକରଣ, ସାଧନ ଯୋଗାଇ ଦେଲେ ସୃଷ୍ଟି ସୁନ୍ଦର ହେବ, ସୁଖମୟ ହେବ ଏହା ହିଁ ଭଗବାନ ଚାହାଁନ୍ତି। ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଗାଢ଼ ନିଷ୍ଠ ଆତ୍ମବିଶ୍ୱାସ, ସାଧନା, ଅମାୟିକ ବ୍ୟବହାର ଓ ସହିଷ୍ଣୁତାର ପରିଚୟ ଅନ୍ୟ ମାନଙ୍କ ପାଇଁ ଶିକ୍ଷଣୀୟ। (ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଦୃଷ୍ଟିକୋଣ-୮

# ସାହିତ୍ୟରେ ପ୍ରତିଫଳିତ ବାକ୍‌ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ ଉଚ୍ଚତମ ନ୍ୟାୟାଳୟର ଐତିହାସିକ ରାୟ



♥ ଡ. କାଳୀପଦ ପଣ୍ଡା

ଦେଶର ନାଗରିକର ବାକ୍‌ସ୍ୱାଧୀନତା ଏକ ମୌଳିକ ଅଧିକାର। ଯାହାକୁ ଇଂରାଜୀରେ ଫ୍ରିଡ଼ମ୍ ଅଫ୍ ସ୍ପିଚ୍ କୁହାଯାଏ। ଜଣେ ସଚେତନ ନାଗରିକ ତା'ର ସ୍ୱାଧୀନ ମତପୋଷଣ କରିବାର ଯେଉଁ ଫାଣ୍ଡାମେଣ୍ଟାଲ୍ ରାଇଟସ୍ ବା ମୌଳିକ ଅଧିକାର ପାଇଛି, ତାହାକୁ ସୁନିଶ୍ଚିତ କରିବା ସବୁସ୍ତରର ଅଗ୍ରାଧିକାର ବିଷୟ। ଏହାର ବିଚ୍ୟୁତି କେବେ ଗ୍ରହଣୀୟ ନୁହେଁ। ଦେଶର ଶାସନକଳ ଓ ପ୍ରଶାସନରେ ଅସଙ୍ଗତି ଅନୁଭବ ହେଲେ ତାହାର ଗଠନମୂଳକ ଆଲୋଚନା ବା ସମାଲୋଚନା ନାଗରିକଟିଏ ନିଜର ଲେଖାରେ ପ୍ରକାଶ କରୁଥିଲେ ତହିଁରେ ବାଧା ସୃଷ୍ଟି କରାଯାଇପାରିବ ନାହିଁ। ବିଶେଷ ଭାବେ ସାହିତ୍ୟରେ, କବିତା, ନାଟକ, ଗଳ୍ପ, ଉପନ୍ୟାସ, କଳାରେ ବ୍ୟଙ୍ଗ ମାଧ୍ୟମରେ ଯାହା କୁହାଯାଏ ତାହା ଜୀବନକୁ ସମୃଦ୍ଧ କରିଥାଏ। ଏହା ଚିନ୍ତାଧାରା ଓ ମତର ମୁକ୍ତ ଅଭିବ୍ୟକ୍ତି। ସୁସ୍ଥ ଓ ସଭ୍ୟ ସମାଜଗଠନର ଅବିଚ୍ଛେଦ୍ୟ ଅଙ୍ଗ ସଦୃଶ। ସମ୍ବିଧାନର ଧାରା ୨୧ ଅନୁଯାୟୀ ସମ୍ମାନଜନକ ଜୀବନଯାପନ କରିବାରେ ପ୍ରମୁଖଦିଗ। "ଅଭିବ୍ୟକ୍ତିର ସ୍ୱାଧୀନତା ଏକ ସୁସ୍ଥ ଓ ସଭ୍ୟସମାଜର ଅବିଚ୍ଛେଦ୍ୟ ଅଙ୍ଗ" ବୋଲି ଏକ ମାମଲାର ଶୁଣାଣିରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଟିପ୍ପଣି ଦେଇଛନ୍ତି। ଜଷ୍ଟିସ ଏ ଏସ୍ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ସମ୍ବେଦନଶୀଳ ପ୍ରସଙ୍ଗର ବିଚାର ପରେ ନିଜର ରାୟରେ କହିଛନ୍ତି- ସ୍ୱାଧୀନତାର ୭୫ ବର୍ଷ ପରେ ଆମେ କେବଳ କବିତା ପାଠ କରିବା କିମ୍ବା ଷ୍ଟାଣ୍ଡଅପ୍ କମେଡ଼ି ଭଳି କଳା ଅଥବା ମନୋରଞ୍ଜନର କୌଣସି ରୂପ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା କିମ୍ବା ଘୃଣା ସୃଷ୍ଟି କରିଥାଏ ବୋଲି ବିଚାର କରିବା ଠିକ୍ ନୁହେଁ।

> ସାହିତ୍ୟିକ ଯେଉଁ ସମୟରେ ରଚନା କରେ ସେ ତା' ଚାରିପାଖର ସମସ୍ୟାକୁ ଅବଲୋକନ କରିଥାଏ। କେବଳ ଅବଲୋକନ କରେ ନାହିଁ ବରଂ ତାହାକୁ ସ୍ୱଉପଲବ୍ଧିରେ ଆଣି ବ୍ୟକ୍ତି ଓ ସମାଜର ମନସ୍ତତ୍ତ୍ୱକୁ ବୁଝି ତା' ଭିତରେ ସ୍ୱକୀୟ ଚିନ୍ତାଚେତନାକୁ ପ୍ରକାଶ କରାଏ। ସେ ନିଜର ଇଚ୍ଛା ଓ ଆଗ୍ରହରେ କିଛିକିଛି ସମାଜିକ ଦାୟିତ୍ୱକୁ ତା'ର ଲେଖନୀରେ ପ୍ରତିଫଳିତ କରାଏ।

କେତେଦିନ ପୂର୍ବେ ମହାରାଷ୍ଟ୍ରର ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କୁ ଦେଶଦ୍ରୋହୀ କହି ମାନହାନି ମାମଲାରେ ସମ୍ମୁଖୀନ ହୋଇଥିବା ହାସ୍ୟାଭିନେତା କୁନାଲ କାମ୍ରାଙ୍କ ବିରୁଦ୍ଧରେ ଚାଲିଥିବା ବିବାଦ ପରିପ୍ରେକ୍ଷୀରେ ଏହି ରାୟ ଏଣିକି ଯଥେଷ୍ଟ ଗୁରୁତ୍ୱ ରଖିଛି।

ଯେଉଁ ମାମଲାର ଶୁଣାଣି କରି ଦେଶର ସର୍ବୋଚ୍ଚ ଅଦାଲତର ଏକ ଖଣ୍ଡପୀଠ ଉପରୋକ୍ତ ରାୟ ଶୁଣାଇଛନ୍ତି, ତାହାହେଲା - ଗୁଜୁରାଟ ପ୍ରଦେଶର କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗଡ଼ୀ ସୋସିଆଲ ମିଡ଼ିଆରେ ଏକ କବିତାକୁ ସେୟାର କରିଥିଲେ। ଯେଉଁ ପୃଷ୍ଠଭୂମିରେ 'ଏ ଖୁନ୍ କେ ପ୍ୟାସେ ବାତ୍ ସୁନୋ' ଗୀତ ପ୍ରସାରିତ ହୋଇଥିଲା। ଯାହା ବିଜେପି ଶାସିତ ସରକାରଙ୍କୁ କଡ଼ା ସମାଲୋଚନା ବୋଲି କୁହାଯାଇଥିଲା।

ଏବାବଦରେ ଯେଉଁ ଏଫ୍‌ଆଇଆର୍ ହୋଇଥିଲା, ଏହାକୁ ରଦ୍ଦ କରିବାକୁ ମନା କରିଦେଇଥିଲେ ଗୁଜୁରାଟ ହାଇକୋର୍ଟ ଗତ ଜାନୁଆରୀ ମାସର ୧୭ ତାରିଖରେ। ଏହି ମାମଲା ଯେତେବେଳେ ସୁପ୍ରିମକୋର୍ଟରେ ପହଞ୍ଚିଲା, ମାନ୍ୟବର ସୁପ୍ରିମକୋର୍ଟ ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ଚଳିତ ମାର୍ଚ୍ଚ ୨୮ ତାରିଖରେ ରାୟ ଶୁଣାଇଲା ବେଳେ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ ହୋଇଥିବା କବିତାକୁ ନେଇ ଗୁଜୁରାଟର କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗଡ଼ୀଙ୍କ ବିରୁଦ୍ଧରେ ଦାଏର ହୋଇଥିବା ଏଫ୍ ଆଇ ଆର୍‌କୁ ରଦ୍ଦ କରିଦେଇ କହିଥିଲେ ଯେ - "ଅଭିବ୍ୟକ୍ତିର ସ୍ୱାଧୀନତା ଏକ ସୁସ୍ଥ ସଭ୍ୟ ସମାଜର ଅବିଚ୍ଛେଦ୍ୟ ଅଙ୍ଗ"। ମାନ୍ୟବର ବିଚାରପତି ଦ୍ୱୟ ଆହୁରି କହିଥିଲେ ଯେ - "କବିତା ଧର୍ମ ବିରୋଧୀ କିମ୍ବା ଦେଶବିରୋଧୀ ନୁହେଁ, ପୁଲିସ୍ ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତା ଅର୍ଥ ବୁଝିବା ଉଚିତ"।

ବାସ୍ତବରେ ଏହି ସମ୍ବେଦନଶୀଳ ପ୍ରସଙ୍ଗ କ୍ରମରେ କୋଟିକୋଟି ଭାରତୀୟଙ୍କ ମତ ପ୍ରକାଶ କରିବାର ଯେଉଁ ମୌଳିକ ବାକ୍‌ସ୍ୱାଧୀନତାକୁ ଚିର ଅକ୍ଷୁର୍ଣ୍ଣ ରଖିବା ଦିଗରେ ଚେତାବନୀ ସୃଷ୍ଟି ହୋଇଛି। ସାହିତ୍ୟ ସବୁକାଳେ ମଣିଷର ଚେତନାକୁ ଶାଣିତ ଓ ସୁସଂଯତ କରାଏ। ଜୀବନ ଗଢ଼ିବାରେ ପ୍ରତିଷେଧକ ଟିକା ସଦୃଶ କାର୍ଯ୍ୟ କରେ। ସେ ଅତୀତ ଓ ଭବିଷ୍ୟତର ସଂଯୋଗୀକରଣ କରାଏ। କବିତା ହେଉଛି ଜୀବନର ସମାଲୋଚନା। ଯାହାକୁ ଇଂରାଜୀରେ କୁହାଯାଏ - **Poetry is the criticism on life.** ସମାଲୋଚନା ବ୍ୟକ୍ତି ଓ ବ୍ୟବସ୍ଥାକୁ ଅଧିକ ପରିମାର୍ଜିତ କରାଏ। ସମାଲୋଚନାକୁ ସକାରତ୍ମକ ଦିଗରୁ ଗ୍ରହଣକଲେ ସମାଜଜୀବନରେ ସଂସ୍କାର ଆସେ। ସାହିତ୍ୟ ସବୁକାଳେ ବ୍ୟକ୍ତିଠୁଁ ସମାଜ ଯାଏଁ, ସଭିଙ୍କୁ ସଜାଗ ଓ ସକ୍ରିୟକରି ସଂଶୋଧନର ଆହ୍ୱାନରେ ସମ୍ମୁଖୀନ ହେବାକୁ ପ୍ରରୋଚିତ କରିଥାଏ। ଶାସକ ପ୍ରଶାସକଙ୍କୁ ଅଧିକ କ୍ରିୟାଶୀଳ ଓ ଯତ୍ନଶୀଳ ହେବାରେ ଏବଂ ନୂତନ ସଂସ୍କାରର ଭୂମିରେ ଅବତୀର୍ଣ୍ଣ ହେବାକୁ ପ୍ରଚ୍ଛନ୍ନ ସହାୟତା ଯୋଗାଇଥାଏ। ବିକ୍ରାମଦିତ୍ୟଙ୍କ ରାଜସଭାରେ ହେଉ କିମ୍ବା ବିରବଲଙ୍କ ସମୟରେ ହେଉ ଅଥବା ସୋମଦେବଙ୍କ 'କଥା ସରିତ ସାଗର' ଠୁଁ ଅଧାତ୍ମିକ ପୋଥିପୁରାଣର କାହାଣୀ ପର୍ଯ୍ୟନ୍ତ ସବୁଥିରେ ଚେତନାର ସ୍ଫୁରଣ ପାଇଁ ସାହିତ୍ୟ ହୋଇଛି ଅଭିପ୍ରେତ। ଲେଖକୀୟ ସ୍ୱାଧୀନତାର କୁଠାରଘାତ କେବେ ବି ଗ୍ରହଣୀୟ ହୋଇନାହିଁ। କଲମକୁ ଖଣ୍ଡାଠାରୁ ଅଧିକ ଶକ୍ତିଶାଳୀ କୁହାଯାଇଥାଏ। ଯେଭଳି କି ପରିହାସ ଛଳରେ କୁହାଯାଏ "ଉପରିସ୍ଥ ହାକିମଙ୍କ କଲମ ହିଁ ଶକ୍ତିଶାଳୀ, ଯାହା ଅନ୍ନବସ୍ତ୍ର ଦେବାକୁ ସମର୍ଥ। ଯାହାର ଗୋଟିଏ ଗାରରେ ବ୍ୟକ୍ତିର ଭାଗ୍ୟ ବଦଳି ଯାଏ।" ଯେଭଳି କି ବିଶ୍ୱସ୍ତରରେ 'ଟମକକାଙ୍କ କୁଟୀର'। ଯେଉଁ ରଚନା ପାଇଁ ଦାସତ୍ୱ ଭଳି ଘୃଣ୍ୟପ୍ରଥା ବିଲୋପ ହୋଇପାରିଥିଲା। ଭାରତୀୟ ଓ ଆମ ପ୍ରାନ୍ତୀୟ ସାହିତ୍ୟରେ ମଧ୍ୟ ସେଭଳି ସୃଷ୍ଟି ବି କିଛି କମ୍ ନାହିଁ। ମଣିଷର ଦୁଃଖ ସୁଖ, ଆଶା ନିରାଶା ଓ ଉତ୍ତରଣ ସାହିତ୍ୟରୁ ହିଁ ଘଟିଥାଏ।

ସାହିତ୍ୟିକ ଯେଉଁ ସମୟରେ ରଚନା କରେ ସେ ତା' ଚାରିପାଖର ସମସ୍ୟାକୁ ଅବଲୋକନ କରିଥାଏ। କେବଳ ଅବଲୋକନ କରେ ନାହିଁ ବରଂ ତାହାକୁ ସ୍ୱଉପଲବ୍ଧିରେ ଆଣି ବ୍ୟକ୍ତି ଓ ସମାଜର ମନସ୍ତତ୍ତ୍ୱକୁ ବୁଝି ତା' ଭିତରେ ସ୍ୱକୀୟ ଚିନ୍ତାଚେତନାକୁ ପ୍ରକାଶ କରାଏ। ସେ ନିଜର ଇଚ୍ଛା ଓ ଆଗ୍ରହରେ କିଛିକିଛି ସମାଜିକ ଦାୟିତ୍ୱକୁ ତା'ର ଲେଖନୀରେ ପ୍ରତିଫଳିତ କରାଏ। ମଣିଷର ଜୀବନ ହେଉଛି ତା'ର ଉତ୍କୃଷ୍ଟ କଞ୍ଚାମାଲ୍। ସେ ସମାଜର ସଜ୍ଞାନ ସଚେତନ ବିନ୍ଦୁ ଟିଏ। ସେ ଯାହା ସୃଷ୍ଟିକରେ ତାହା ପରଦିନମାନଙ୍କରେ ତା'ର ଗଭୀର ପ୍ରତିଫଳନ ପରିଲକ୍ଷିତ ହୁଏ। ସେ ଜଣେ ଜାଣେ ସଚେତନ ନାଗରିକ ଭାବେ ଯେଉଁ ଅନୁଭବ, ଅନୁଭୂତି ବା ଅବସାଦକୁ ସାଉଁଟି ଥାଏ, ତାହାକୁ ହିଁ ସେ ଚିତ୍ରିତ କରାଏ ସମସ୍ତଙ୍କ ନିକଟରେ ଏକ ଦାୟବଦ୍ଧତାର ପରିମାପରେ। ସେ ସବୁ ସମୟରେ ଏକ ସୁନ୍ଦର ସମାଜର ଚିତ୍ର ଆଙ୍କିବାକୁ ପ୍ରୟାସ କରିଥାଏ।

♥ ସୁନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ) ୯୪୩୭୦୮୯୨୪୧

## ॥ ସ୍ମରଣୀୟେଷୁ ॥



# କୃଷ୍ଣ ସୁନ୍ଦରର ଲେଖିକା : ଅନା ସୁଲ୍

### ଡ. ଅରୁନ୍ଧତୀ ଦେବୀ



ମାତ୍ର ଗୋଟିଏ ଉପନ୍ୟାସ ଲେଖି ବିଶ୍ୱସ୍ତରରେ ପ୍ରସିଦ୍ଧ ହୋଇଥିବା କତିପୟ ସାହିତ୍ୟିକାଙ୍କ ମଧ୍ୟରେ ଅନା ସୁଲ୍ ଜଣେ । ତାଙ୍କର ଏକମାତ୍ର ପ୍ରସିଦ୍ଧ କୃତିଟି ହେଉଛି ବ୍ଲାକ୍ ବିଉଟି ବା ଓଡ଼ିଆରେ କୃଷ୍ଣ ସୁନ୍ଦର । ମୃତ୍ୟୁର ମାତ୍ର ଦୁଇ ବର୍ଷ ପୂର୍ବରୁ ଅତ୍ୟନ୍ତ ଅସୁସ୍ଥ ଅବସ୍ଥାରେ ଶଯ୍ୟାଶାୟୀ ଥିବା ବେଳେ ଅନ୍ୟ ଉପନ୍ୟାସଟିର ରଚନା ଆରମ୍ଭ କରିଥିଲେ । ଟେବଲ ପାଖରେ ବସି ଲେଖି ପାରୁନଥିବାରୁ ସେ ଡାକୁଥିଲେ ଏବଂ ତାଙ୍କ ମାଆ ଲେଖୁଥିଲେ। ମାତ୍ର ଅଳ୍ପ କିଛି ପୃଷ୍ଠା ସେ ହାତରେ ଲେଖିଥିବା ଜଣାଯାଏ । ଉପନ୍ୟାସଟି ପ୍ରକାଶ ପାଇବାର ପାଞ୍ଚ ମାସ ପରେ ଆନାଙ୍କ ଦେହାନ୍ତ ହୋଇଥିଲା । ଉପନ୍ୟାସଟି ପାଠକ ପ୍ରିୟତା ହାସଲ କରିଥିବା ଶୁଣି ଶାନ୍ତିରେ ସେ ଶେଷନିଶ୍ୱାସ ତ୍ୟାଗ କରିଥିଲେ । ୩୦ ମାର୍ଚ୍ଚ ୧୮୨୦ରେ ଇଂଲଣ୍ଡ ଅନ୍ତର୍ଗତ ଗ୍ରେଟ୍ ୟର୍‌ମାଉଥ୍‌ରେ ଏକ ଧାର୍ମିକ ପରିବାରରେ ଆନା ଜନ୍ମ ଗ୍ରହଣ କରିଥିଲେ । ମାଆ ମେରି ରାଇଟ୍ ସୁଲ ଥିଲେ ଶିଶୁ ଲେଖିକା । ବାର ବର୍ଷ ବୟସରେ ସ୍କୁଲରୁ ଘରକୁ ଫେରୁଥିବା ବେଳେ ଏକ ଦୁର୍ଘଟନା ଯୋଗୁଁ ଆନାଙ୍କ ଦୁଇଟିଯାକ ବଳା ଗଣ୍ଠି ଭାଙ୍ଗି ଯାଇଥିଲା । ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ଦୁର୍ଭାଗ୍ୟ ଯୋଗୁଁ ସେ ଦୁଇଟି ଯୋଡ଼ି ହେବାରେ ଅନେକ ଦିନ ଲାଗିଯାଇଥିଲା ଏବଂ ଶେଷରେ ବିକୃତ ହୋଇଯାଇଥିଲା । ତେଣୁ ଆନା ଆଜୀବନ ଆଶାବାଡ଼ି ଧରି ଚାଲୁଥିଲେ । ଅଧିକାଂଶ ସମୟରେ ଘୋଡ଼ାଗାଡ଼ି ଉପରେ ନିର୍ଭର କରୁଥିଲେ। ଏହା ତାଙ୍କୁ ଘୋଡ଼ାଙ୍କ ଉପରେ ଉପନ୍ୟାସ ଲେଖିବା ପାଇଁ ଅନୁପ୍ରାଣୀତ କରିଥିଲା। ବ୍ଲାକ୍ ବିଉଟିକୁ ଏକ ଶିଶୁ ସାହିତ୍ୟ ଭାବେ ଗ୍ରହଣ କରାଯାଇଥିଲେ ହେଁ ଆନା ଅଶ୍ୱପାଳକଙ୍କ ନିମନ୍ତେ ବହିଟି ଲେଖିଥିଲେ।

ତାଙ୍କ ସମୟରେ ସଇସମାନେ ଘୋଡ଼ାଙ୍କ ଉପରେ ଅତି ନିର୍ଦ୍ଦୟ ଭାବେ ଅତ୍ୟାଚାର କରୁଥିଲେ। ଘୋଡ଼ାଙ୍କୁ ଦିଆଯାଉଥିବା ନିର୍ଯାତନା ବନ୍ଦ କରିବା ଲାଗି ଆନା ଉପନ୍ୟାସଟି ରଚନା କରିଥିଲେ । ଆନା ଜନ୍ମ ହୋଇଥିବା ଘରଟି ଏବେ ବି ଅଛି ଏବଂ ସେଠାରେ ଏକ ସଂଗ୍ରହାଳୟ ଚାଲିଛି । ଅନେକ ହୁଏତ ଜାଣିନଥିବେ ଅନାସୁଲ୍‌ଙ୍କ ଉପରୋକ୍ତ ପୁସ୍ତକ ବିଶ୍ୱର ଅନ୍ୟତମ ବେଷ୍ଟ ସେଲର ପୁସ୍ତକର ମାନ୍ୟତା ପାଇଛି। ଜଣେ ସାରସ୍ୱତ ସାଧିକା ବ୍ୟତୀତ ପ୍ରକୃତିକୁ ଭଲପାଉଥିବା ଏହି ସାହିତ୍ୟିକ ପ୍ରକୃତି ଗହଣରେ ଭ୍ରମଣ କରି ମଧ୍ୟ କିଛି ରଚନା ଆମ ଭ୍ରମଣ କହାଣୀ ସାରସ୍ୱତ ଜଗତକୁ ସମୃଦ୍ଧ କରିଛନ୍ତି। ସେ ସବୁବେଳେ କୁହନ୍ତି ଯେ ସାରସ୍ୱତ ଜୀବନରେ ପ୍ରକୃତି ଠାରୁ ଶ୍ରେଷ୍ଠ ପ୍ରେରଣା ଅନ୍ୟ କେଉଁଠି ନାହିଁ। ୧୮୭୮ ଏପ୍ରିଲ ୨୫ ତାରିଖରେ ଆନାଙ୍କ ଦେହାନ୍ତ ହୋଇଥିଲା । ଜୀବନ ସଂଗ୍ରାମରେ ଭିନ୍ନକ୍ଷମ ହୋଇମଧ୍ୟ ନିଜକୁ ଅସହାୟ ମନେନକରି ବା ଅନ୍ୟ ମାନଙ୍କ ଉପରେ ନିର୍ଭର ନ ହୋଇ ବି ସେ ସାରସ୍ୱତ ସାଧନାରେ ଯେଉଁ କୃତି ଅର୍ଜନ କରିଛନ୍ତି ତାହା କ୍ୱଚିତ୍ ସାହିତ୍ୟିକଙ୍କ ଭାଗ୍ୟରେ ମିଳେ। ଆମ ସମୟରେ ଅନେକ ଲେଖିକା ଜୀବନର ପ୍ରତିକୂଳତାକୁ ସାମ୍ନା ନକରି ଧୈର୍ଯ୍ୟହରା ହୋଇପଡୁଥିବାବେଳେ ଏହି କୃଷ୍ଣସୁନ୍ଦରର ଲେଖିକାଙ୍କ ଜୀବନନାମା ପ୍ରେରଣା ଯୋଗାଇବ ବୋଲି ଆଶା କରୁଛୁ। ତାଙ୍କ ଜୟନ୍ତୀ ଅବସରରେ ତାଙ୍କ ଅମ୍ଳାନ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।

♥ ଶୋଭନୀୟ ଆନ୍ଦୋଳନ,
ଭୁବନେଶ୍ୱର, ମୋ : ୯୯୩୭୧୭୨୮୧୦

## ଆଲୋଚନା

# ଗଙ୍ଗା ସାଗର

### ସୁଧାଂଶୁ ଶେଖର ଦ୍ୱିବେଦୀ



ପଶ୍ଚିମ ବଙ୍ଗର ସୁଦୂର ଦକ୍ଷିଣ ଦିଗରେ ବିଶ୍ୱବିଖ୍ୟାତ ସୁନ୍ଦରବନ ଅବସ୍ଥିତ।ସାଗର ଦ୍ୱୀପ ସୁନ୍ଦରବନର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ।ଏହି ଦ୍ୱୀପ ୩୦ କି:ମି: ଦୀର୍ଘ ଏବଂ ୧୦ ରୁ ୧୨ କି:ମି: ଓସାର ବିଶିଷ୍ଟ ଅତ୍ୟନ୍ତ ପ୍ରାଚୀନ ଅଟେ।ପୁରାତତ୍ତ୍ୱଙ୍କ ଗବେଷଣା ଅନୁସାରେ ସମ୍ଭବତଃ ୫୦୦୦ ବର୍ଷ ପୂର୍ବେ ଆଜିର କଲିକତା ସମୁଦ୍ର ଗର୍ଭରେ ଥିଲା।ଅନୁମାନ କରାଯାଏ କ୍ରମଶଃ ସମୁଦ୍ରର ଜଳରାଶି ଦକ୍ଷିଣ ଦିଗକୁ ବହି ଯିବାରୁ ଆଜିର କଲିକତାର ଦକ୍ଷିଣ ୨୪ ପ୍ରଗଣା ସ୍ଥଳଭାଗ ରୂପେ ସ୍ଥିତି ହାସଲ କରିଛି।ସାଗର ଦ୍ୱୀପ ଏହି ପ୍ରକ୍ରିୟାର ଏକ ଅଂଶ ବିଶେଷ ଅଟେ।

ଆଦି କାଳରୁ ସାଗର ଦ୍ୱୀପ ପୌରାଣିକ ତଥ୍ୟ ଦ୍ୱାରା ପରିପୂର୍ଣ୍ଣ ଥିଲା । ସାଗର ଦ୍ୱୀପର ଦକ୍ଷିଣରେ ବିଶାଳ ଜଳନିଧି କଳ କଳ ନାଦ କରି ବହିଯାଇଛି।ରୂପା ଭଳି ଝଲସୁଥିବା ବାଲି ପସ୍ତର ଉପରେ ସୁନ୍ଦର, ସୁବିଖ୍ୟାତ-ପ୍ରାଚୀନ ମହାମୁନି କପିଳଙ୍କ ମନ୍ଦିର ଅବସ୍ଥିତ।ମନ୍ଦିରର ଗର୍ଭ ଗୃହରେ ସିନ୍ଦୁର ଦ୍ୱାରା ରଞ୍ଜିତ ମହାମୁନି କପିଳଙ୍କ ମୂର୍ତ୍ତି ସ୍ଥାପିତ । ତାଙ୍କ ଡାହାଣ ହସ୍ତରେ କମଣ୍ଡଳୁ ଯାହା ଗଙ୍ଗା ଜଳର ପ୍ରତୀକ ଅଟେ।ବାମ ହସ୍ତରେ ଜପାମାଳି ଯାହା ମୋକ୍ଷ ପାଇଁ କୈବଲ୍ୟର ପ୍ରତୀକ।ମସ୍ତକରେ ପଞ୍ଚନାଗର ଛାୟା ଯାହା ପାତାଳ ଲୋକ ଶେଷ ନାଗର ପ୍ରତୀକ ସ୍ୱରୂପ।

ମହାମୁନି କପିଳଙ୍କ ଠିକ୍ ଡାହାଣ ପଟେ ଭଗିରଥଙ୍କୁ କୋଳରେ ଧରି ପତିତପାବନୀ ଚତୁର୍ଭୁଜା ଗଙ୍ଗାଙ୍କ ପ୍ରତୀମା ସହିତ ବାମ ପଟେ ମହାରାଜା ସଗରଙ୍କ ପ୍ରତିମା ବିରାଜମାନ। ମହାମୁନି କପିଳଙ୍କ ପାର୍ଶ୍ୱରେ ଏକ ସୁନ୍ଦର ଆସନ ଉପରେ ଶାଳଗ୍ରାମ ବିରାଜମାନ। ଯାହାଙ୍କୁ ବିଷ୍ଣୁ ମନେକରି ପୂଜା କରାଯାଏ।ମନ୍ଦିରର ଡାହାଣ ପଟେ ପବନପୁତ୍ର ବୀର ହନୁମାନଙ୍କ ମୂର୍ତ୍ତି ଅବସ୍ଥିତ।ଯିଏ ୧୧ତମ ରୁଦ୍ରଙ୍କ ସ୍ୱରୂପ ବୋଲି ଖ୍ୟାତ।ମନ୍ଦିରର ବାମ ପଟେ ବନଦେବୀଙ୍କୁ ସ୍ଥାନୀୟ ଲୋକମାନେ ବିଶାଳାକ୍ଷୀ ରୂପେ ପୂଜି କରିଥାନ୍ତି।ତା' ସହିତ ଇନ୍ଦ୍ର ଯଜ୍ଞାଶ୍ୱ ସହିତ ବିରାଜମାନ।

ମନ୍ଦିର ନିକଟରେ ଅନେକ ଆଶ୍ରମ ସ୍ଥାପିତ ହୋଇଛି।ସେଗୁଡିକ ମଧ୍ୟରୁ ସାଂଖ୍ୟ ଯୋଗାଚାର୍ଯ୍ୟ କପିଳାନନ୍ଦ ଆଶ୍ରମ।ସାଧକ ଶ୍ରୀ ଶ୍ରୀ ସୀତାରାମ ଓଁକାରନାଥ ଆଶ୍ରମ।ନାଗା ସନ୍ୟାସୀ ପଞ୍ଚମଗିରିଙ୍କ ଦ୍ୱାରା ସ୍ଥାପିତ ଦେବାଧିଦେବ ମହାଦେବ ଚିନ୍ତା ହରଣେଶ୍ୱର ମନ୍ଦିର।ମାନବସେବା ସମିତି,କାଳୀ ମନ୍ଦିର,ରାମକୃଷ୍ଣ ମିଶନ ଆଶ୍ରମ, ଲୋକନାଥ ମିଶନ, ବିଶ୍ୱହିନ୍ଦୁ ପରିଷଦର ଗଙ୍ଗା ଆଶ୍ରୟସ୍ଥଳ ତଥା ଭାରତ ସେବାଶ୍ରମ ସଙ୍ଘର ବିଶାଳ ଆଶ୍ରମ ସହଯାତ୍ରୀ ନିବାସ ଅବସ୍ଥିତ।ଏହା ବ୍ୟତୀତ ୟୁଥ୍ ହଷ୍ଟେଲର ବିଭିନ୍ନ ସରକାରୀ ବଙ୍ଗଳା, କଲିକତା ବସ୍ତ୍ର ବ୍ୟବସାୟୀ ସେବା ସମିତି ଓ ଶ୍ରୀ କପିଳ ମୁନି ଚେରିଟେବୁଲ ଟ୍ରଷ୍ଟ ଯାତ୍ରୀ ନିବାସ ଗଙ୍ଗା ସାଗର ଭବନର ଉଲ୍ଲେଖନୀୟ ଅଟେ।

ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ସେଠାରେ ବିରାଟ ମେଳା ଅନୁଷ୍ଠିତ ହୋଇଥାଏ।ମେଳାର ଆୟୋଜନ ପଶ୍ଚିମବଙ୍ଗ ସରକାରଙ୍କ ତତ୍ତ୍ୱାବଧାନରେ ହୁଏ।ମାଘ ସଂକ୍ରାନ୍ତିର ପାବନ ପର୍ବରେ ଗଙ୍ଗାସାଗରରେ ଗଙ୍ଗା ଏବଂ ସାଗରର ସଙ୍ଗମ ହୁଏନାହିଁ ବରଂ ସମଗ୍ର ଭାରତୀୟ ସଂସ୍କୃତିର ଅହଂକାର ଚିନ୍ତନର ସଙ୍ଗମ ହୋଇଥାଏ।ମେଳାର ପାବନ ପର୍ବରେ ଲକ୍ଷ ଲକ୍ଷ ସଂଖ୍ୟାର ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ଗଙ୍ଗାସାଗର ସ୍ନାନର ପୁଣ୍ୟ ଅର୍ଜନ କରିଥାନ୍ତି।ଭାରତୀୟ ଜନ ମାନସରେ ଗଙ୍ଗା ଏକ ସାମାନ୍ୟ ନଦୀ ନୁହେଁ ଅପିତୁ ଭାରତର ଆତ୍ମା ଅଟେ।ଗଙ୍ଗା ନଦୀ ଭାରତୀୟ ସଂସ୍କୃତି ଏବଂ ସଭ୍ୟତାର ସାକ୍ଷୀ ଅଟେ।କେବଳ ମହାଭାରତ, ରାମାୟଣ, ପୁରାଣ ନୁହେଁ ବିଶ୍ୱ ସଭ୍ୟତାର ପ୍ରାଚୀନତମ ଗ୍ରନ୍ଥ ବେଦରେ ମଧ୍ୟ ଗଙ୍ଗାର ଉଲ୍ଲେଖ ଅପରିସୀମ ମହତ୍ତ୍ୱକୁ ଦର୍ଶାଯାଇଛି।

ଗଙ୍ଗା ସୁମେରୁ ପର୍ବତରୁ ବାହାରି ଯେତେବେଳେ କୈଳାସ ପର୍ବତ ହୋଇ ପ୍ରବଳ ବେଗରେ ଭୂପୃଷ୍ଠରେ ଅବତାରିତ ହେଲେ ସେଇକ୍ଷଣି ମହାଦେବ ନିଜର ଜଟା ମଧ୍ୟରେ ଗଙ୍ଗାଙ୍କୁ ଧାରଣ କରିନେଲେ।ଗଙ୍ଗା ଦୀର୍ଘ ବାରବର୍ଷ ଯାଏ ଶିବଙ୍କ ଜଟାରେ ନିବାସ କଲେ।ଭଗିରଥ ନିଜ ସାଧନା ବଳରେ ଶିବଙ୍କୁ ପ୍ରସନ୍ନ କରି ଜଟାରୁ ମୁକ୍ତି କଲେ।ଭଗବାନ ଶିବ ନିଜ ଜଟାକୁ ଚିରି ବିନ୍ଧ୍ୟ ସରୋବରରେ ଗଙ୍ଗାଙ୍କୁ ଉତାରିଲେ।ସେଠାରେ ସପ୍ତ ଋଷିଗଣ ଶଙ୍ଖଧ୍ୱନି କଲେ।ଶଙ୍ଖ ଧ୍ୱନିର ପ୍ରଭାବରେ ଗଙ୍ଗା ସାତ ଭାଗରେ ବିଭକ୍ତ ହୋଇ ଆଗକୁ ବଢ଼ିଲେ।ମୂଳ ଧାରା ଭଗିରଥଙ୍କ ପଛେ ପଛେ ବହିଚାଲିଲା। ପ୍ରଥମେ ହରିଦ୍ୱାରରେ ପହଞ୍ଚିଲେ। ହରିଦ୍ୱାରରେ ପହଞ୍ଚିବା ପରେ ମୂଳଧାରା ଭଗିରଥଙ୍କୁ ଅନୁସରଣ କରି ତ୍ରିବେଣୀ, ପ୍ରୟାଗରାଜ, ବନାରସ ହୋଇ ଜହ୍ନୁ ଋଷିଙ୍କ ଆଶ୍ରମରେ ପହଞ୍ଚିଲେ। ସନ୍ଧ୍ୟା ସମୟ। ଭଗିରଥ ସେଠାରେ ବିଶ୍ରାମ ନେବାପାଇଁ ଇଚ୍ଛା କଲେ। ସନ୍ଧ୍ୟା ଆରତୀ ସମୟରେ ଜହ୍ନୁ ଋଷିଙ୍କ ଆଶ୍ରମରେ ଶଙ୍ଖ ଧ୍ୱନି ହେଲା। ଶଙ୍ଖ ଧ୍ୱନିକୁ ଅନୁସରଣ କରି ଗଙ୍ଗା ଜହ୍ନୁ ଋଷିଙ୍କ ଆଶ୍ରମକୁ ଜଳ ରାଶିରେ ବୁଡ଼େଇଦେଲେ।ଋଷି ବିଚଳିତ ହୋଇ ନିଜ ତପ ପ୍ରଭାବ ରେ ଗଙ୍ଗାଙ୍କୁ ଚଳୁରେ ପିଇଦେଲେ।


ଭଗିରଥ ଏହା ଦେଖି ଆଶ୍ଚର୍ଯ୍ୟଚକିତ ହୋଇ ପ୍ରାର୍ଥନା କଲେ।ଜହ୍ନୁ ଋଷି ଭଗିରଥଙ୍କ ପ୍ରାର୍ଥନାରେ ପ୍ରୀତ ହୋଇ କର୍ଣ୍ଣ ରନ୍ଧ୍ରରେ ଗଙ୍ଗାଙ୍କୁ ଅବତରିତ କରାଇଲେ।ଗଙ୍ଗା ସେଠାରେ ଜାହ୍ନବୀ ନାମରେ ପ୍ରସିଦ୍ଧ ପାଇଲେ।କୌତୁହଳ ବଶତଃ ଜହ୍ନୁ ଋଷିଙ୍କ କନ୍ୟା ପଦ୍ମା ଶଙ୍ଖ ଧ୍ୱନି କଲେ।ପଦ୍ମା ବାରିଧାରା ରୂପେ ଗଙ୍ଗାଙ୍କ ସହିତ ଆଗକୁ ବଢି ମୁର୍ଷିଦାବାଦର ଧୂଳିଆନ ନିକଟରେ ପୂର୍ବ ଦିଗକୁ ବଢିଲେ।ଗଙ୍ଗାର ବାରିଧାରା ପଦ୍ମାକୁ ପଛରେ ଛାଡି ଭଗିରଥଙ୍କ ଶଙ୍ଖଧ୍ୱନି ଆକର୍ଷଣ ରେ ଦକ୍ଷିଣମୁଖୀ ହେଲେ।ଦକ୍ଷିଣ ଗାମିନି ଗଙ୍ଗା ଶେଷରେ ମାହା ମୁନି କପିଳଙ୍କ ଆଶ୍ରମରେ ପହଞ୍ଚିଲେ।ଋଷି ଗଙ୍ଗା ଜଳକୁ ମସ୍ତକରେ ଲଗାଇ କହିଲେ-ହେ ମାତା ! ପତିତପାବନୀ ! କଳିକଳୁଷ ନାଶିନୀ ! ପତିତଙ୍କର ଉଦ୍ଧାର ନିମନ୍ତେ ତୁମକୁ ମର୍ତ୍ତ୍ୟପୁରରେ ଅବତରଣ ହେବାକୁ ପଡିଛି।ନିଜ କର୍ମଦୋଷ କାରଣରୁ ସଗର ରାଜାଙ୍କର ୬୦ ହଜାର ପୁତ୍ର ମୋ କ୍ରୋଧାଗ୍ନିରେ ଶିକାର ହୋଇ ଭସ୍ମ ହୋଇଯାଇ ଛନ୍ତି।ତୁମର ସ୍ୱର୍ଣ୍ଣରୂପୀ ପବିତ୍ର ଜଳରାଶିରେ ସେମାନଙ୍କୁ ଉଦ୍ଧାର କର ମା !

କପିଳ ମହାମୁନିଙ୍କ ଆଦେଶରେ ଗଙ୍ଗାର ବାରିଧାରା ଆଗକୁ ବଢ଼ିଲା।ଭସ୍ମରାଶି ପ୍ଲାବିତ ହେଲା। ଭଗିରଥଙ୍କ କର୍ମଯଜ୍ଞ ସଂପୂର୍ଣ୍ଣ ହେଲା।ଭାରତ ଭୂମି ଧନ୍ୟ ହେଲା।ପରେ ଗଙ୍ଗାର ବାରିଧାରା ସାଗରରେ ସମାହିତ ହେଲା।ଗଙ୍ଗା ଏବଂ ସାଗରର ଏହି ପୁଣ୍ୟ ମିଳନ 'ଗଙ୍ଗା ସାଗର' ନାମରେ ସୁପ୍ରସିଦ୍ଧ।

♥ ବିସି-୭୪,ସଲ୍ଟ ଲେକ୍,
କଲକତା-୬୪
ମୋ-୯୬୮୧୩୭୩୫୧୨

## ପଢ଼ିବା ପରେ...

# ଛଳ ଛଇଳ






ଅଭୟ ନାରାୟଣ ଆମ ସମୟର ଜଣେ ନିଦା ଆଉ ସଘନ କବି। ଏ କଥା କୁହନ୍ତି ବିଶିଷ୍ଟ କବି ଓ ଚିନ୍ତକ ହରପ୍ରସାଦ ଦାସ। ଛଳ ଛଇଳ କବିତା ସଂକଳନର ମୌଳିକ ଭାବ ଓ କାବ୍ୟକଳା ଯେ କୌଣସି ପାଠକକୁ ଛୁଇଁବ ଏକଥା ସେ ସ୍ୱୀକାର କରନ୍ତି।

ଏ ସଂକଳନର ଅଧିକାଂଶ କବିତା ଜନଜାତିର ଦୁଃଖ, ଦୁର୍ଦ୍ଦଶା, ଅସହାୟତା ଏବଂ ସେମାନଙ୍କ ପ୍ରତି ସରକାରୀ କଳ ଅବହେଳାର କରୁଣ ଚିତ୍ରରେ ଚିତ୍ରିତ। ଗୋଟିଏ କବିତାରେ ଆଦିବାସୀମାନେ କାହିଁକି ତାଙ୍କର କଥିତ ଭାଷାରେ ପାଠ୍ୟ ପୁସ୍ତକ ପଢ଼ିବାର ସୁଯୋଗ ପାଉ ନାହାନ୍ତି ବୋଲି ତା'ର ବିଦ୍ରୋହାତ୍ମକ ଚିତ୍ର ଗୋଟିଏ ଛୋଟ ପିଲା ମାଧ୍ୟମରେ ବର୍ଣ୍ଣନା କରିଛନ୍ତି।

କାହିଁକି ଆମ ଗାଁ ଇସ୍କୁଲ୍‌ରେ / ଆଲୋଚନା ହୁଏନି ଆମରି ହାଟ, ମହୁଲ, କୁରେଇ ଫୁଲ କଥା../ଆମ ଚଇତି ପରବ ସରି ଯାଉଥାଏ / ଆମ ଭାଷା ମରିମରି ଯାଉଥାଏ / ଉଇ ଚରିବା ପରି।

( କାକୁରିଗୁଡ଼ାର ଭାଷା, ପୃ : ୧୨)

ନାରୀ ନିର୍ଯାତନା ଆଉ ଗଣଦୁଷ୍କର୍ମ ପରି ଅମାନବୀୟ ଅତ୍ୟାଚାରର ଦୁଃଖ ବଖାଣେ ଖୋଲାମଞ୍ଚ। ଏମିତି ଏକ ସମାଜରେ ମଣିଷ ବାସ କରୁଚି ଯେଉଁଠି ଝିଅଟିଏ ସମ୍ମାନର ସହ ବଞ୍ଚି ପାରୁନି। ଲୁଣ୍ଠିତ ହେଉଛି ତା'ର ମାନ ମହତ ଆଉ ଆଉ ମୃତ୍ୟୁ ପରେ ନ୍ୟାୟ ବି ମିଳୁନି।

କେମିତି କଲେଜର ଚଳଚଞ୍ଚଳ ହତାରୁ / ଲିଭିଯାଏ ବଢ଼ିଲା ଝିଅର / ପାଦଚିହ୍ନ, ପାଉଁଜିର ସ୍ୱନ / କେମିତି ଝିଅମାନଙ୍କ ଗହଳି / ଭାଙ୍ଗିଯାଏ କେଣ୍ଡେଲ ମାର୍ଚ୍ଚ ସରିଗଲା ପରେ / ସିଟି ଅଫ୍ ଜଏର ରିପନଷ୍ଟ୍ରିଟ୍ ରେ.।

( ଖୋଲାମଞ୍ଚ, ପୃ : ୧୮)

ସରକାରଙ୍କର ଅପରିଣାମଦର୍ଶୀ ମଦନୀତି ରେ କେମିତି ଉଜୁଡ଼ି ଯାଉଛି ନିରୀହର ସୁନା ସଂସାର ଆଉ ସବଳ ହେଉଛି ସାହୁକାର ତା'ର ବାସ୍ତବ ଚିତ୍ର ରହିଛି ଗୋଟିଏ କବିତାରେ।

ଖଜୁରୀ ତାଡ଼ି ବଢ଼ାଉଛି / ମହୁଲି ପୋଚର ଅପଶକୁନ/ ବନ୍ଧା ପଡୁଚି ଜଙ୍ଗଲୀ କ୍ଷେତ / ଆନ୍ଧ୍ର ସାହୁକାରର ମଦ ଭାଟିରେ / ପାଠପଢ଼ା ପିଲାର ଦାଦନ କ୍ରନ୍ଦନ / ହଁ, ମତେ ମୂକ କରି ଦେଲାଣି କେବେଠୁଁ ଗଦବା ଗାଁର ଅସହଜ ପୂର୍ବାହ୍ନ

( ଗଦବା ଗାଁରେ ପୂର୍ବାହ୍ନ, ପୃ : ୨୬)

ସେମାନଙ୍କ ନାଁରେ କୋଟିକୋଟି ବ୍ୟୟ ବରାଦ ହୁଏ, ବିକାଶ ପରିଷଦ ଗଠନ ହୁଏ, କିନ୍ତୁ ସେମାନଙ୍କ ଭାଗ୍ୟ ସେଇ ତିମିରରେ।

ଜନଜାତିର ସ୍ୱର / ଶୁଭୁ ନଥାଏ କେଉଁଠି ବି / ରହି ଯାଉଥାଏ ତା'ର ମାଦଳର ତାଳ / ତା'ର ଡୁଙ୍ଗଡୁଙ୍ଗାର ଉତ୍ତାଳ/ ତା'ର ଘୁଡୁକାର ସ୍ୱନ / ଢୋଲମହୁରୀର ବିପନ୍ନ ଜୀବନ

( ଜନଜାତି, ପୃ : ୮୨)

ଜନଜାତିକୁ ନେଇ ସମୃଦ୍ଧ ଅନେକ କବିତାରେ ରହିଛି ଆଞ୍ଚଳିକ ଶବ୍ଦର ଚମତ୍କାର ପ୍ରୟୋଗ ଯାହା ସଂକଳନକୁ ଆହୁରି ରସାଳ କରିଛି।

ମହୁଲଗଛ / ବରଷଯାକର ଜୀବନ / ବରଷଯାକ ବଞ୍ଚିବାର ସପନ / ବରଷ ଯାକର ପରବର ପ୍ରାଣ / ବରଷଯାକ ଡୁମାର / ଦେବତାର, ଦେବୀର ଅର୍ପଣ।

( ମିର୍ଦ୍ଧାବେଦୀର ମହୁଲ ଡାଳ, ପୃ : ୮୭)

ଆଦିବାସୀ ଜନ ଜୀବନର ସାର୍ଥକ ରୂପକାର ଗୋପୀନାଥ ମହାନ୍ତିଙ୍କୁ ସମର୍ପିତ ଗୋଟିଏ କବିତାରେ ରହିଛି ଅମୃତଗର୍ଭା ମାଟିର ଜୟଗାନ।

ମୋ ମାଟି ସଦା / ଅମୃତଗର୍ଭା /ମୋ ମାଟିର ସନ୍ତାନ / ଅମୃତ ସନ୍ତାନ / ମୋ ମାଟି ଗାଏ ବିଶ୍ୱର / ଜୟ ଜୟ ଉଚ୍ଛାଙ୍ଗ ଗାନ।

( ଅମୃତଗର୍ଭା : ମାଟି, ପୃ : ୧୫)

ଆର୍ତ୍ତ ଜୀବର ଦୁଃଖ ଦୁର୍ଦ୍ଦଶା ପାଇଁ ଯିଏ ନିଜ ଜୀବନକୁ ନର୍କ ପର୍ଯ୍ୟନ୍ତ ନେବାକୁ ପ୍ରସ୍ତୁତ ଥିଲେ ସେଇ ମହାନ ସନ୍ଥ ଭୀମ ଭୋଇଙ୍କ ଉପରେ ରହିଛି ଏକ ଉଚ୍ଛାଙ୍ଗ କବିତା।

ତୁମେ କେବଳ କବି ନଥିଲ ହେ / ଗୋସ୍ୱାମୀ !/ ତମେ ଥିଲ ସବୁ ଅର୍କ୍ଷିତଙ୍କ ଆକାଂକ୍ଷିତ / ଦର୍ଶନର ଦିବ୍ୟ ଆଲୋକ।

(ଅଲେଖ ଆଲେଖ୍ୟ, ପୃ ୩୫)

ତାଙ୍କ କବିତା ସମଗ୍ରର ବିଭବ ହେଲା ସରଳ, ଛଳ ଛଳ ଆଉ ସୁସ୍ପଷ୍ଟ ସ୍ୱର। ସୁଗଠିତ କାବ୍ୟିକ କୋମଳତା ତାଙ୍କ କବିତାର ଐକ୍ୟତାନ। ବାସ୍ତବିକ ଛଳର ଛବିଳ ପରିପ୍ରକାଶ ହେଉଛି ଛଳ ଛଇଳ।

ମୁଁ ନିଜ ଉପପଦ୍ୟ / ନିଜ ଚିତ୍ରାଙ୍କନ ନିଜପରି / ଲୋଡ଼େ ନାହିଁ ଉଲଗ୍ନ କ୍ରନ୍ଦନ / ମଣିଷର ବ୍ୟଥା ବିକ୍ରିକରି।

( ଛଳ ଛଇଳ :୨, ପୃ : ୩୦)

ଅଧିକାଂଶ କବିତାରେ ତାଙ୍କର ସ୍ପଷ୍ଟବାଦୀତା ସହିତ ସମ୍ବେଦନଶୀଳତା ତାଙ୍କ କବିତାକୁ କରିଛି ଋଦ୍ଧିମନ୍ତ ପ୍ରାଣବନ୍ତ। ଭୁବନେଶ୍ୱରର ଅଗ୍ରଣୀ ପ୍ରକାଶନ ପକ୍ଷିମା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଏହି ୧୦୩ ପୃଷ୍ଠାର ସଂକଳନରେ ରହିଛି ୪୨ ଟି ସୁଖପାଠ୍ୟ କବିତା। ଅନ୍ତିମ ପର୍ଯ୍ୟାୟରେ ତାଙ୍କର ପୂର୍ବ ପ୍ରକାଶିତ ପାଞ୍ଚୋଟି କବିତା ସଂକଳନ ବିଷୟରେ ଏକ ବିସ୍ତୃତ ଆଲୋଚନା କରିଛନ୍ତି ଆମ ସମୟର ବିଶିଷ୍ଟ କବି ଓ ସମାଲୋଚନା ସୌଭାଗ୍ୟବନ୍ତ ମହାରଣା। ଶେଷ ପୃଷ୍ଠାରେ ରହିଛି କବିଙ୍କ ଶିକ୍ଷା, ବୃତ୍ତି, ସୃଜନ ଯାତ୍ରା ଏବଂ ସ୍ୱୀକୃତିର ବିସ୍ତୃତ ଆକଳନ। ପାଠକଙ୍କୁ ଛୁଇଁବାର ଦାବି ରଖେ 'ଛଳ ଛଇଳ'। ♥




ସମୀକ୍ଷା :
ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ବର୍ଦ୍ଧନା ସଭା ଓ କବିତା ପାଠ ଏପ୍ରିଲ୍ ୬ରେ

ବାସୁଦେବପୁର, ୨୯/୩ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା ଓ କବିତା ପାଠ ଉତ୍ସବ ଆସନ୍ତା ଏପ୍ରିଲ୍ ମାସ ଛଅ ତାରିଖ ରବିବାର ଦିନ ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ଉତ୍ସବର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିବେ ତ୍ୟାଗଭୂମିର ସଭାପତି ଅଜୟ ନାୟକ। ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେବେ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରି ସାହୁ, ଗାଳ୍ପିକ ରଜନୀକାନ୍ତ ମହାନ୍ତି, ଚନ୍ଦ୍ରଭାଗାର ସମ୍ପାଦକ କବି ଶ୍ରୀ ଦେବ, କବି ଚିତ୍ତରଞ୍ଜନ ନାୟକ ଓ ଶିକ୍ଷାବିତ୍ ଦୁଃଶାସନ ରାଉତ। ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ସଭାପତିତ୍ୱ କରିବେ ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀ। ମୁଖ୍ୟ ଅତିଥି ଭାବେ ଯୋଗ ଦେବେ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା। ସମ୍ମାନିତ ଅତିଥି ଭାବେ ଯୋଗ ଦେବେ କବି ଉମାକାନ୍ତ ରାଉତ ଅରୂପ, ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ, କବି ପଦ୍ମଜା ଶରଣ, କବି ଲାବଣ୍ୟ ନାୟକ। କବିତା ସଂଯୋଜନା କରିବେ ନୀହାରକନ୍ୟା ସାହିତ୍ୟ ସଂସଦର ସମ୍ପାଦକ କବି ସୁରଞ୍ଜନ୍ ପାତ୍ର, କବି ଡକ୍ଟର ମମତା ସାହୁ, କବି ଶିବାନନ୍ଦ ବାରିକ ଓ କବି ଶୀତଳ ମିଶ୍ର। ଏହି ଉତ୍ସବରେ ରଙ୍ଗ ରାଗ ସାରସ୍ୱତ ସମ୍ମାନ ପାଇବେ ବିଶିଷ୍ଟ ଗବେଷକ ଡକ୍ଟର ଅରବିନ୍ଦ ଗିରି। ସେହିପରି ରଙ୍ଗରାଗ କବିତା ସମ୍ମାନ ପାଇବେ ବିଶିଷ୍ଟ କବି ସରୋଜ ବଳ। ରଙ୍ଗରାଗ ପ୍ରବନ୍ଧ ସମ୍ମାନ ଡକ୍ଟର ପ୍ରଦୋଷ କୁମାର ସ୍ୱାଇଁ, ରଙ୍ଗରାଗ ସାହିତ୍ୟ ଚକ୍ର ସମ୍ମାନ ଯୁଗଶ୍ରୀ ଯୁଗ ନାରୀ ସମ୍ପାଦିକା ମମତା ମହାପାତ୍ର, ରଙ୍ଗରାଗ ଗଳ୍ପ ସମ୍ମାନ ଡକ୍ଟର ଶାନ୍ତନୁ କୁମାର ନାୟକ, ରଙ୍ଗରାଗ ସୃଜନ ସମ୍ମାନ କବି ଦୀପିକା ଦାଶ, ଆଦର୍ଶ ଶିକ୍ଷକ ଦିବାକର ମହାନ୍ତି ସ୍ମୃତି ସମ୍ମାନ କବି ଡକ୍ଟର ବସନ୍ତ କୁମାର ଦାସ, ରଙ୍ଗ ରାଗ ଯୁବ ପ୍ରତିଭା ସମ୍ମାନ କବି ବିଚିତ୍ରାନନ୍ଦ ଜେନା, ରଙ୍ଗରାଗ ନବ ପ୍ରତିଭା ସମ୍ମାନ କବି କମଳ ଲୋଚନ ବେହେରା, ରଙ୍ଗରାଗ ସମାଜସେବୀ ସମ୍ମାନ ରତିକାନ୍ତ ପ୍ରଧାନ ପିଣ୍ଟୁ, ରଙ୍ଗ ରାଗ ସମାଜସେବୀ ସମ୍ମାନ ଭବାନୀ ଶଙ୍କର ପଣ୍ଡା, ରଙ୍ଗରାଗ କଳାକାର ସମ୍ମାନ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ର ମାଧବ ବାରିକ ପ୍ରମୁଖ ଏହି ଉତ୍ସବରେ ସମ୍ବର୍ଦ୍ଧିତ ହେବେ। ଏହି ରାଜ୍ୟ ସ୍ତରୀୟ ରଙ୍ଗରାଗ ସାହିତ୍ୟ ଉତ୍ସବରେ ସମସ୍ତଙ୍କୁ ବହୁ ସଂଖ୍ୟାରେ ଯୋଗ ଦେବାପାଇଁ ରଙ୍ଗରାଗ ସାହିତ୍ୟ ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ବିନମ୍ର ଅନୁରୋଧ ଜଣାଇଛନ୍ତି।

# ନୀଳଗିରି ଓକିଲସଂଘ ନିର୍ବାଚନ: ଉପଖଣ୍ଡ ବାର୍‌ରେ ଚିତ୍ତ ଷଡ଼ଙ୍ଗୀ ଏବଂ ନୀଳଗିରି ବାର ଏସୋସିଏସନ୍‌ରେ ଅମରେନ୍ଦ୍ର ପଟ୍ଟନାୟକ ସଭାପତି ନିର୍ବାଚିତ





ନୀଳଗିରି, ୨୯/୩ (ନି.ପ୍ର): ଚଳିତବର୍ଷ ସମଗ୍ରରାଜ୍ୟରେ ଓକିଲ ସଂଘ ନିର୍ବାଚନ ମାର୍ଚ୍ଚ ୨୯ତାରିଖ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଉପଖଣ୍ଡରେ ଦୁଇଟି ଓକିଲସଂଘ ଏହି ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଉପଖଣ୍ଡ ବାର ଆସୋସିଏସନ୍ ନିର୍ବାଚନରେ ସମସ୍ତ କାର୍ଯ୍ୟକର୍ତ୍ତା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ସଭାପତି ଭାବେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଗୌରହରି ବେହେରା ଓ ଯତୀନ୍ଦ୍ର ନାୟକ ଯୁଗ୍ମ ଭାବେ ଉପସଭାପତି ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବରେ କିଶୋର କୁମାର ଦାସ, ସହସମ୍ପାଦକ ବିଘ୍ନେଶ୍ୱର ବାରିକ ଓ ସୁରେଶ ଚନ୍ଦ୍ର ବାରିକ ନିର୍ବାଚିତ ହୋଇଥିଲା ବେଳେ ଦେବାନନ୍ଦ ଦାସ କୋଷାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦରେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବରେ ଜୟନ୍ତ କୁମାର ସ, ପ୍ରଶାନ୍ତ କୁମାର ମଲ୍ଲିକ, ତନୟ ପାତ୍ର, ଶାନ୍ତିଲତା ମିଶ୍ର, ତନୁସ୍ମିତା ମଲ୍ଲିକ ସଂଘର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଅନୁରୂପଭାବେ ନୀଳଗିରି ବାର ଆସୋସିଏସନ୍ କାର୍ଯ୍ୟକର୍ତ୍ତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାରୁ ବରିଷ୍ଠ ଆଇନଜୀବି ଅମରେନ୍ଦ୍ର ପଟ୍ଟନାୟକ ,ଗଦାଧର ପରିଡାଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଉପସଭାପତି ପଦବୀ ରଞ୍ଜନ କୁମାର ପଣ୍ଡା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ଦେବେନ୍ଦ୍ର ପଣ୍ଡା , ସୋମନାଥ ନାୟକଙ୍କୁ ପରାସ୍ତ କରି ସମ୍ପାଦକ ପଦବୀ ହାସଲ କରିଥିଲେ।ଯୁଗ୍ମ ସମ୍ପାଦକ ଭାବେ ଅନନ୍ତ ପ୍ରସାଦ ପଣ୍ଡା ଏବଂ କରୁଣାକର ସ୍ୱାଇଁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବରେ ଚିରଞ୍ଜିବୀ ପାଣିଗ୍ରାହୀ , ପ୍ରତିମା ମହାନ୍ତି, ନିବେଦିତା ଜେନା, ଶାନ୍ତନୁ କୁମାର ବିଶ୍ୱାଳ, ଶରତ କୁମାର ବେହେରା ପ୍ରମୁଖ ପାଞ୍ଚଜଣ ସଦସ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସମସ୍ତ କାର୍ଯ୍ୟକର୍ତ୍ତା ଆଗାମୀ ଏପ୍ରିଲ ୧ତାରିଖ ଠାରୁ ଆସନ୍ତା ୨୦୨୬ମସିହା ମାର୍ଚ୍ଚ ୩୧ପର୍ଯ୍ୟନ୍ତ ପଦବୀରେ ଅବସ୍ଥାପିତ ରହିବେ।

## ଇକୋ ରିଟ୍ରିଟକୁ ଆସିଛନ୍ତି ୨୮,୩୬୯ ପର୍ଯ୍ୟଟକ

ଭୁବନେଶ୍ୱର, ୨୯/୩ (ନି.ପ୍ର): ଚଳିତବର୍ଷ ଓଡିଶାର ୭ଟି ସ୍ଥାନରେ ଆୟୋଜିତ ହୋଇଥିବା ଇକୋ ରିଟ୍ରିଟକୁ ୨୮,୩୬୯ ଜଣ ପର୍ଯ୍ୟଟକ ଆସିଛନ୍ତି । ଇକୋ ରିଟ୍ରିଟରୁ ୭କୋଟି ୮୦ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ ହୋଇଥିବାବେଳେ ୭୬କୋଟି ଟଙ୍କାରୁ ଅଧିକ ବ୍ୟୟ ହୋଇଛି । ଇକୋ ରିଟ୍ରିଟ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୪-୨୫ ବର୍ଷରେ ରାଜ୍ୟ ସାତଟି ସ୍ଥାନ ରାମଚଣ୍ଡୀ-କୋଣାର୍କ, ବାଲିପୁଟ-ସାତକୋଶିଆ, ପେଣ୍ଡ-ଭିତରକନିକା, ହୀରାକୁଦ, ଦାରିଙ୍ଗିବାଡି, ପୁତସିଲ-କୋରାପୁଟ ଓ ଗଞ୍ଜାମର ସୋନାପୁର ବେଳାଭୂମିରେ ଇକୋ ରିଟ୍ରିଟ ଆୟୋଜିତ ହୋଇଥିଲା । ଏଠାକୁ ୨୮,୩୬୯ଜଣ ପର୍ଯ୍ୟଟକ ଆସିଥିଲେ । ଏଥି ମଧ୍ୟରୁ ସର୍ବାଧିକ ୧୧,୧୦୯ଜଣ ରାମଚଣ୍ଡୀ-କୋଣାର୍କକୁ ଆସିଥିବାବେଳେ ଭିତରକନିକାକୁ ୩୩୩୩ ଜଣ, ସୋନାପୁର ବେଳାଭୂମିକୁ ୩୧୬୮, ଦାରିଙ୍ଗିବାଡିକୁ ୩୧୫୫, ସାତକୋଶିଆକୁ ୨୮୮୫ ଏବଂ ପୁତସିଲକୁ ୨୪୩୬ଜଣ ଆସିଥିଲେ ।

ଇକୋ ରିଟ୍ରିଟ ପରିଚାଳନା ପାଇଁ ଦୁଇଟି ସଂସ୍ଥା ଇ-ଫାକ୍ଟର ଏକ୍ସପେରିଏନ୍ସ ଲିମିଟେଡ ଓ ୟାଲା ଇକୋ ରିଟ୍ରିଟ ପ୍ରାଇଭେଟ ଲିମିଟେଡକୁ ଦିଆଯାଇଥିଲା । ଏହି ଦୁଇ ସଂସ୍ଥାକୁ ଏ ବାବଦରେ ୭୬,୦୦,୮୮,୪୨୬ ଟଙ୍କା ପ୍ରଦାନ କରାଯାଇଛି ।


## ଏସ୍. ଇ. ରେଳବାଇ - ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: RSO-KGP-HLZ- RROOM-୨-୨୦୨୫, ତାରିଖ: ୨୭.୦୩.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର ଡିଇଇ/ଓପି/ଖଡ଼ଗପୁର, ଡିଆରଏମ କୋଠା, ପ୍ରଥମ ମହଲା, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧, ନିମ୍ନଲିଖିତ କାମ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି । ଏହି କାମ ପାଇଁ ଉଲ୍ଲେଖିତ ତାରିଖରେ **୧୨.୦୦ ଘଣ୍ଟା ପୂର୍ବରୁ** ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି ଏବଂ **୧୨.୩୦ ଘଣ୍ଟା**ରେ ଖୋଲାଯିବ। କାର୍ଯ୍ୟର **ବର୍ଣ୍ଣନା:** ହଳଦିଆ (HLZ) ରନିଂର ରକ୍ଷଣାବେକ୍ଷଣ ଯେଉଁ କୋଠରୀରେ ବାସିନ୍ଦାଙ୍କୁ ସବସିଡି ଏବଂ ବ୍ୟକ୍ତିଗତ ରାସନ ଭୋଜନ ପ୍ରସ୍ତୁତି ଏବଂ ପରିବେଷଣ, ଯତ୍ନ ସହିତ କପଡ଼ା ବଣ୍ଟନ, କପଡ଼ା ସଫା କରିବା କୋଠରୀ, କପଡ଼ା ଧୋଇବା, ବାହାର ଏଜେନ୍ସି ଦ୍ୱାରା ଖବର କାଗଜ ଏବଂ ପତ୍ରିକା ଯୋଗାଣ ୨ ବର୍ଷ ପାଇଁ ଅର୍ଥାତ୍ ୭୩୦ ଦିନ ପାଇଁ। **ଟେଣ୍ଡର ମୂଲ୍ୟ:** ଟ ୧,୩୫,୦୩,୫୯୨.୦୫ (GST ସମେତ)। **EMD:** ₹ ୨,୧୭,୫୦୦। ଟେଣ୍ଡର ମୂଲ୍ୟ ଡକ୍ୟୁମେଣ୍ଟ: = ୫,୦୦୦। **ଖୋଲିବାର ତାରିଖ:** ୨୧.୦୪.୨୦୨୫। **ସମାପ୍ତି ଅବଧି:** ୦୨ ବର୍ଷ (୭୩୦ ଦିନ)। **ଦାଖଲ ତାରିଖ:** ୨୧.୦୪.୨୦୨୫ ରୁ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଧାରୀମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.lreps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନ୍‌ରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ **www.ireps.gov.in** ପରିଦର୍ଶନ କରିପାରିବେ।

(PR-1288)


# ପୁଲିସ ବାବୁଙ୍କ ପ୍ରେମ ପ୍ରତାରଣା: ଯୁବତୀକୁ ବିବାହ ପ୍ରତିଶ୍ରୁତି ଦେଇ ଛଳନା, ଶେଷରେ ଗିରଫ



ବାଲିଆପାଳ , ୨୯/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲେଶ୍ୱର ଜିଲ୍ଲାର ବାଲିଆପାଳଠାରେ ଏକ ପ୍ରେମ ପ୍ରତାରଣାର ଘଟଣା ଚର୍ଚ୍ଚାରେ ରହିଛି। ବିଇଡି ପଢୁଥିବା ଏକ ଯୁବତୀକୁ ଜଣେ ପୋଲିସ ସବ୍-ଇନିସ୍ପେକ୍ଟର ଧୋକା ଦେବାର ଅଭିଯୋଗ ହୋଇଛି।୨୦୧୭ ମସିହାରେ ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ବିପିଏଡ଼ ପଢୁଥିବା ଯୁବତୀ ଜଣକ ବଡ଼ତଳପଦା ଗ୍ରାମର ବିଜୟ କୁମାର ସାହୁଙ୍କୁ ପ୍ରେମ କରିଥିଲେ। ବିଜୟ ସେତେବେଳେ ପୋଲିସ ବିଭାଗରେ ସବ୍-ଇନ୍ସପେକ୍ଟର (ଝଡଏ) ଟ୍ରେନିଂରେ ଥିଲେ। ପରବର୍ତ୍ତୀ ସମୟରେ ଉଭୟେ ମନ୍ଦିରରେ ବିବାହ କରିଥିଲେ ଏବଂ ଶାରୀରିକ ସମ୍ପର୍କ ରଖୁଥିଲେ।ବିଜୟ ଚାକିରୀ ପାଇବା ପରେ ଯୁବତୀକୁ ସ୍ତ୍ରୀ ଭାବେ ଘରକୁ ନେବେ ବୋଲି ପ୍ରତିଶୃତି ଦେଇଥିଲେ। ମାତ୍ର ଚାକିରୀ ପାଇବା ପରେ ସେ ବିବାହ କରିବେ ନାହିଁ ବୋଲି ମନା କରିଦେଇଛନ୍ତି। ଏହାପରେ ଯୁବତୀ ଗତ ଡିସେମ୍ବର ମାସରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଭେମ୍ବର ୧୬, ୨୦୨୪ରେ ଲିଖିତ ଅଭିଯୋଗ ପରେ ବାଲିଆପାଳ ପୋଲିସ ବିଜୟ ସାହୁଙ୍କୁ ଗିରଫ କରିଛନ୍ତି। ସେ ମାଲକାନଗିରି ଜିଲ୍ଲାରେ ସବ୍-ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ପ୍ରେମ, ଯୌନ ସମ୍ପର୍କ ଓ ପରବର୍ତ୍ତୀ ସମୟରେ ଧୋକା ଖାଇବା ପରେ ଯୁବତୀ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ଘଟଣା ଉପରେ ପୋଲିସ ତଦନ୍ତ ଚଳାଇଛି।

# 'ଚ୍ୟାଲେନଜେସ ଇନ୍ ହାୟାର ଏଜୁକେଶନ' ବିଷୟରେ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଆଲୋଚନା ଚକ୍ର ସହିତ ସମ୍ବର୍ଦ୍ଧନା ଉତ୍ସବ




ଜଳେଶ୍ୱର, ୨୯/୩ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅଧିନସ୍ଥ ଜଗନ୍ନାଥ ଡ଼ିଗ୍ରୀ ମହାବିଦ୍ୟାଳୟରେ ଆଜି ୧୦ ଘଟିକା ସମୟରେ ଅଧକ୍ଷ ଶ୍ରୀଯୁକ୍ତ ସରୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ 'ଚ୍ୟାଲେନଜେସ ଇନ୍ ହାୟାର ଏଜୁକେଶନ ' ବିଷୟରେ ଅନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।ଏହି ଆଲୋଚନା ଚକ୍ରରେ ଭୋଗରାଇ ବ୍ଲକ ଆର ଆଇ ଏଚ ଏସ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ତ୍ରିବେଣୀ ଧାରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷାର ଭିତ୍ତିଭୂମି, ଉପଯୁକ୍ତ ପାଠ୍ୟ ଉପକରଣ,ଉପଯୁକ୍ତ ପାଠାଗାରର ସୁବିଧା ନାହିଁ ତଥା ଉପଯୁକ୍ତ ଦକ୍ଷ ଅଧ୍ୟାପକ ଅଧ୍ୟାପିକା ଅଭାବ ବୋଲି ମତ ଉପସ୍ଥାପନା କରିଥିଲେ। ରୁପ୍ସା,ନୀଳମଣି ମହାବିଦ୍ୟାଳୟର ତର୍କ ଓ ଦର୍ଶନ ଶାସ୍ତ୍ର ର ଅଧ୍ୟାପିକା ଦେବସ୍ମିତା ଭୂୟାଁ,ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଆସିସ୍ଟେଣ୍ଟ ପ୍ରଫେସର୍ ରସ୍ମିରେଖା ରାଉତ, ମାଲକାନଗିରି ଶିକ୍ଷା ତାଲିମ ଅନୁଷ୍ଠାର ଶିକ୍ଷକ ପ୍ରଶିକ୍ଷିକା ଚାରୁଚପଳା ଦାସ, ଅଧ୍ୟାପକ ଶ୍ରବଣ କୁମାର ନାଥ, ନିଶ୍ଚଳ କୁମାର ଘଡେଇ,ଜ୍ଞାନ ରଞ୍ଜନ ଜେନା, ଅଧ୍ୟାପକ ଡ.ନୀଳକଣ୍ଠ ଖଣ୍ଡା ସମ୍ମନିତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଜଗନ୍ନାଥ ଡ଼ିଗ୍ରୀ ମହାବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ନିଜର ଯୋଗ୍ୟତା ଅନୁସାରେ ପ୍ରତିଷ୍ଠିତ ଅନୁଷ୍ଠାନ ଗୁଡିକରେ ନିଜର କର୍ମମୟ ଜୀବନ ଆରମ୍ଭ କରି ଏହି ମହାବିଦ୍ୟାଳୟକୁ ଗୌରବାନିତ କରିଥିବାରୁ ସେହି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ତସ୍ମିରେଖା ରାଉତ,ଚାରୁ ଚପଳା ଦାସ, ରାସ୍ମିରେଖା ପାତ୍ର,ସତ୍ୟ ରଣା, କାବେରୀ ଜେନା,ମୌସୁମୀ ଗୁପ୍ତ,ସବିତ୍ରୀ ଜେନା, ସସ୍ମିତା ଦଳାଇ ଆଦିଙ୍କୁ ଜଗନ୍ନାଥଙ୍କ ଫୋଟ ଚିତ୍ର ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା।ଅଧ୍ୟାପକ ଅଶୋକ କୁମାର ରଥ ବେଦ ପାଠ କରିଥିବା ବେଳେ ସହକାରୀ ଅଧ୍ୟାପକ ଧନଞ୍ଜୟ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ସୁଭାସ୍ମିତା କର, ମାମାରାଣୀ ଘଡେଇ,ରଶ୍ମିତା ମଣ୍ଡଳ, ସସ୍ମିତା ମଣ୍ଡଳ,ଅଜୟ ମଣ୍ଡଳ, ରେସମ୍ ଆଫ୍ରୁଜ ପ୍ରମୁଖ ଛାତ୍ର ଛାତ୍ରୀ ମତ ଉପସ୍ଥାପନ କରିଥିଲେ।


## AFFIDAVIT

I, Ranjit Kumar Das, Son of Banamali das permanent resident of At- Kathasangada, Po-Udambar, Ps-Remuna, Dist-Balasore, Odisha-756019 solemnly affirm and state that I am the father of the Vivekananda Das. For and on behalf of my minor son I wholly renounce, relinquish and abandon the use of former name of my minor son Vivekananda Das and in place thereof he will assume the name of Bibekananda Das. He shall use and sign the name of Bibekananda Das hereafter in all records, deeds and writings and in all proceeding, dealing and transaction, private as well as public.

**Ranjit Kumar Das**


# ସହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ପାଳିତ

ଭୁବନେଶ୍ୱର, ୨୯/୩ (ନି.ପ୍ର): ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଦୂରଦର୍ଶନର ପୂର୍ବତନ ସମାଚାର ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର ଓ ବାଗ୍ମୀ ପ୍ରବୀର ମହାନ୍ତି ଅତିଥି ଭାବେ ଯୋଗଦେଇ ବରପୁତ୍ରଙ୍କ ଗୁଣଗାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଂଯୋଜନା କରିଥିବା ବେଳେ ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

# ଓଡ଼ିଶା ବିଜେପିର...

(ପୃଷ୍ଠା ୫ର ଅବଶିଷ୍ଟାଂଶ)

ପ୍ରବଳ ପବନରେ ସାଧାରଣ ବୃକ୍ଷଟିଏ ଭାଙ୍ଗି ପଡ଼େ ମାତ୍ର ପାହାଡ଼ କେବେ ବିଚଳିତ ହୁଏନା। ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭାଷାରେ 'ଗିରିଶିଖେ ଲୟରଖି ଚାଲିବି ମୁକର'କୁ ଆଦର୍ଶ ଭାବି ମନକୁ ଦୃଢ଼ କରି ପ୍ରଖର ସ୍ରୋତରେ ଭାସି ନଯାଇ ସେ କେବଳ ନିଜେ କୂଳରେ ଲାଗି ନାହାଁନ୍ତି ବରଂ ଦଳକୁ ଏପରି ସଫଳତାର କୂଳରେ ଲଗାଇଛନ୍ତି ଯେ ତାହା କଳ୍ପନାର ବାହାରେ।

ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତି ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଏବଂ ବିଜେପିର ବିଶେଷ ସମ୍ମାନ ରହିଥିଲା। ଓଡ଼ିଶାକୁ ଆଗକୁ ବଢ଼ାଇବା ସହ ଦେଶୁ ମଜଭୁତ କରିବା ଦିଗରେ ତାଙ୍କର ଚିନ୍ତାଧାରା ଥିଲା ସ୍ୱତନ୍ତ୍ର। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପିତାଙ୍କ ସଂସ୍କାରରେ ଓଡ଼ିଶା ଓ ଦେଶକୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ କାନ୍ଧରେ କାନ୍ଧ ମିଶାଇ ଆଗକୁ ବଢୁଛନ୍ତି। ତାଙ୍କୁ ସେବେ ଉଚିତ ଶ୍ରଦ୍ଧାଞ୍ଜଳି ହେବ ଯେତେବେଳେ ସେ ଦେଖାଇଥିବା ମାର୍ଗରେ ଆମେ ରାଜ୍ୟ ଓ ଦେଶକୁ ମଜଭୁତ କରିବା ଦିଗରେ ନିଜର ରହିଥିବା ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରିବା। ଓଡ଼ିଶା ରାଜନୀତିର ଏହି ଅଜାତ ଶତ୍ରୁଥିଲେ ଓଡ଼ିଶା ବିଜେପିର ମୁରବୀ ଏବଂ ଅନ୍ୟତମ ସ୍ରଷ୍ଟା। ବିଜେପିର ନୀତି ଓ ଆଦର୍ଶ ପ୍ରତି ପୂର୍ଣ୍ଣ ସମର୍ପିତ ଭାବନାର ସହ ସେ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ୍ୟରେ ବିଜେପିକୁ ତୃଣମୂଳ ସ୍ତରରୁ ଛିଡ଼ା କରାଇବାକୁ ତାଙ୍କ ନିଷ୍ଠା ଓ କଠିନ ପରିଶ୍ରମ ଫଳ ଦଳ ପାଇଛି। ସାରା ଜୀବନ ସେ ଦଳ ବିଚାରଧାରାକୁ ବଢ଼ାଇବା ଦିଗରେ ସେ ଯେଉଁ କାମ କରିଛନ୍ତି ସେହି କାରଣରୁ ଆଜି ଓଡ଼ିଶାରେ ବିଜେପି ସରକାର ଗଢ଼ି ପାରିଛି। ଓଡ଼ିଶା ରାଜନୀତିରେ ତାଙ୍କର ଯେଉଁପରି ଦଳ ପ୍ରତି ଭଲପାଇବା ଓ କର୍ମୀ ମାନଙ୍କ ପ୍ରତି ଶ୍ରଦ୍ଧା ଓ ରାଜ୍ୟର ବିକାଶ ପାଇଁ ଯେଉଁ ନିଃସ୍ୱାର୍ଥପର ଦୂରଦୃଷ୍ଟିଭାବକୁ ଦେଖି ଏ ଦେଶ, ଏ ଜାତି, ଏ ରାଜ୍ୟ ଗର୍ବ କରୁ। ଯୁବପିଢ଼ୀ ବିଶେଷକରି ରାଜନୀତିକୁ ନୂଆ ଆସୁଥିବା ଯୁବ ବର୍ଗ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୁଅନ୍ତୁ ଏବଂ ଏହି ଆଶା ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଉ।


ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟବ୍ୟାପୀ ଜବଦଖଲମୁକ୍ତ ...

ଜଗନ୍ନାଥଙ୍କ ଜମି ଜବରଦଖଲ ମୁକ୍ତ ହେବା ଖବରକୁ ଗ୍ରାଉଣ୍ଡରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏଇ ଯେମିତି ଖୋର୍ଦ୍ଧା ଏବଂ ଜଟଣୀ । ଏଇ ଦୁଇ ନିର୍ବାଚନ ମଣ୍ଡଳୀର ଅନେକ ମଉଜାରେ ବହୁ ଲୋକଙ୍କ ପୈତୃକ ଭୂ ସଂପତ୍ତି ଭୁଲବଶତଃ ଶ୍ରୀଜଗନ୍ନାଥଙ୍କ ନାଁକୁ ଚାଲିଯାଇଛି । ଫଳରେ ସେମାନେ ନିଜ ଭୂସଂପତ୍ତିରୁ ଅଧିକାର ହରାଇବା ସହ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି । ସରକାରଙ୍କ ପ୍ରସ୍ତାବିତ ୟୁନିଫର୍ମ ଲ୍ୟାଣ୍ଡ ପଲିସି କେବଳ ଜବରଦଖଲ ଉଚ୍ଛେଦ ପାଇଁ ଉଦ୍ଦିଷ୍ଟ ଥିବାରୁ ଏଦିଗରେ ମଧ ଗୁରୁତ୍ୱର ସହ ନିଷ୍ପତ୍ତି ନିଆଯିବା ନେଇ ସାଧାରଣରେ ଦାବି ହୋଇଛି । ଅପରପକ୍ଷେ ଜବରଦ ଖଲକାରୀଙ୍କୁ ରିହାତିରେ ଶହେ ଡିସିମିଲ ଜମି ଦିଆଯିବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ସ୍ଥାନୀୟ ବାସିନ୍ଦା । ତେବେ ରାଜ୍ୟବ୍ୟାପୀ ଦୀର୍ଘଦିନ ଧରି ଜବରଦଖଲକାରୀଙ୍କ କବଜାରେ ଥିବା ଜମି ବାସ୍ତବିକ କେବେ ଜଗନ୍ନାଥଙ୍କ ପାଖକୁ ଫେରିବ, ଏବେ ତା ଉପରେ ନଜର ।

### ଭିଆରଏସ୍ ନେଲେ...

୨୬ ତାରିଖରେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଯୋଗ ଦେଇଥିଲେ ସୁଜାତା । ଏହାପରେ ଏବେ ପୁଣି ମାସେରୁ ଅଧିକ ସମୟ ଧରି ଛୁଟିରେ ରହି ବାରମ୍ବାର ଛୁଟି ବଢ଼ାଇବାକୁ ଆବେଦନ କରୁଥିଲେ। କିନ୍ତୁ ବିଭାଗ ଛୁଟି ଦେବାକୁ ମନା କରିଛି। ପୂର୍ବରୁ ବି ନଭେମ୍ବର ୨୬ରେ ସୁଜାତାଙ୍କ ଛୁଟି ବଢାଇବା ଆବେଦନକୁ ଖାରଜ କରିଥିଲେ ସରକାର। ଆଉ ତା ଭିତରେ ତାଙ୍କ ଭିଆରଏସ୍ ମଂଜୁରୀର ଖବର। ହେଲେ କାହିଁକି ଏମିତି ନିଷ୍ପତ୍ତି ନେଲେ ସୁଜାତା ? ନୂଆ ସରକାରଙ୍କ କାମ କରିବା ତରିକାରେ ନିଜକୁ ଖାପଖୁଆଇ ପାରିଲେନି, ନା ପୂର୍ବ ରେକର୍ଡ ପାଇଁ ନୂଆ ସରକାରରେ କୋଣଠେସା ବାଧିଲା ? ବିଜେଡି କହିଛି ନିକଟରେ ବିଧାନସଭାରେ ସୁଜାତଙ୍କୁ ମନ୍ତ୍ରୀଙ୍କ ଆକ୍ଷେପ ଏହାର କାରଣ ହେଇଥାଇପାରେ । ବିଜେପି କହିଛି ପୂର୍ବ ସରକାରରେ ଅଖଣ୍ଡ କ୍ଷମତା ଉପଭୋଗ କରୁଥିଲେ, ତେଣୁ ଆମ ସରକାରରେ ଫିଟ୍ ହେଇ ପାରିଲେନି । ଅନ୍ୟପଟେ ଭିଆରଏସ ପରେ ସୁଜାତାଙ୍କ ପରବର୍ତ୍ତୀ ଭୂମିକାକୁ ନେଇ ଚର୍ଚ୍ଚା । ଆଗକୁ କ'ଣ କରିବେ ସୁଜାତା ? ସ୍ୱାମୀଙ୍କ ରାସ୍ତାରେ ଯିବେ କି ? କାହିଁକିନା ସମାନ ଢଙ୍ଗରେ ଭିଆରଏସ୍ ନେଇ ରାଜନୀତିକୁ ଆସିଥିଲେ ସ୍ୱାମୀ ଭି.କେ ପାଣ୍ଡିଆନ୍। କିନ୍ତୁ ପାଣ୍ଡିଆନଙ୍କୁ ଗ୍ରହଣ କଲେନି ରାଜ୍ୟବାସୀ । ରାଜନୀତିରେ ପାଦ ଥାପୁ ଥାପୁ ଆରମ୍ଭରୁ ଅସଫଳ ହେଲେ । ତେଣୁ ହୁଏତ ରାଜନୀତି ନକରି ଓଡ଼ିଶା ଛାଡ଼ି ବିଦେଶ ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ନିର୍ବାଚନରେ ବିଜେଡିର ବିପର୍ଯ୍ୟୟ ପରେ ଚାଇଲଡ କେୟାର ପାଇଁ ୬ ମାସ ଛୁଟି ନେଇଥିଲେ ସୁଜାତା।

### ଭିଜିଲାନ୍ସ ଜାଲରେ ...

ତିନି ମହଲା ବିଶିଷ୍ଟ (ନିର୍ମାଣାଧୀନ) କୋଠା, ଜଟଣୀର ବନଦୁର୍ଗା ମାର୍କେଟ୍ କମ୍ପ୍ଲେକ୍ସରେ ଦୁଇଟି ଦୋକାନ, କଟକର ଚୌଦ୍ୱାରରେ ତାଙ୍କ ସମ୍ପର୍କୀୟଙ୍କ ଘର ଓ ଭୁବନେଶ୍ୱରରେ ତାଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ଉ ଚାଲିଛି। ଏନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଭୁବନେଶ୍ୱରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୭ ଜଣ ଡିଏସପି, ୯ ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଭୁବନେଶ୍ୱର, ଜଟଣୀ ଓ କଟକରେ ଏକକାଳୀନ ଚଢ଼ଉ କରାଯାଉଛି। ଖୋର୍ଦ୍ଧା ଜିଲ୍ଲା ଜଟଣୀର ମେନ୍ ରୋଡ୍ ସ୍ଥିତ ତାଙ୍କ ବାସଗୃହ, ଭୁବନେଶ୍ୱରର ଆଇଜିଏଆର ସୁକାନ୍ତି ଦେବୀ ଏନକ୍ଲେଭରେ ତାଙ୍କର ଭଡ଼ା ଘର,ଜଟଣୀର ସର୍ଦ୍ଦାର ପଟେଲ ମାର୍ଗରେ ଶ୍ରୀ ସାହୁଙ୍କ ଦୁଇ ମହଲା କୋଠା, ଜଟଣୀର ସର୍ଦ୍ଦାର ପଟେଲ ମାର୍ଗରେ ତାଙ୍କର ତିନି ମହଲା ବିଶିଷ୍ଟ (ନିର୍ମାଣାଧୀନ) କୋଠା, ଜଟଣୀର ବନଦୁର୍ଗା ମାର୍କେଟ୍ କମ୍ପ୍ଲେକ୍ସରେ ଦୁଇଟି ଦୋକାନ, କଟକର ଚୌଦ୍ୱାରରେ ତାଙ୍କ ସମ୍ପର୍କୀୟଙ୍କ ଘର ଓ ଭୁବନେଶ୍ୱରରେ ତାଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ଉ ଚାଲିଛି। ଏନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି।

### ଛତିଶଗଡ଼ରେ ଯବାନଙ୍କ...

ଅନୁଯାୟୀ, ଆସନ୍ତା ମାର୍ଚ୍ଚ ବେଳକୁ ବିନାଶ ହୋଇ ସାରିଥିବ ନକ୍ସଲବାଦ। ସରି ଆସୁଛି ଲାଲଗଡ଼ରେ ମାଓବାଦୀଙ୍କ ଆୟୁଷ। ଧ୍ୱଂସ ହେବାକୁ ବସିଛି ହିଂସାର ସୀମା ଡେଇଁଥିବା ନକ୍ସଲବାଦ। ଆଜି ଭୋରରୁ ସଫା ହୋଇଯାଇଛନ୍ତି ସତର ସତର ଜଣ ମାଓବାଦୀ। ଜଙ୍ଗଲ ଭିତରୁ ୧୭ଟି ମୃତଦେହକୁ ଆଣି ସୁକମା ପୋଲିସ ଲାଇନରେ ରଖିଛନ୍ତି ସୁରକ୍ଷାକର୍ମୀ। ସେମାନଙ୍କଠାରୁ ଇକ-୪୭, ଝଖଜ ଓ ଇନସାସ୍ ବନ୍ଧୁକ ସହ ମିଳିଛି ବିପୁଳ ଅସ୍ତ୍ରଶସ୍ତ୍ର। ଛତିଶଗଡ଼ ସୁକମା ଜିଲ୍ଲା ଉପମପାଲ୍ଲି ଜଙ୍ଗଲ ଭିତରେ ଏନକାଉଣ୍ଟର ସାରି ଫେରିବା ପରେ ସାହସୀ ଯବାନଙ୍କୁ ମିଠା ଖୁଆଇ ସ୍ୱାଗତ କରିଛନ୍ତି ଅଧିକାରୀ। ସାବାସୀ ଦେବା ସହ ଯବାନଙ୍କ ମନରେ ଭରିଛନ୍ତି ଉତ୍ସାହ। ଏତେବଡ଼ ସଫଳତା ପାଇ ଯବାନ ବି ଖୁସି ବ୍ୟକ୍ତ କରିଛନ୍ତି। ୨୮ ମାର୍ଚ୍ଚ। ବିଶ୍ୱସ୍ତ ସୂତ୍ରରୁ ଛତିଶଗଡ଼ ପୋଲିସ ପାଖରେ ଖବର ପହଞ୍ଚିଲା ସୁକମା ଜିଲ୍ଲା ଉପମପାଲ୍ଲି ଜଙ୍ଗଲରେ ଚାଲିଛି ମାଓମେଳି। ଯେଉଁଠି ଉପସ୍ଥିତ ଥିଲେ ଦଭରା ଡିଭିଜନାଲ କମିଟି, ବଲାଙ୍ଗିର ଏରିଆ କମିଟି ଏବଂ କେର୍ଲାପାଲ୍ ଏରିଆ କମିଟିର କ୍ୟାଡର୍ ମାଓବାଦୀଙ୍କ ସହ ଅନ୍ୟ ସଦସ୍ୟ। ଏହି ଖବର ପରେ ଜିଲ୍ଲାର ବିଭିନ୍ନ କ୍ୟାମ୍ପରୁ ପ୍ରାୟ ୫ଶହ ଡିଆରଜି ଏବଂ ସିଆରପି ଯବାନ ବାହାରିଲେ ଅପରେସନରେ। ରାତି ପ୍ରାୟ ୪ଟା ମଧ୍ୟରେ ଅତି ଚତୁରତାର ସହ ଘେରିଗଲେ ମାଓବାଦୀଙ୍କୁ। ଆଉ ଠିକ୍ ସକାଳ ସାଢ଼େ ୬ଟା ବେଳକୁ ଆରମ୍ଭ ହୋଇଥିଲା ଗୁଳି ବିନିମୟ। ଉଭୟ ପକ୍ଷରୁ ଚାଲିଲା ଘମାଘୋଟ ଲଢ଼େଇ। ଗଛ ଗୁଡ଼ିକରେ ସ୍ପଷ୍ଟ ବାରି ହେଉଥିଲା ବୁଲେଟ୍ ଚିହ୍ନ। କାହାର ଚପଲ ପଡ଼ିରହିଛି ତ କେଉଁଠି ଲାଗିଛି ରକ୍ତର ଚିହ୍ନ। ପ୍ରାୟ ୩ ଘଣ୍ଟା ଧରି ଅର୍ଥାତ ସକାଳ ୯ଟା ଯାଏଁ ଚାଲିଥିଲା ନନଷ୍ଟପ୍ ଫାଏରି। ଯେଉଁଥିରେ ଟଳିପଡ଼ିଥିଲେ ୧୭ ମାଓବାଦୀ। ତାହାରି ଭିତରେ ଦଭରା ଡିଭିଜନାଲ କମିଟି ପ୍ରଭାରୀ ଜଗଦୀଶ ବି ବାଦ୍ ପଡ଼ିନି। ତେବେ ୨ ଜଣ ସୁରକ୍ଷାକର୍ମୀ ଆହତ ହୋଇଥିବା ସୂଚନା ମିଳିଛି। ୨୦୨୪ରୁ ୨୦୨୫ ମାର୍ଚ୍ଚ। ଅର୍ଥାତ ଗତ ୧୫ ମାସ ମଧ୍ୟରେ ୩୩୪ ମାଓବାଦୀ ନିହତ ହେଲେଣି ଲାଲବାହିନୀଙ୍କ ଅଭୟାରଣ୍ୟ ସାଜିଥିବା ଛତିଶଗଡ଼ରେ।

### ବିହାର ବିଧାନସଭା ନିର୍ବାଚନ...

ବେଳେ କଂଗ୍ରେସ ଜିତିବାକୁ ଥିବା ଆସନ ପାଇବାକୁ ଜୋରଦାର ଉଦ୍ୟମ କରିବ ଯାହାକୁ ଆରଜେଡି ଘୋର ବିରୋଧ କରିପାରେ । ଏଥରକ କଂଗ୍ରେସ ତାର ଆସନ ସଂଖ୍ୟା ବଢ଼ାଇବାକୁ ଚାହୁଁଛି । ମାତ୍ର ଗତ ଦିନରେ କଂଗ୍ରେସର ବିପର୍ଯ୍ୟୟ ଦେଖି ଆରଜେଡି ଅଧିକ ଆସନ ଭାଗ କରିବାକୁ ନଚାହିଁବା ସ୍ୱାଭାବିକ । ଏଭଳି ସ୍ଥଳରେ ଜିତିବା ଆସନ ପାଇବାକୁ କଂଗ୍ରେସର ଦାବି ମେଣ୍ଟ ମଧ୍ୟରେ ବିବାଦ ବୃଦ୍ଧ କରିବ ନିଶ୍ଚୟ ।

### ଜଳୁଛି ନେପାଳ:...

ବିକ୍ଷୋଭକାରୀ କହିଛନ୍ତି ଦାବି ନଶୁଣିଲେ ପରିସ୍ଥିତି ଆହୁରି ଭୟଙ୍କର ହେବ । ପ୍ରଦର୍ଶନ କରୁଥିବା ବଡବଡ ନେତାଙ୍କୁ ଗିରଫ କରିଛି ସେନା । ସୂଚନାଅନୁସାରେ ୨ଜଣ ବିକ୍ଷୋଭକାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଏଠି ବଡ ପ୍ରଶ୍ନ ଉଠୁଛି କାହିଁକି ଲୋକମାନେ ରାଜାଶାସନକୁ ଚାହୁଁଛନ୍ତି ? ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ରାଜତନ୍ତ୍ରର ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି, ସମ୍ବିଧାନ ରାଜାମାନଙ୍କୁ ସ୍ୱୀକୃତି ଦିଏ ନାହିଁ । ପ୍ରଧାନମନ୍ତ୍ରୀ ପୂର୍ବତନ ରାଜା ଜ୍ଞାନେନ୍ଦ୍ର ଶାହଙ୍କୁ ଚ୍ୟାଲେଞ୍ଜ କରିଛନ୍ତି ଯଦି ରାଜା ପୁନର୍ବାର କ୍ଷମତା ପାଇବାକୁ ଚାହାନ୍ତି ତେବେ ନିର୍ବାଚନ ଲଢ଼ନ୍ତୁ । ସରକାର କାଠମାଣ୍ଡୁର କିଛି ଅଂଶରେ କର୍ଫ୍ୟୁ ଜାରି କରିଥିଲେ ଏବଂ ନିୟନ୍ତ୍ରଣ ପୁନଃପ୍ରାପ୍ତ କରିବା ପାଇଁ ସେନା ମୁତୟନ କରିଥିଲେ। ପ୍ରତିବାଦକାରୀମାନେ ଅନ୍ତର୍ଜାତୀୟ ବିମାନବନ୍ଦର ଆଡକୁ ଗତି କରିବାରୁ ବିମାନ ଉଡ଼ାଣ କିଛି ସମୟ ପାଇଁ ସ୍ଥଗିତ ରଖାଯାଇଥିଲା । ପ୍ରତିବାଦକାରୀ ରାଜତନ୍ତ୍ରବାଦୀମାନେ ରାଜତନ୍ତ୍ର ପୁନଃସ୍ଥାପନ ଏବଂ ହିନ୍ଦୁ ରାଜ୍ୟ ଦାବି କରୁଥିଲେ । ଆନ୍ଦୋଳନର ସଂଯୋଜକ ଦୁର୍ଗା ପ୍ରସାଇ ସୁରକ୍ଷା ବ୍ୟାରିକେଡ୍ ଭାଙ୍ଗି ଏକ ବୁଲେଟ୍ପ୍ରୁଫ୍ ଗାଡ଼ିରେ ବସି ସଂସଦ ଭବନ ଆଡକୁ ଯିବା ପରେ ପ୍ରଦର୍ଶନ ହିଂସାତ୍ମକ ରୂପ ନେଇଥିଲା ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ମହିଳା ମହାବିଦ୍ୟାଳୟରେ କଲେଜ ସ୍ତରର ଇନୋଭେସନ୍ ଏବଂ ଷ୍ଟାର୍ଟ୍ ଅପ୍ ପ୍ରତିଯୋଗିତା

ଲଙ୍ଗଳେଶ୍ୱର, , ୨୯/୩ (ନି.ପ୍ର): ଛାତ୍ର ଜୀବନରୁ ହିଁ ଜଣେ ଛାତ୍ର ଯେମିତି ଶିକ୍ଷା ପାଇଥାଏ ସେ ସେହିପରି ହିଁ ଗଢିଥାଏ। ଏହି ଅବସରରେ ବାଲିଆପାଳ ବ୍ଲକ୍ ପାଞ୍ଚୁପାଲି ପଂଚାୟତରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଇନୋଭେସନ୍ ଏବଂ ଷ୍ଟାର୍ଟ୍ ଅପ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆୟୋଜିତ ଇନୋଭେସନ୍ ପ୍ରୋଗ୍ରାମରେ ମହାବିଦ୍ୟାଳୟର ଅନେକ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ପ୍ରତିଯୋଗିତାର ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହର ପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଶ୍ରୀ ଯୁକ୍ତ ପ୍ରଭାସ ରଞ୍ଜନ ସାମଲ ଯୋଗଦେଇ




ପିଲାମାନଙ୍କୁ ଉତ୍ସାହିତ କରିବା ସହ, ସେମାନଙ୍କ ଭବିଷ୍ୟତ ସୁକାମନ କରି , ଅତି ସୁନ୍ଦର ଭାବରେ ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଲତା ଯୋଡ଼ି କଲେଜର ଅଧକ୍ଷ ପ୍ରିୟବ୍ରତ ପଣ୍ଡା ପିଲାମାନଙ୍କୁ ଗୀତା ଭାଗବତ ବିଷୟରେ ଅନେକ ନୀତି ବାଣୀ ଜ୍ଞାନ ମାଧ୍ୟମରେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସୁମାର୍ଗ କରିଥିଲେ। କମଳ କୁମାରୀ ସଂସ୍କୃତ ମହିଳା କଲେଜ ର ଅଧକ୍ଷ ରାଜକିଶୋର ବାରିକ୍ ଛାତ୍ରୀ ମାନଙ୍କ ଜୀବନରେ ସଫଳ କାମନା କରିଥିଲେ। ଉକ୍ତ,କାର୍ଯ୍ୟ କ୍ରମର ସଂଯୋଜିକ ଦର୍ଶନ ବିଭାଗର ଅଧ୍ୟାପକ ସୁଧୀର କୁମାର ନନ୍ଦ ଦୁଇ ଦିନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିଲେ। ଏବଂ କଲେଜର ସମସ୍ତ ଅଧ୍ୟାପକ , ବନମାଳୀ ପରିଡ଼ା, କୃଷ୍ଣ ନନ୍ଦ ପାତ୍ର,ଚନ୍ଦନ କୁମାର ନନ୍ଦ, ଅଧ୍ୟାପିକା ଶବିତା ସାହୁ, ସୋରଜିନୀ ପରିଡା ଏବଂ ସମସ୍ତ ଅଣଶୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ଅଧ୍ୟାପକ ଡକ୍ଟର ଲକ୍ଷ୍ମୀକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଇକରେ ଆସି ମୋବାଇଲ ଓ ଟଙ୍କା ଛିନତାଇ

ନୀଳଗିରି, ୨୯/୩ (ନି.ପ୍ର): ନୀଳଗିରରେ ଏବେ ନିଶାଡିଙ୍କ ଉତ୍ପାତ ବଢିବାରେ ଲାଗିଛି। ଏମାନଙ୍କୁ ରୋକିବାରେ ବିଫଳ ହେଉଛି ନୀଳଗିରି ପ୍ରଶାସନ। ଏପରି ଘଟଣା ଦେଖିବାକୁ ମିଳିଛି ପଞ୍ଚଲିଙ୍ଗେଶ୍ୱର ସନ୍ତରାଗଡ଼ିଆ ରାସ୍ତାରେ । ଘଟଣାରୁ ପ୍ରକାଶ ନୀଳଗିରି ଥାନା ଅନ୍ତର୍ଗତ ଡାଲିଙ୍ଗିଆ ଗ୍ରାମର ରଞ୍ଜନ ବେହେରା (୪୦) ରାଉଳଖୁଣ୍ଟା ଗ୍ରାମରୁ ପକ୍କା କାମସାରି ୨୮ ତାରିଖ ସଂନ୍ଧ୍ୟା ପ୍ରାୟ ୬.୩୦ ମିନିଟ୍ ସମୟରେ ଅନ୍ଧାରିଆ ରାସ୍ତାରେ ସାଇକେଲ ଯୋଗେ ମୋବାଇଲ୍ ଲାଇଟ୍ ଜଳାଇ ନିଜଘରକୁ ଆସୁଥିବା ବେଳେ ଗୋପଛକ ନିକଟସ୍ଥ ରାସ୍ତାରେ ୨ ଜଣବ୍ୟକ୍ତି ବାଇକରେ ଆସି ରଞ୍ଜନଙ୍କ ଠାରୁ ମୋବାଇଲ ଓ ୫ ହଜାର ନଗଦ ଟଙ୍କାନେଇ ସନ୍ତରାଗଡ଼ିଆ ରାସ୍ତାରେ ଛୁ ମାରିଥିଲେ। ଏନେଇ ରଞ୍ଜନ ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଉକ୍ତ ରାସ୍ତାରେ ୩ ଦିନ ହେବ ଲୁଟେରାମାନେ ଲୁଟ କରୁଥିବା ଅଞ୍ଚଳବାସୀଙ୍କ ଠାରୁ ଶୁଣିବାକୁ ମିଳୁଛି। ତେଣୁ ଉକ୍ତ ରାସ୍ତାରେ ପୋଲିସ ପେଟ୍ରୋଲିଂ କରିବାକୁ ସାଧାରଣରେ ଦାବୀ ହୋଇଛି ।

## ଶ୍ରୀ ରାମକ୍ରିଷ୍ଣ ଆଶ୍ରମର ବାର୍ଷିକ ଉତ୍ସବ ଓ ନବମ ଓ ଦଶମ ଶ୍ରେଣୀ ଗୃହ ଉଦଘାଟନ ଅନୁଷ୍ଠିତ

ଜଳେଶ୍ୱର, ୨୯/୩ (ନି.ପ୍ର): ରାମକୃଷ୍ଣ ଆଶ୍ରମପରିସରରେ ବାର୍ଷିକ ଉତ୍ସବ ଓ ଭକ୍ତ ସମ୍ମିଳନୀ ସମାରୋହ ରେ ଡ଼ାକ୍ତର ବିଧାନ ଚନ୍ଦ୍ର ଭୂୟାଁ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବକ୍ତବ୍ୟରେ ବିବେକାନନ୍ଦଙ୍କ ଦର୍ଶନର ସମସ୍ତ ଦିଗ ପ୍ରତି ଆଲୋଚନା କରିଥିଲେ।ସହିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ନବମ ଓ ଦଶମ ଶ୍ରେଣୀ ଗୃହ ମୁଖ୍ୟ ଅତିଥି ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତଥା ସମସ୍ତ ଅତିଥି ଦ୍ୱାରା ଉଦଘାଟିତ ହୋଇଥିଲା। ବରେଣ୍ୟ ଅତିଥି ଭାବରେ ଶ୍ରୀ ମତ ସ୍ୱାମୀ ଦେବରାଜ ନନ୍ଦଜୀ ,ଜଏଣ୍ଟ କନଭେନର ଶ୍ରୀ ରାମକ୍ରୀଷ୍ଣ ବିବେକାନନ୍ଦ ଭାବ ପ୍ରଚାର ପରିଷଦ,ବେଲୁ ମଠ,ହାଓଡ଼ା, ଅନ୍ୟତମ ଅତିଥି ଭାବରେ ଶ୍ରୀ ମତ ସ୍ୱାମୀ ବାସୁ ପ୍ରଦା ନନ୍ଦଜୀ , ଶ୍ରୀ ରାମକ୍ରୀଷ୍ଣ ଆଶ୍ରମ, କୋଠାର, ଅନ୍ୟତମ ଅତିଥି ଭାବରେ ରଜତ କାନ୍ତ ବୋଷ, ଅମିତ ରଂଜନ ରାୟ, ସମ୍ପାଦକ ବିମଳେନ୍ଦୁ ଦାସ,ଆରୋପ ସତ୍ୟ ମାଇତି, ଆରତୀ ଦାସ ,ସମ୍ପାଦକ ସୁକୁମାର ରଣା,ତାରିଣୀ ମହାନ୍ତ, ପ୍ରବୀର ସେନାପତି,ସୁଭାସିସ କରଣ,ଉତ୍ପଳ ମାଇତି, ପବିତ୍ର ସଭାରେ ମଞ୍ଚ ସଞ୍ଚାଳନ କରିଥିଲେ ଶିକ୍ଷାବିତ ତଥା ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତଥା ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ର ସଭାପତି ଡକ୍ଟର ଅଜିତ୍ ମହାନ୍ତି । ସହାୟତା କରିଥିଲେ ପ୍ରଧାନ ଶିକ୍ଷୟତ୍ରୀ ତିଳୋତ୍ତମା ନାୟକ. ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ କଲ୍ପିତା ଶତପଥୀ , ଅର୍ପିତା ଶତପଥୀ ନୃତ୍ୟ ପ୍ରଦର୍ଶନ କରିଥିଲେ।ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଯଥା ପ୍ରଶାନ୍ତ କୁମାର ଜେନା,ବିଶ୍ୱଜିତ୍ ପାଲ,କ୍ରିଷ୍ଣା ପାଲ,ଅନିମା ଦେ,ପ୍ରତିଭା ଦେ,ବିପାସା ଦତ୍ତ,ସସ୍ମିତା ନାୟକ, ସୁସ୍ମିତା ସେନାପତି , ଅନୀମା ଦେ,ଦୈବକୀ ନନ୍ଦନ ଦାସ , ସମ୍ପାଦକ ସୁକୁମାର ରଣା ଧନ୍ୟବାଦ୍ ଜ୍ଞାପନ କରିଥିଲେ।

## ବଢୁଛି ତାତି, କମୁଛି ଭୂତଳ ଜଳସ୍ତର: ଏବେଠୁ ଦେଖାଦେଲାଣି ପାନୀୟ ଜଳ ସଙ୍କଟ

ବାଲିଆପାଳ , ୨୯/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ଗ୍ରୀଷ୍ମ ଆରମ୍ଭରୁ ବଢ଼ିଛି ତାତି, ଅସ୍ତବ୍ୟସ୍ତ କଲାଣି ଜୀବନ। କାମ ନ ଥିଲେ ଲୋକେ ବାହାରକୁ ଯିବାକୁ ଡରିଲେଣି। ବାହାରକୁ ବାହାରିଲେ ମୁଣ୍ଡରେ ଓଦା କପଡା ଓ ଛତା ଦେଇ ବାହାରିଛନ୍ତି। ଏମିତିକି ସକାଳୁ ସକାଳୁ କାମ ସାରି ଘରକୁ ଫେରି ଆସୁଛନ୍ତି । ଦିନ ଦଶଟା ସୁଦ୍ଧା ରାସ୍ତା ଘାଟ ଶୁନ ଶାନ ହୋଇଯାଇଛି। ଅନ୍ୟପଟେ ବାଲିଆପାଳ ଲୋକଙ୍କ ହେଡ଼ କ୍ୱାଟର ହୋଇ ଥିବାରୁ ସରକାରୀ କାର୍ଯ୍ୟାଳୟ ବ୍ଲକ୍, ତହସିଲ, ଥାନ, ଶବ ରେଜଷ୍ଟ୍ରି ଅଫିସ, କୃଷି ଅଫିସ, ମେଡିକାଲ ଥିବାରୁ ହଜାର ହଜାର ଲୋକ ଆସି ନିଜର କାର୍ଯ୍ୟ କରି ଫେରିଯାଆନ୍ତି । କିନ୍ତୁ ଗ୍ରୀଷ୍ମ ତାତିକୁ ଝାଞ୍ଜି ପବନ ହେଉ ଥିବାରୁ ତାହା ସମ୍ଭବ ହୋଇ ପାରୁନାହିଁ । ସେହିପରି ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳର ସଙ୍କଟ ଦେଖା ଦେଲାଣି। ଯେମିତିକି ଗାଡିଆ ପୋଖରୀ ନଦୀ ପାଣି ସୁଖିବାକୁ ଲାଗିଲାଣି। ଏମିତିକି ଭୂତଳ ଜଳ ସ୍ତର କମିବା ଦ୍ୱରା ନଳକୂପ ଚାପିଲେ କୋଉଠି ଲୁଣା ପାଣି ତ କୋଉଠି କଳଙ୍ଗି ପାଣି ତ କୋଉଠି ପାଣି ଧୀରେ ଧୀରେ ବାହାରୁଛିଛ ଅନେକ ପଞ୍ଚାୟତରେ ଟ୍ୟୁୱେଲ ଖରାପ ହୋଇ ପଡ଼ିଛି । ଅଧିଅଂଶ ପଞ୍ଚାୟତରେ ଇଲେଟ୍ରି ବିଲ ପଇଠ ହୋଇ ନ ଥିବାରୁ ସରକାରଙ୍କ ବସୁଧା ଯୋଜନା ବି ଠପ ହୋଇ ପଡ଼ିଛି ।ସେପଟେ ମେଘା ଜଳପ୍ରକଳ୍ପ କାମ ଶେଷ ହେବାର ନାଧରନ୍ତିନି । ଯାହା ଫଳରେ ଲୋକ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗୋଟିଏ ପଟେ ଗ୍ରୀଷ୍ମ ପ୍ରବାହରେ ତାପମାତ୍ରା ବଢ଼ିଛି ଅନ୍ୟପଟେ ଭୂତଳ ଜଳସ୍ତର କମୁ ଥିବାର ପାଣି ସଙ୍କଟରେ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ । ଲୋକଙ୍କ ବିଶ୍ରାମ ସ୍ଥଳୀ ପାଲଟିଛି ବଡ ବଡ ଗଛ ସରକାରୀ ସ୍ତରରେ କୋଉଠି ବି ଜଳ ଛତ୍ର କିମ୍ବା ବିଶ୍ରାମ ସ୍ଥଳ ଖୋଲା ହୋଇ ପାରିନାହିଁ । ଯଦିବା ଜଳଛତ୍ର ଖୋଲା ହୋଇଥିବ ତାହା କେବଳ କାଗଜ ପତ୍ର ରେ ସୀମିତ ଏହା ବାଲିଆପାଳ ପ୍ରଶାସନ କାର୍ଯ୍ୟ ଦକ୍ଷତା ଉପରେ ବଡ ପ୍ରଶ୍ନବାଚି ହୋଇ ଛିଡା ହୋଇଛି। ଅନ୍ୟ ପଟେ ଛକ ଛକରେ ଜଳ ଛତ୍ର ଖୋଲିବା ପଞ୍ଚାୟତରେ ପିଇବା ପାଣି ସମସ୍ୟା ସମାଧାନ କରିବାକୁ ବ୍ଲକ୍ ପ୍ରଶାସନଙ୍କୁ ସାଧାରଣରେ ଦାବି ଜୋର ଧରିଛି ।

## ଖରାରେ ଲୋକଙ୍କ ଶୋଷ ମେଣ୍ଟାଉଅଛି ଲସି

ବାଲିଆପାଳ , ୨୯/୩ (ନି.ପ୍ର): ବାଲିଆପାଳ ବ୍ଲକ ର ସିମୁଳିଆ ମାର୍କେଟ ଜଗନ୍ନାଥ ଲସି ହାଉସ ରେ ରାବିଡି ଲସି ଏବେ ଫେମସ ହେବାକୁ ଯାଉଛି ଛ ସାରା ରାଜ୍ୟରେ ଏବେ ଗ୍ରୀଷ୍ମର ପ୍ରକୋପ ବଢ଼ିବାରେ ଲାଗିଛି। ଏହାକୁ ଆଖି ଆଗରେ ରଖି ବାଲିଆପାଳ ବ୍ଲକ ସିମୁଳିଆ ର ବଜାରରେ ଅଭି ନାମକ ବ୍ୟକ୍ତିଙ୍କ ରାବିଡି ଲସି ଦୋକାନରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି । ମାତ୍ର୩୦ଟଙ୍କା ୫୦ଟଙ୍କାରେ ଗ୍ରାହକଙ୍କ ମନପସନ୍ଦର ରାବିଡି ଲସି ମିଳୁଥିବା ଦେଖିବାକୁ ମିଳୁଛି। ବାଲିଆପାଳ ବ୍ଲକ ମଧ୍ୟସ୍ଥଳ ସିମୁଳିଆ ବଜାର ହୋଇଥିବାରୁ




ପ୍ରତିଦିନ ସକାଳ ଠାରୁ ରାତି ପର୍ଯ୍ୟନ୍ତ ଏହି ଛକର ଜଗନ୍ନାଥ ଲସି ହାଉସ ଦୋକାନରେ ରାବିଡି ଲସି ସମସ୍ତଙ୍କୁ ଆକର୍ଷଣୀୟ କରିଥାଏ ଓ ଯଦି କେବେ କେଉଁ ବ୍ୟକ୍ତି ବାଲିଆପାଳ ଅଞ୍ଚଳକୁ ଆସୁଛନ୍ତି ତେବେ ସିମୁଳିଆ ମାର୍କେଟ ଠାରେ ଥିବା ଅଭି ଭାଇଙ୍କ ଜଗନ୍ନାଥ ଲସି ହାଉସ ଦୋକାନରେ ଟିକେ ମୁହଁ ମିଠା ଓ ପେଟ ଥଣ୍ଡା କରି ଯିବା ପାଇଁ ଲସି ଦୋକାନର ଅଭି ଅନୁରୋଧ କରିଛନ୍ତି ।

## ମହାବିଷୁବ ସଂକ୍ରାନ୍ତି ପ୍ରସ୍ତୁତି ନିମନ୍ତେ ପ୍ରଚ୍ଚର ସମିତି ବୈଠକ

ଭଦ୍ରକ, ୨୯/୩ (ନି.ପ୍ର): ମହାବିଷୁଭ ସଂକ୍ରାନ୍ତି ଭାରତୀୟ ସଂସ୍କୃତି ଓ ପରମ୍ପରାର ନବବର୍ଷ ଭାବରେ ଗ୍ରହଣ କରାଯାଇଛି। ଏହାକୁ ପଣାସଂକ୍ରାନ୍ତି, ମହବିଷୁଭ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଭାବରେ ପାଳିତ ହୋଇ ଆସୁଛି। ଏହି ଦିବସରେ ଶ୍ରୀ ଜଗନ୍ନାଥଙ୍କ ଷୋଡ଼ଶ ଉପଚାର ପୂଜା, ବିଶ୍ୱଶାନ୍ତି ଯଜ୍ଞ ଓ ଆଧ୍ୟାତ୍ମିକ ସଭା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହିସବୁ କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ 'ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତି' ଭଦ୍ରକ ପକ୍ଷରୁ ଏକ ବୈଠିକ ଭଦ୍ରକସ୍ଥ ଶ୍ରୀ ବାଲଗୋପାଳ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚ୍ଚଳକ ପ : ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ତା ୧୪.୦୪.୨୦୨୫ରିଖ ତିହିଡି ବ୍ଲକସ୍ଥ ଆରୁହା ଶ୍ରୀ ଜଗନ୍ନାଥ ମନ୍ଦିରରେ ଏହିସବୁ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ମନ୍ଦିର ପକ୍ଷରୁ ସିମାଞ୍ଚଳ ମହାପାତ୍ର ଓ ଭାଗୀରଥି ମଲ୍ଲିକ ତଥା ଆରୁହା ଗ୍ରାମ ବାସୀଙ୍କ ସହ ଯୋଗରେ ପାଳିତ ହେବ। ଏହି ଆଲୋଚନା ବୈଠକରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ଜଗନ୍ନାଥଙ୍କ ସ୍ତୁତି ପାଠ ପୂର୍ବକ ପୂର୍ବ ବୈଠିକର ବିବରଣୀ, ଆୟ ବ୍ୟୟ ଉପସ୍ଥାପିତ କରିଥିଲେ। ଏହି ଆଲୋଚନାରେ ସମିତିର ସହ ପରିଚାଳକ ସୁଦର୍ଶନ ପଣ୍ଡା, ସହ ଆବାହକ ବାବୁଲା ଦାସ, ବରିଷ୍ଠ ଉପଦେଷ୍ଟା, ସନ୍ତୋଷ କୁମାର ଦାଶ, ସନେଇ ଶିହଳ, କାହ୍ନୁଚରଣ ଦାଶ, କୋଷାଧକ୍ଷ ଲକ୍ଷ୍ମୀଧର ଖଟୁଆ, ହିସାବ ରକ୍ଷକ ପ୍ରଶାନ୍ତ କୁମାର ଦେ, ରାଜେନ୍ଦ୍ର ଅଗସ୍ତି ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## କଳା ପଲସର ଆତଙ୍କ: ମଛଡ଼ିହାଠାରେ ଯୁବକଙ୍କଠୁ ଲୁଟିନେଲେ ୮.୪୦ଲକ୍ଷ

ବସ୍ତା, ୨୯/୩ (ନି.ପ୍ର): ବସ୍ତା ଥାନା ଅଧିନସ୍ଥ ମଛଡ଼ିହା ନିକଟରୁ ଆଜି ଜଣେ ଯୁବକଙ୍କ ନିକଟରୁ ୮ଲକ୍ଷ ୪୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି ଲୁଟେରା। ଏହି ଥାନା ଧପାକନ୍ଦ ଗ୍ରାମର ହେମନ୍ତ କୁମାର ବିଶ୍ୱାଳ ନଳବାହାରଠାରେ ଥିବା ତାଙ୍କର ଏଟିଏମ୍‌ରେ ପଇସା ସରିଯାଇଥିବାରୁ ସେ ପଇସା ଉଠାଇବା ପାଇଁ ଭାରତୀୟ ଷ୍ଟେଟବ୍ୟାଙ୍କ ଶ୍ରୀରାମପୁର ଶାଖାକୁ ଦିନ ୨ଟା ସମୟରେ ଆସିଥିଲେ। ସେ ବ୍ୟାଙ୍କରୁ ୮ଲକ୍ଷ ୪୦ ହଜାର ଟଙ୍କା ଉଠାଇ ଯାଉଥିବା ବେଳେ ମଛଡିହା ନିକଟରେ ଦୁଇଟି କଳା ପଲସର୍ ରେ ତିନିଜଣ ଦୁର୍ବୃତ୍ତ ମୁହଁରେ କଳା କନା ବାନ୍ଧି ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରୁ ସମସ୍ତ ଟଙ୍କା ନେଇ ଚଂପଟ ମାରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବସ୍ତା ପୁଲିସ ସେଠାରେ ପହଞ୍ଚିଥିଲା। ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରଣଜିତ୍ କୁମାର ସାହୁ ସୂଚନା ଦେଇଥିବା ବେଳେ ଲୁଟେରା ମାନଙ୍କୁ ନିଶ୍ଚିତ ଧରାଯିବ ବୋଲି କହିଛନ୍ତି।

## ଭାଲୁକାଶୁଣୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ନୀଳଗିରି, ୨୯/୩ (ନି.ପ୍ର): ନୀଳଗିରି ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତ ଭାଲୁକାଶୁଣୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ସ୍କୁଲର ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ଖାଲପାଳିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ନୀଳଗିର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକସଂଘର ସଭାପତି ଅଭୟ କୁମାର ଦାସ ଯୋଗଦେଇ ଶିକ୍ଷା ହେଉଛି ଛାତ୍ରଛାତ୍ରୀଙ୍କ ଜୀବନର ମେରୁଦଣ୍ଡ ବୋଲି ବକ୍ତବ୍ୟ ଦେଇଥିଲେ।ସମ୍ମାନୀତଅତିଥି ଭାବେ ନରଣପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରୂପକ କୁମାର ପସା ,ସ୍ଥାନୀୟ ନାଏବ ସରପଞ୍ଚ ସାରମଣୀ ସିଂ,ସ୍କୁଲ ପରିଚାଳନା କମିଟିର ସଭାପତି ଅଭିରାମ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।ଶିକ୍ଷକ ଅକ୍ଷୟ କୁମାର ଦାସ ବାର୍ଷିକ ବିବରଣୀ ପଠନକରିବା ସହ ଅତିଥିପରିଚୟ ପ୍ରଦାନ କରିଥିଲେ।ବାର୍ଷିକ କ୍ରୀଡାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ଘାସିରାମ ପୂର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଜୁନିଅର ରେଡ଼କ୍ରସ ଅଣତାଲିମପ୍ରାପ୍ତ କାଉନସେଲରମାନଙ୍କ ତାଲିମ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରିପଦା, ୨୯/୩ (ନି.ପ୍ର): ଇଣ୍ଡିଆନ ରେଡକ୍ରସ ସୋସାଇଟି, ଓଡିଶା ରାଜ୍ୟ ଶାଖା ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୁଲ୍ୟରେ ତିନି ଧରି ଚାଲିଥିବା ଜିଲ୍ଲାସ୍ତରୀୟ ଜୁନିଅର ରେଡ଼କ୍ରସ ଅଣତାଲିମପ୍ରାପ୍ତ କାଉନସେଲର ମାନଙ୍କ ପ୍ରଶିକ୍ଷଣ ଶିବିର କୁଳିଅଣା ବ୍ଲକସ୍ଥିତ ଆଦିତ୍ୟ କାନୁନଗୋ ସରକାରୀ ଉଚ୍ଚ ବିଦ୍ୟାପୀଠ, ହାତୀମଡା ଠାରେ ଉଦଯାପିତ ହୋଇଯାଇଛି । ଜୁନିଅର ରେଡ଼କ୍ରସ ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇ ଶିକ୍ଷକଶିକ୍ଷୟତ୍ରୀମାନଙ୍କୁ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ କହିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଓ ଯୁଥ ରେଡ଼କ୍ରସ କାଉନସେଲର ତଥା ପ୍ରାଣୀ ବିଜ୍ଞାନର ଅଧ୍ୟାପକ ଡ଼ ଅନ୍ନପୂର୍ଣ୍ଣା ଧଳ ଯୋଗଦେଇଥିଲେ । ଜୁନିଅର ରେଡ଼କ୍ରସ ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକ ତିନି ଦିନ ଶିବିରର ବିବରଣୀ ଉଲ୍ଲେଖ କରିଥିଲେ । ନୂତନ କାଉନସେଲର ମାନଙ୍କୁ ଜୁନିଅର ରେଡ଼କ୍ରସ ର ଶପଥପାଠ ସହ ସ୍କାରଫ ଓ ଅଗୁଲ ପିନ୍ଧାଇ ପ୍ରମାଣପତ୍ର ଓ ଜୁନିଅର ରେଡ଼କ୍ରସର ବେନିୟନ ପ୍ରଦାନ କରାଯାଇଥିଲା । ଅତିଥିପରିଚୟ ଜିଲ୍ଲା ଜୁନିଅର ରେଡ଼କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, କାର୍ଯ୍ୟକ୍ରମ ସଂଯୋଜନା ରାଜ୍ୟର ଅନ୍ୟତମ ବରିଷ୍ଠ ସାଧନକର୍ମୀ ତଥା ମୟୂରଭଞ୍ଜ ଜିଲ୍ଲା ପ୍ରୋଗ୍ରାମ ଅଫିସର ସାଧନକର୍ମୀ ଉମାକାନ୍ତ ବେହେରା, ଧନ୍ୟବାଦ




ଅର୍ପଣ ଜୁନିଅର ରେଡ଼କ୍ରସ ଜିଲ୍ଲା ସଂଯୋଜକ ଡ଼ ଶଶୀଧର ବିଶ୍ୱାଳ କରିଥିଲେ । ଶିବିରରେ ପ୍ରଶିକ୍ଷକ ଭାବେ ରାଜ୍ୟ ସାଧନକର୍ମୀ ବାମନ ଚରଣ ମହାନ୍ତି , ରାଜ୍ୟ ସାଧନ କର୍ମୀ ଉମାକାନ୍ତ ବେହେରା , ରାଜ୍ୟ ସାଧନକର୍ମୀ ସତ୍ୟନାରାୟଣ ଦାସ , ରାଜ୍ୟ ସାଧନକର୍ମୀ ଡ଼ ଶଶୀଧର ବିଶ୍ୱାଳ , ରାଜ୍ୟ ସାଧନକର୍ମୀ ଡ଼ ରମାକାନ୍ତ ମହାନ୍ତ, ଓଷ୍ଟା ଶିକ୍ଷକ ସଙ୍ଘର ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା, ବରିଷ୍ଠ ସେଣ୍ଟ୍ରାଲ ଅଫିସିଆଲ ହରିଶ୍ଚନ୍ଦ୍ର ରାଉତ,ଜିଲ୍ଲା ପ୍ରଶିକ୍ଷକ ଦୀପକ ରାମ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ମିତା ହାଁସଦା ପ୍ରମୁଖ ନୂତନ ତାଲିମପ୍ରାପ୍ତ କାଉନସେଲର ମାନଙ୍କୁ ବିଶ୍ୱ ଭାତୃତା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ସେଣ୍ଟ୍ରାଲ ଅଫିସିଆଲ ପଙ୍କଜ ବେହେରା, ବୀରେନ୍ଦ୍ର ଦଳେଇ, ମନୋରଞ୍ଜନ ମହାନ୍ତ,ଆୟୋଜକ ବିଦ୍ୟାଳୟର ପିଇଟି ପ୍ରଦୀପ ଚୌଧୁରୀ, ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କଂଗ୍ରେସର ବିଧାନସଭା ଘେରାଉ ବେଳେ ଦଙ୍ଗା ମାମଲା: ଜଣେ ଗିରଫ

ଭୁବନେଶ୍ୱର, ୨୯/୩ (ନି.ପ୍ର): ବିଧାନସଭା ଘେରାଉ ବେଳେ କଂଗ୍ରେସ କର୍ମୀଙ୍କ ଦଙ୍ଗା କରିବା ଘଟଣାରେ ଜଣେ ଅଭିଯୁକ୍ତକୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନହରକଂଟାର ମିର୍ଜା ଇସଲାମ ବେଗ।ତାଙ୍କ ନାଁରେ କ୍ୟାପିଟାଲ ଥାନାରେ ମାମଲା ରୁଜୁ ହୋଇଛି। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଏହି ସୂଚନା ଦେଇଛନ୍ତି।
ସେ କହିଛନ୍ତି ଯେଉଁ ଯେଉଁ ମାନେ ଆଟାକ କରିଥିଲେ ସେମାନଙ୍କୁ ମଧ ଚିହ୍ନଟ କରାଯାଇଛି। ଅନେକ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

## ବାବା ନିଖିରେଶ୍ୱର ପୀଠରେ ଘଟିଲା ଅଲୌକିକ : ବାବାଙ୍କ ସ୍ୱପ୍ନାଦେଶ ପରେ ବଦଳିଲା ଦୀର୍ଘ ବର୍ଷର ଥମିକାଠ

ବାଲିଆପାଳ, ୨୯/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ନିଖିରା ଗ୍ରାମରେ ଅବସ୍ଥିତ ସର୍ବପୁରାତନ ସ୍ୱୟମ୍ଭୁ ବାବା ବାବା ନିଖିରେଶ୍ୱର ଙ୍କ ଚଡକ ମେଳା ଆଉ ଦୁଇ ଦିନ ପରେ ଆରମ୍ଭ ହେବାକୁ ଯାଉଥିବା ବେଳେ ବାବା ନିଖିରେଶ୍ୱର ପୀଠରେ ଏକ ଅଲୌକିକ ଘଟଣା ଦେଖାଯାଇଛି । ବାବାଙ୍କ ସ୍ୱପ୍ନାଦେଶ ହେବା ପରେ ଦୀର୍ଘ ବର୍ଷର ଥମିକାଠଟିକୁ ପରିବର୍ତ୍ତନ କରାଯାଇଛି । ମନ୍ଦିର ପୂଜକଙ୍କୁ ଏନେଇ ସ୍ୱପ୍ନାଦେଶ ହୋଇଥିଲା । ନିଖିରା ପଞ୍ଚାୟତ ଅଧିନସ୍ଥ ପାଳବେଗୁନିଆ ହରିଜନ ସାହିର ସୁଶୀଳ ମୁଖୀ ନିଜ ବାଡିରେ ଥିବା ନିମ୍ବ ଗଛ ଟିକୁ ଥମିକାଠ ପାଇଁ ଦାନ କରିଥିଲେ । ଶୁକ୍ରବାର ସକାଳୁ କମିଟି ସଦସ୍ୟ,୧୩ଭକ୍ତା ତଥା



ଅଂଚଳବାସୀମାନେ ହରିନାମ ସଂକୀର୍ତ୍ତନ କରି ବାବାଙ୍କ ନାମ ଧରି ପାଳବେଗୁନିଆ ହରିଜନ ସାହିରେ ପହଞ୍ଚିଥିଲେ । ସେଠାରେ ବାବାଙ୍କ ସମସ୍ତ ନୀତିକ୍ରାନ୍ତୀ ପୂଜା ଅନୁଷ୍ଠିତ ହେବା ସହ ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନେ ନୂତନ ଥମିକାଠଟିକୁ କାନ୍ଧେଇ ବିରାଟ ଶୋଭାଯାତ୍ରାରେ ମନ୍ଦିର ପାଖରେ ପହଞ୍ଚିଥିଲେ । ସେଠାରେ ମନ୍ଦିର ପରିକ୍ରମା କରିବା ପରେ ନୀଳପୋଖରୀରେ ଥମିକାଠ କୁ ରଖାଯାଇଥିଲା । ଗ୍ରାମର ମହିଳାମାନେ ଝୁଣା ସରା ମୁଣ୍ଡାଇ ବାବା ବଜାଇ ବାବା ଧ୍ୱନୀରେ ଅଂଚଳ ପୁରା ପ୍ରକମ୍ପିତ ହୋଇଥିଲା । ଶେଷରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ବାବା ନିଖିରେଶ୍ୱର ଚଡକମେଳା କମିଟି ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

## ବିଦ୍ୟାଳୟ ସହ ଅବିଭାବକଙ୍କ ସହ ବଢୁଛି ସଂପର୍କ

ଜଳେଶ୍ୱର, ୨୯/୩ (ନି.ପ୍ର): ଜଳେଶ୍ୱର ବ୍ଲକ ରାଇବଣିଆ ପଞ୍ଚାୟତର ଥିବା ସରକାରୀ ଆଶ୍ରମ ବିଦ୍ୟାଳୟର ଅବିଭାବକଙ୍କ ମାନଙ୍କୁ ନେଇ ଓଡ଼ିଶା ସରକାରଙ୍କ ଶିକ୍ଷାବିଭାଗ ଦ୍ୱାରା ପି ଏ ପି କାର୍ଯ୍ୟକ୍ରମର ସଫଳତା ଧିରେ ଧିରେ ଏହି ବିଦ୍ୟାଳୟରେ ଦେଖାଯାଉଛି ।ଏହି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନବ କୁମାର ସାହୁଙ୍କ ଦ୍ୱାରା ଅକ୍ଳାନ୍ତ ଚେଷ୍ଟାରେ ଅବିଭାବକଙ୍କୁ ଏକତ୍ରିତ କରି ବିଦ୍ୟାଳୟର ସ୍ଥିତି ସହ ଛାତ୍ରଛାତ୍ରୀ ମାନଙ୍କ ପାଠପଢା ସଂମ୍ପର୍କରେ ଆଲୋଚନା କରିବା ଓ ଅବିଭାବକ କିପରି ବିଦ୍ୟାଳୟ ସହ ଯୋଡିହେବେ ତଥା ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବିଦ୍ୟାଳୟ ଉନ୍ନତି ନିମନ୍ତେ ଅବଗତ କରାନ୍ତି ସେ ସଂମ୍ପର୍କରେ ଆଲୋଚନା କରାଯାଇ ଥିଲା। ଆଜିର ଏହି ବୈଠକରେ ମୁଖ୍ୟ




ଅତିଥି ଭାବେ ଜଳେଶ୍ୱର ଡବ୍ଲୁ ଇ ଓ ସଜତ କୁମାର ଅନୁପମ ଯୋଗ ଦେଇ ପିଲାମାନେ କିପରି ଭଲ ପାଠପଢି ଜୀବନରେ ଭଲ ମଣିଷ ହେବେ ନୀତିଶିକ୍ଷା ଦେଇ ନିଜ ଜୀବନର କିଛି ସଂଘର୍ଷ କାହାଣୀରେ ପିଲାମାନଙ୍କୁ କଠିନ ପରିଶ୍ରମ ନିଷ୍ଠାପର ଓ ଧର୍ଯ୍ୟରେ ଆଗକୁ ବଢିବେ ବୁଝାଇ ଥିଲେ ।ଏହି ବୈଠକରେ ସଭାପତିତ୍ୱ କରିଥିଲେ ଶ୍ରୀଯୁକ୍ତ ପଟେଲ ସିଂ ।ସମ୍ମାନିତ ଅତିଥି ଭାବରେ ରାଇବଣିଆ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶାରେନାଃ ମାର୍ଶାଲ (ଆଶାର ଆଲୋକ)ର ଆବାହକ ଶ୍ରୀଯୁକ୍ତ ସନ୍ତୋଷ କୁମାର ଜେନା,ଏସଏନସି କମିଟିର ଚେୟାରମ୍ୟାନ ଗୋକୁଳାନନ୍ଦ ସିଂ ଏବଂ ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ପ୍ରଧାନ,ସଶ୍ମିତା ଟୁଡୁ ଉମାକାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ ।ବୈଠକରେ ଅତିଥୀ ପରିଚୟ ଶିକ୍ଷକ ରବିନ୍ଦ୍ର କୁମାର ପ୍ରଧାନ ଓ ଧନ୍ୟବାଦ ଅର୍ପଣ ଶିକ୍ଷକ ଉମାକାନ୍ତ ବିଶ୍ୱାଳ ଦେଇଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida